ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୯/୨୦୨୫ (୧୨ ପୃଷ୍ଠା) Bhubaneswar, Friday, August 29/2025 Page 12 ₹ 7.00 | RAYAGADA
୫୧ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 274 ମୂଲ୍ୟ ₹୭/-



ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ତଳବନ୍ଧ ଗ୍ରାମରେ ୭୦ଫୁଟର ପାଣିଟାଙ୍କି ଉପରକୁ ଗୁରୁବାର ଏକ ଷଣ୍ଢ ଚଢ଼ି ଯାଇଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ପାଇଁ ଉଦ୍ୟମ କରୁଛନ୍ତି। **(ଫଟୋ: ସଞ୍ଜିତ ବଳ, ତିହିଡ଼ି)** **(ରିପୋର୍ଟ: ପୃଷ୍ଠା-୪)**

# ଦିନକରେ ୪ ଲକ୍ଷ କୋଟି ହରାଇଲେ ନିବେଶକ

**ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଟାରିଫ୍ ବୁଧବାରଠାରୁ ଲାଗୁ ହୋଇଥିବାବେଳେ ଏହାର ବଡ଼ ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ଘରୋଇ ଚାପ ଯୋଗୁ ଷ୍ଟକ୍ ମାର୍କେଟରେ ଅସ୍ଥିରତା ଲାଗି ରହିଛି। ନିବେଶକମାନେ ଅନିଶ୍ଚିତତାର ସମ୍ମୁଖୀନ ହେବା ସହ ଚିନ୍ତାରେ ପଡ଼ିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ (ବିଏସ୍‌ଇ) ଗତ ୨ ଦିନରେ ୧,୫୦୦ ପଏଣ୍ଟରୁ ଅଧିକ ଖସିଛି। ଗୁରୁବାର ସେନ୍‌ସେକ୍ସ ୭୦୬ ପଏଣ୍ଟ ହ୍ରାସ ପାଇ ୮୦,୦୮୦.୫୭ ପଏଣ୍ଟରେ କାରବାର ବନ୍ଦ ହୋଇଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ ମଧ୍ୟ ୨୧୧ ପଏଣ୍ଟ ହ୍ରାସ ପାଇ ୨୪,୫୦୦.୯୦ରେ ରହିଛି। ଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଗୋଟିଏ ଦିନରେ ୪ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି।**

**ନୂଆଦିଲ୍ଲୀ,୨୮।୮**

ଗୁରୁବାର ଟାଇଟନ୍, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଲାର୍ସନ ଆଣ୍ଡ୍ ଟୁବ୍ରୋ, ଆକ୍ସିସ୍ ବ୍ୟାଙ୍କ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଶେୟାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇଥିବାବେଳେ ବିଏସ୍‌ଇ ତାଲିକାଭୁକ୍ତ ଅନ୍ୟ ସମସ୍ତ କମ୍ପାନୀ କ୍ଷତି ସହିଛନ୍ତି। ବିଶେଷ କରି ଆଇଟି ଏବଂ ଫାଇନାନ୍ସିଆଲ ସଂସ୍ଥାଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଚ୍‌ସିଏଲ୍ ଟେକ୍‌ନୋଲୋଜିଜ୍‌ର ଶେୟାର ମୂଲ୍ୟ ୨.୮୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଇନ୍‌ଫୋସିସ୍ ୧.୯୫%, ପାୱାର ଗ୍ରୀଡ୍ ୧.୯୩%, ଟିସିଏସ୍ ୧.୮୯% ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶେୟାର ମୂଲ୍ୟ ୧.୫୫ ପ୍ରତିଶତ ହ୍ରାସ ପାଇଛି। ମଧ୍ୟମ ଓ କ୍ଷୁଦ୍ର ନିବେଶକ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସେକ୍ଟର ଅନୁଯାୟୀ ଦେଖିଲେ କଞ୍ଜୁମର ଡ୍ୟୁରେବଲ୍ ୦.୪୯ ପ୍ରତିଶତ ଲାଭରେ ଥିବାବେଳେ ପିଏସ୍‌ୟୁ ବ୍ୟାଙ୍କଗୁଡ଼ିକର ଶେୟାର ମୂଲ୍ୟ ୦.୩୩ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଆଇଟି, ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି ଏବଂ ଟେଲିକମ୍ ସେକ୍ଟର ☞ପୃଷ୍ଠା-୪

## ଟ୍ରମ୍ପଙ୍କ ଟାରିଫ୍ ପ୍ରଭାବ

୨ ଦିନରେ ସେନ୍‌ସେକ୍ସ ୧୫୦୦ ପଏଣ୍ଟ ହ୍ରାସ




# ୟୁକ୍ରେନ୍ ଯୁଦ୍ଧ ପାଇଁ ମୋଦି ଦାୟୀ: ପିଟର ନାଭାରୋ

**ନ୍ୟୁୟର୍କ/ୱାଶିଂଟନ,୨୮।୮(ପି.ଟି.)**

ୟୁକ୍ରେନ୍ ସଂଘର୍ଷକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଉପଦେଷ୍ଟା ପିଟର ନାଭାରୋ 'ମୋଦିଙ୍କ ଯୁଦ୍ଧ' ବୋଲି କହିଛନ୍ତି। ଶାନ୍ତିର ରାସ୍ତା ଆଂଶିକ ଭାବେ ନୂଆଦିଲ୍ଲୀ ହୋଇ ଯାଉଥିବା ସେ କହିଛନ୍ତି। ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ବାଣିଜ୍ୟ ଓ ଉତ୍ପାଦନ ପରାମର୍ଶଦାତା ନାଭାରୋ ବୁଧବାର ବ୍ଲୁମ୍‌ବର୍ଗକୁ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ରୁଷିଆର ଯୁଦ୍ଧ ମେଶିନ୍ ଚଳାଇବାରେ ଭାରତ ସହାୟତା କରୁଛି। ଭାରତ ପାଇଁ ଆମେରିକାର ବ୍ୟବସାୟୀ, ଉପଭୋକ୍ତା, କର୍ମଚାରୀଙ୍କ ସମେତ ପ୍ରତ୍ୟେକେ କ୍ଷତି ସହୁଛନ୍ତି। ଭାରତର ଉଚ୍ଚ ଟାରିଫ୍ ଯୋଗୁ ଆମେରିକୀୟଙ୍କୁ ନିଯୁକ୍ତି ☞ପୃଷ୍ଠା-୪

# ରାଜ୍ୟରେ ଚାଲିବ ୧୦୦୦ ଇ-ବସ୍

**ଭୁବନେଶ୍ୱର,୨୮।୮(ବନ୍ଦନା ସେଠୀ)**

ଓଡ଼ିଶା ଇଲେକ୍ଟ୍ରିକ୍ ବସ୍ (ଇ-ବସ୍) ଚଳାଚଳରେ ଦେଶରେ ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି। ରାଜ୍ୟରେ ଏବେ ୪୫୦ଟି ଇ-ବସ୍ ଚଳାଚଳ କରୁଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା

## ୪୫୦ ଇ-ବସ୍ ସହ ପଞ୍ଚମ ସ୍ଥାନରେ ଓଡ଼ିଶା

୧୦୦୦ ଅତିକ୍ରମ କରିବାକୁ ଯୋଜନା କରାଯାଇଛି। ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଗୃହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନ୍ୟାୟ ପାଇଁ ସଂଗ୍ରାମ

# ସମୁଦ୍ରରେ ପହଁରି ୭ଦିନ ପରେ ଫେରିଲେ ୪ ମତ୍ସ୍ୟଜୀବୀ

**ବାସୁଦେବପୁର,୨୮।୮(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୂଡ଼ାମଣି ଗ୍ରାମର ୪ଜଣ ମତ୍ସ୍ୟଜୀବୀ ଗତ ୨୧ ତାରିଖରୁ ମାଛ ଧରିବାକୁ ଯାଇ ସମୁଦ୍ରରେ ଫସି ରହିଥିଲେ। ବୋଟ୍ ବୁଡ଼ିଯିବାରୁ ସେମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ପହଁରି ପହଁରି ୭ଦିନ ପରେ ବୁଧବାର ରାତିରେ କୂଳକୁ ଫେରିଛନ୍ତି। ସେମାନେ ହେଲେ ଗ୍ରାମର ପ୍ରକାଶ ମଳିକ(୩୪), ସପନ ମଳିକ (୭୦), ବନ ମଳିକ(୨୭) ଓ ପବନ ମଳିକ(୫୫)। ମତ୍ସ୍ୟଜୀବୀମାନଙ୍କ କହିବା ଅନୁଯାୟୀ, ସେମାନେ ଚୂଡ଼ାମଣି ମୁହାଣରୁ ହିଡ଼ିମ୍ବା ନାମକ ଏକ ବୋଟ୍‌ରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ବାଲିମୁଣ୍ଡା ସୁନାମୁହିଁ ସଂଲଗ୍ନ ସମୁଦ୍ରରେ ମାଛ ମାରୁଥିବା ବେଳେ ୨୩ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବୋଟ୍‌ଟି ବୁଡ଼ିଯାଇଥିଲା। ମାଛ ରଖିବା ପାଇଁ ☞ପୃଷ୍ଠା-୪






## ପାଲଘରରେ କୋଠା ଭୁଶୁଡ଼ିବା ଘଟଣା, ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି

**ମୁମ୍ବାଇ, ୨୮।୮**

ମହାରାଷ୍ଟ୍ର ପାଲ୍‌ଘର ଜିଲାଭିରାରଠାରେ ବୁଧବାର ୫୦ ଫ୍ଲାଟ ବିଶିଷ୍ଟ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ଏହି ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ବସାଇ–ଭିରାର ମ୍ୟୁନସିପାଲ କର୍ପୋରେଶନ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇ ଭଗ୍ନାବଶେଷ ତଳୁ ଅନେକ ମୃତଦେହ ବାହାର କରାଯାଇଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଗୁରୁବାର ଘୋଷଣା କରିଛନ୍ତି। ବସାଇ–ଭିରାର ମ୍ୟୁନିସିପାଲ୍ କର୍ପୋରେଶନ୍‌ର ଅଭିଯୋଗକ୍ରମେ ବୁଧବାର ପୋଲିସ ଉକ୍ତ କୋଠାର ବିଲ୍ଡରଙ୍କୁ ଗିରଫ କରିଥିଲା।

## ଦିଲ୍ଲୀରେ ଆଜି



ଦିଲ୍ଲୀରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରିବା ପରେ ଗୁରୁବାର ବନ୍ୟା ଚେତାବନୀ ଜାରି କରାଯାଇଛି। (ଫଟୋ–ଚମନ ଗୌତମ)

## ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

**ଗଡ଼ଚିରୋଲି, ୨୮।୮ (ପି.ଟି.)**

ମହାରାଷ୍ଟ୍ର ଗଡ଼ଚିରୋଲି ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଛନ୍ତି। ଏହି ହାର୍ଡକୋର ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଲେ ମୋଟ ୧୪ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଭମ୍ରାଗଡ଼ ସବଡ଼ିଭିଜନ ଅନ୍ତର୍ଗତ କୋପାର୍ଶି ଜଙ୍ଗଲରେ ଗଡ଼ଚିରୋଲି ଡିଭିଜନ ଗଟ୍ଟା ଏଲ୍‌ଓଏସ୍‌ର ମାଓବାଦୀମାନେ ଲୁଚି ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇବା ପରେ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପି (ଅପରେଶନ) ଏମ୍ ରମେଶଙ୍କ ନେତୃତ୍ୱରେ ପୋଲିସ ଏବଂ ସିଆର୍‌ପିଏଫ୍‌ର ଯବାନମାନେ ଅଭିଯାନରେ ସାମିଲ ହୋଇଥିଲେ। ବୁଧବାର ସର୍ଚ୍ଚ ଅପରେଶନ ବେଳେ ମାଓବାଦୀଙ୍କ ସହ ଗୁଳିବିନିମୟ ହୋଇଥିଲା। ସୁରକ୍ଷା ବଳ ଗୁଳିରେ ମାଲୁ ପଡା(୪୧), କ୍ରାନ୍ତି ଓରଫ ଯମୁନା ହାଲାମି(୩୨), ଜ୍ୟୋତି କୁଞ୍ଜମ୍(୨୭) ଏବଂ ମାଙ୍ଗି ମାଡକାମ୍ (୨୨) ନିହତ ହୋଇଛନ୍ତି।

## ଆମେରିକୀୟ ରାପରଙ୍କ ସହ ଦୁବାଇ ପ୍ରିନ୍ସେସ୍‌ଙ୍କ ନିର୍ବନ୍ଧ

**ପୂର୍ବ ସ୍ୱାମୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଛାଡ଼ପତ୍ର ଦେଇଥିଲେ**



ପ୍ରିନ୍ସେସ୍ ଶେଖ୍ ମହରା

**ଦୁବାଇ, ୨୮।୮**

ଦୁବାଇ ଶାସକ ତଥା ୟୁଏଇ ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକତୁମଙ୍କ ଝିଅ ତଥା ପ୍ରିନ୍ସେସ୍ ଶେଖ୍ ମହରା ମହମ୍ମଦ ରାଶିଦ ଅଲ୍ ମକତୁମ (୩୧)ଙ୍କର ମରୋକ୍କାନ–ଆମେରିକୀୟ ରାପର ଫ୍ରେଞ୍ଚ୍ ମୋଣ୍ଟାନା (୪୦)ଙ୍କ ସହ ନିର୍ବନ୍ଧ ହୋଇଛି। ଏନେଇ ଗୁରୁବାର ମୋଣ୍ଟାନାଙ୍କ ସହଯୋଗୀ କରିମ ଖର୍‌ବୁଚ ସୂଚନା ଦେଇ କହିଛନ୍ତି, ଗତ ଜୁନ୍‌ରେ ପ୍ୟାରିସ୍ ଫେଶନ ଉଇକ୍ କାର୍ଯ୍ୟକ୍ରମରେ ମୋଣ୍ଟାନା ମହରାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ସେ ଗ୍ରହଣ କରିଥିଲେ। ମହରା ଗତବର୍ଷ ଜୁଲାଇରେ ତାଙ୍କ ପୂର୍ବ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦଙ୍କୁ ଇନ୍‌ଷ୍ଟାଗ୍ରାମରେ ଛାଡ଼ପତ୍ର ଦେଇଥିଲେ। ମହରା ଇନ୍‌ଷ୍ଟାଗ୍ରାମରେ ଲେଖିଥିଲେ, 'ଏବେ ତୁମେ ଅନ୍ୟମାନଙ୍କ ସହ ବ୍ୟସ୍ତ ଥିବ। ତେଣୁ ମୁଁ ତୁମକୁ ଛାଡ଼ପତ୍ର ଦେଉଛି।' ଏହାପରେ ସେ ଡାଇଭର୍ସ ନାମରେ ଏକ ପର୍ଫ୍ୟୁମ ଲଞ୍ଚ୍ କରିଥିଲେ।

# ୩ ସନ୍ତାନ ନୀତିକୁ ଭାଗବତଙ୍କ ଗୁରୁତ୍ୱ

**'୭୫ ବର୍ଷ ଅବସର ବୟସ କେବେ କହିନାହୁଁ'**

**ନୂଆଦିଲ୍ଲୀ, ୨୮।୮**

ଭାରତୀୟ ମାତାପିତା ୩ ସନ୍ତାନ ଜନ୍ମ କରିବା ସପକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଗୁରୁବାର ଗୁରୁତ୍ୱାରୋପ କରିଛନ୍ତି। ଜନସଂଖ୍ୟାରେ ସ୍ଥିରତା ବଜାୟ ରଖିବା ସହ ହ୍ରାସକୁ ରୋକିବା ପାଇଁ ଏହା ଜରୁରୀ ବୋଲି ସେ କହିଛନ୍ତି। ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୩ ଦିନିଆ ସମ୍ମିଳନୀ ଶେଷରେ ଭାଗବତ ଗଣମାଧ୍ୟମକୁ କହିଥିଲେ, ଦେଶରେ ଜନ୍ମହାର ୨.୧ ରହିଥିବାବେଳେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତର ୨.୧ ସନ୍ତାନ ଜନସଂଖ୍ୟା ନୀତି ମୋଟାମୋଟି ଭାବେ ଭଲ। କିନ୍ତୁ ଆପଣ କଦାପି ୦.୧ ପିଲା କରିପାରିବେ ନାହିଁ। ଗଣିତରେ ୨.୧କୁ ୨ ଧରାଯାଇଥାଏ। ସନ୍ତାନ ଜନ୍ମ କ୍ଷେତ୍ରରେ ଏହା ୨ ପରେ ୩ ହୋଇଥାଏ ବୋଲି ଡାକ୍ତରମାନେ କହିଥିବା ଭାଗବତ ଉଲ୍ଲେଖ କରିଛନ୍ତି। ୨.୧ ଜନ୍ମହାର ବଜାୟ ରଖୁଥିବା ସମ୍ପ୍ରଦାୟ ଧୀରେ ଧୀରେ ଲୋପ ପାଇଯିବେ। ତେଣୁ ଜନ୍ମହାର ୩ ବଜାୟ ରଖିବାକୁ ହେବ। ଉପଯୁକ୍ତ ବୟସରେ ବିବାହ କରିବା ସହ ୩ ସନ୍ତାନ ଜନ୍ମ କରିବା ଉଭୟ ମାତାପିତା ଓ ସନ୍ତାନଙ୍କ ସୁସ୍ଥତାକୁ ସୁନିଶ୍ଚିତ କରିବ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ୭୫ତମ ଜନ୍ମଦିବସ ପାଳନ କରିବାକୁ ଯାଉଥିବାରୁ ଏହା ପରେ ସେ ଅବସର ନେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଭାଗବତ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଭାଜପା ଓ ଏହାର ଆଦର୍ଶଗତ ଗୁରୁ ଆର୍‌ଏସ୍‌ଏସ୍ ଭିତରେ ଏଭଳି ଅଲିଖିତ ନିୟମ ନ ଥିବା ସେ କହିଛନ୍ତି। ଭାଗବତ କହିଛନ୍ତି, ୬ ଦିନ ପରେ ସେ ୭୫ ବର୍ଷରେ ପଦାର୍ପଣ କରିବେ। ସେ ୭୫ ବର୍ଷ ବୟସରେ ପହଞ୍ଚିଲେ କିମ୍ବା ଅନ୍ୟ କେହି ଏହି ବୟସରେ ଉପନୀତ ହେଲେ



ମୋହନ ଭାଗବତ

ଅବସର ନେବା କଥା ସେ କେବେ କହି ନାହାନ୍ତି। ୭୫ ବର୍ଷରେ ମୋଦି ଅବସର ନେବା ନେଇ କୌଣସି ନିୟମ ନ ଥିବା ଭାଜପା ବାରମ୍ବାର କହିଆସୁଥିଲା।

ସେହିପରି ଭାଜପାର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନରେ ଆର୍‌ଏସ୍‌ଏସ୍‌ର କୌଣସି ଭୂମିକା ନ ଥିବା ଭାଗବତ ସ୍ପଷ୍ଟ କରିଦେଇଛନ୍ତି। ଭାଜପା ପାଇଁ ସବୁକିଛି ନିଷ୍ପତ୍ତି ଆର୍‌ଏସ୍‌ଏସ୍ ନେଉଥିବା ନେଇ ଯେଉଁ ଧାରଣା ରହିଆସିଛି, ତାହା ସମ୍ପୂର୍ଣ୍ଣ ଭୁଲ୍। ଆମେ ଦଳକୁ ପ୍ରସ୍ତାବ ଦେଇଥାଉ ଏବଂ ସେମାନେ ଏହା ଉପରେ ନିଷ୍ପତ୍ତି ନେଇଥାନ୍ତି ବୋଲି ଭାଗବତ କହିଛନ୍ତି।

ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନଭବନରେ ମଙ୍ଗଳବାରଠାରୁ ଏକ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନରେ ସରସଂଘଚାଳକ ଭାଗବତ ଭବିଷ୍ୟତ ଭାରତ ଓ ସ୍ୱୟଂସେବକମାନଙ୍କ ଭୂମିକା ଉପରେ ନିଜ ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ଏହି ଉତ୍ସବରେ ବୁଧବାର ପ୍ରାୟ ୨ ଡଜନ ଦୂତାବାସର ୫୦ରୁ ଉର୍ଦ୍ଧ୍ୱ କୂଟନୀତିଜ୍ଞ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଆମେରିକାର ଫାଷ୍ଟ ସେକ୍ରେଟାରି ଗେରି ଆପଲଗର୍ଥ, ଆମେରିକାର ମିନିଷ୍ଟର–କାଉନ୍‌ସେଲର ରାଜନୈତିକ ବ୍ୟାପାର ଆରୋନ୍ କୋପ୍, ଚାଇନାର ମିନିଷ୍ଟର କାଉନ୍‌ସେଲର ଝୌ ଗୁଓହୁଇ, ରୁଷିଆର ଫାଷ୍ଟ ସେକ୍ରେଟାରି ମିଖାଇଲ ଜୟତ୍ସେଭ୍, ଶ୍ରୀଲଙ୍କା ହାଇକମିଶନର ପ୍ରଦୀପ ମୋହସିନି ଓ ମାଲେସିଆ ହାଇକମିଶନର ଦାତୋ ମୁଜାଫର।

## ବିହାରରେ ପଶିଛନ୍ତି ୩ ପାକିସ୍ତାନୀ ଆତଙ୍କବାଦୀ



ହାସନୈନ ଅଲି | ଆଦିଲ ହୁସେନ୍ | ମହମ୍ମଦ ଉସ୍‌ମାନ

**ପାଟନା, ୨୮।୮ (ପି.ଟି.)**

ବିହାରରେ ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ସେଠାକୁ ହାଇପ୍ରୋଫାଇଲ୍ ନେତାଙ୍କ ଗସ୍ତ ଜାରି ରହିଥିବାବେଳେ ପାକିସ୍ତାନରୁ ୩ ଜଣ ଜୈଶ–ଇ–ମହମ୍ମଦ ଆତଙ୍କବାଦୀ ଉକ୍ତ ରାଜ୍ୟରେ ପ୍ରବେଶ କରିଛନ୍ତି। ଗୋଇନ୍ଦା ବିଭାଗରୁ ଏହି ସୂଚନା ମିଳିବା ପରେ ବିହାର ପୋଲିସ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଜିଲା ପୋଲିସଙ୍କୁ ଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଜୈଶ–ଇ–ମହମ୍ମଦର ୩ ଆତଙ୍କବାଦୀଙ୍କ ପାକିସ୍ତାନ ରାୱଲପିଣ୍ଡିର ହାସନୈନ ଅଲି, ଉମରକୋଟ୍‌ର ଆଦିଲ ହୁସେନ୍ ଏବଂ ବାହାବଲପୁରର ମହମ୍ମଦ ଉସ୍‌ମାନଙ୍କ ନାଁ ଓ ଫଟୋ ଜାରି କରାଯାଇଛି। ସେମାନେ ନେପାଳ ଦେଇ ଅନୁପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ଆଗାମୀ

**ଗୋଇନ୍ଦା ସୂଚନା ପରେ ହାଇ ଆଲର୍ଟ**

ନିର୍ବାଚନରେ ବାଧା ସୃଷ୍ଟି କରିବା ନିମନ୍ତେ ସେମାନେ ଯୋଜନା କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ଏବଂ ତଲାସି ଅଭିଯାନ ବଢ଼ାଇବାକୁ କୁହାଯାଇଛି। ରାଜଗିରି, ବୋଧଗୟା, ପାଟନା ଓ ଅନ୍ୟାନ୍ୟ ସହରର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ପୂର୍ବ ଚମ୍ପାରନ୍ ଜିଲା ପୋଲିସ ଆତଙ୍କବାଦୀଙ୍କ ଫଟୋ ଜାରି କରି ଆବଶ୍ୟକ ତଥ୍ୟ ଦେଲେ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି। ସୂଚନା ପ୍ରଦାନ ପାଇଁ ୩ଟି ଫୋନ୍ ନମ୍ବର ଦିଆଯାଇଛି।

## ମହିଳାଙ୍କ ପାଇଁ ଭୁବନେଶ୍ୱର ନିରାପଦ ସହର

**ନୂଆଦିଲ୍ଲୀ, ୨୮।୮**

ମହିଳାମାନଙ୍କ ପାଇଁ ଦେଶର ସବୁଠୁ ନିରାପଦ ସହର ମଧ୍ୟରେ ଭୁବନେଶ୍ୱର ସମେତ କୋହିମା, ବିଶାଖାପଟଣା, ଐଜୱଲ, ଗାଙ୍ଗଟକ୍, ଇଟାନଗର ଏବଂ ମୁମ୍ବାଇ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର, ଫରିଦାବାଦ, ଦିଲ୍ଲୀ, କୋଲକାତା, ଶ୍ରୀନଗର ଏବଂ ରାଞ୍ଚି ସବୁଠୁ ନିମ୍ନ ର୍‍ୟାଙ୍କରେ ରହିଥିବା ଜାତୀୟ ମହିଳା ସୁରକ୍ଷା ବାର୍ଷିକ ରିପୋର୍ଟ ଓ ସୂଚକାଙ୍କ (ଏନ୍‌ଏଆର୍‌ଆଇ) ୨୦୨୫ରୁ ଜଣାପଡ଼ିଛି। ଦେଶବ୍ୟାପୀ ୩୧ ସହରରୁ ୧୨,୭୭୦ ମହିଳାଙ୍କୁ ସର୍ଭେରେ ସାମିଲ କରାଯାଇଥିଲା। ସେମାନଙ୍କ ମତାମତ ଆଧାରରେ ପ୍ରସ୍ତୁତ ହୋଇଥିବା ଜାତୀୟସ୍ତରୀୟ ସୂଚକାଙ୍କ ଗୁରୁବାର ପ୍ରକାଶ ପାଇଛି। ଭୁବନେଶ୍ୱର, କୋହିମା ଓ ଶୀର୍ଷ ର୍‍ୟାଙ୍କରେ ଥିବା ଅନ୍ୟ ସହରଗୁଡ଼ିକରେ ଲିଙ୍ଗଗତ ସମାନତା, ନାଗରିକ ଅଂଶଗ୍ରହଣ, ନୀତି ନିର୍ଦ୍ଧାରଣ, ମହିଳା ଅନୁକୂଳ ଭିତ୍ତିଭୂମିରେ ସୁଦୃଢ଼ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର ଭଳି ସହର ଦୁର୍ବଳ ଆନୁଷ୍ଠାନିକ ଉତ୍ତରଦାୟିତ୍ୱ, ପିତୃସତ୍ତାତ୍ମକ ମାନଦଣ୍ଡ ଏବଂ ସହରାଞ୍ଚଳ ଭିତ୍ତିଭୂମିରେ ପାର୍ଥକ୍ୟ ଯୋଗୁ ଖରାପ ର୍‍ୟାଙ୍କରେ ରହିଛନ୍ତି।

ସର୍ଭେରେ ଭାଗନେଇଥିବା ପ୍ରତି ୧୦ ମହିଳାଙ୍କ ମଧ୍ୟରୁ ୬ ଜଣ ସେମାନଙ୍କ ସହରରେ ସୁରକ୍ଷିତ ଅନୁଭବ କରୁଥିବା କହିଥିବାବେଳେ ୪୦% ସେତେଟା ସୁରକ୍ଷିତ ନୁହନ୍ତି କିମ୍ବା ଅସୁରକ୍ଷିତ ମଣୁଥିବା ମତ ରଖିଥିଲେ। ରାତିରେ ସୁରକ୍ଷାକୁ ନେଇ ରହିଥିବା ଧାରଣାରେ ତୀବ୍ର ହ୍ରାସ ଦେଖାଦେଇଛି। ବିଶେଷ କରି ସର୍ବସାଧାରଣ ପରିବହନ ଏବଂ ମନୋରଞ୍ଜନ ସ୍ଥଳରେ ସେମାନେ ସର୍ବାଧିକ ଅସୁରକ୍ଷିତ ବୋଲି ବିବେଚନା କରୁଛନ୍ତି। ଦିନବେଳା ଶିକ୍ଷାନୁଷ୍ଠାନଗୁଡ଼ିକ ୮୬% ସୁରକ୍ଷିତ ବୋଲି ମତ ପ୍ରକାଶ ପାଇଥିବାବେଳେ ରାତିରେ କିମ୍ବା କ୍ୟାମ୍ପସ୍ ବାହାରେ ସୁରକ୍ଷାଗତ ଧାରଣା ଯଥେଷ୍ଟ ହ୍ରାସ ପାଇଛି। ନିରାପଦ ସମ୍ପର୍କିତ ଅଭିଯୋଗ ଉପରେ କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଶ୍ୱାସ ଥିବା ମାତ୍ର ଏକ–ଚତୁର୍ଥାଂଶ ମହିଳା କହିଛନ୍ତି। ବର୍ତ୍ତମାନ ସୁରକ୍ଷା ଉଦ୍ୟମ ପର୍ଯ୍ୟାପ୍ତ ବୋଲି ୬୯% ମତ ଦେଇଥିବାବେଳେ ଯଥେଷ୍ଟ ବ୍ୟବଧାନ ବା ବିଫଳତା ରହିଥିବା ୩୦% କହିଛନ୍ତି। ଗତବର୍ଷ ସର୍ବସାଧାରଣ ସ୍ଥାନରେ ହଇରାଣ ହୋଇଥିବା ୭% ମହିଳା କହିଛନ୍ତି। ୨୪ ବର୍ଷରୁ କମ୍ ବୟସର ମହିଳାଙ୍କ କ୍ଷେତ୍ରରେ ଏହା ୧୪%। ପଡୋଶୀଙ୍କଠାରୁ ୩୮% ଏବଂ ସର୍ବସାଧାରଣ ପରିବହନରେ ୨୯% ମହିଳା ହଇରାଣର ସମ୍ମୁଖୀନ ହେଉଥିବା କହିଛନ୍ତି। ପ୍ରତି ୩ ଜଣରେ ଜଣେ ଘଟଣା ସମ୍ପର୍କରେ ରିପୋର୍ଟ କରିବାକୁ ଆଗେଇ ଆସିଥାନ୍ତି।

## ଭାରତୀୟଙ୍କ ଆୟୁ ୩.୫ ବର୍ଷ କମାଉଛି ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ, ୨୮।୮ (ପି.ଟି.)**

ଭାରତରେ ହାରାହାରି ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ନିର୍ଦ୍ଦେଶାବଳୀଠାରୁ ଢେର ଅଧିକ। 'ଦି ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ ଆଟ୍ ଦି ୟୁନିଭର୍ସିଟି ଅଫ୍ ଶିକାଗୋ (ଇପିଆଇସି) ୨୦୨୫'ର ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ଭାରତର ବାୟୁ ପ୍ରଦୂଷଣ ସ୍ତରରେ ବୃଦ୍ଧି ଘଟିଥିଲା। ଦେଶରେ ବାୟୁ ପ୍ରଦୂଷଣ ସ୍ତର ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶାବଳୀ ତୁଳନାରେ ୮ ଗୁଣା ଅଧିକ ରହିଛି। ବୈଶ୍ୱିକ ମାନଦଣ୍ଡ ଅନୁଯାୟୀ, ଭାରତର ବାୟୁ ପ୍ରଦୂଷଣ ସ୍ତର କମିଲେ ଭାରତୀୟମାନଙ୍କର ଆୟୁ ୩.୫ ବର୍ଷ ବଢ଼ିଯିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ସେହିପରି ବୈଶ୍ୱିକ ମାନଦଣ୍ଡ ଅନୁଯାୟୀ, ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ଦେଶର




ସବୁଠାରୁ ସ୍ୱଚ୍ଛ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକଙ୍କ ହାରାହାରି ଆୟୁରେ ୯.୪ ମାସ ବୃଦ୍ଧି ଘଟିବ। ଡବ୍ଲ୍ୟୁଏଚ୍‌ଓର ୨୦୨୧ ବାୟୁ ଗୁଣବତ୍ତା ନିର୍ଦ୍ଦେଶାବଳୀ ଅନୁଯାୟୀ, ପିଏମ୍ ୨.୫ ସୂକ୍ଷ୍ମ କଣିକା ପାଇଁ ବାର୍ଷିକ ହାରାହାରି ସୀମା ୫ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟର ହୋଇଥିବାବେଳେ ପିଏମ୍ ୧୦ କଣିକା ପାଇଁ ଏହି ସୀମା ୧୫ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟର ରହିଛି। ରିପୋର୍ଟ ଅନୁଯାୟୀ, ଭାରତର ୪୬% ଜନସଂଖ୍ୟା ଏପରି ଅଞ୍ଚଳରେ ବାସ କରନ୍ତି, ଯେଉଁଠାରେ ବାର୍ଷିକ ପିଏମ୍ ୨.୫ ସ୍ତର ୪୦ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟରର ଜାତୀୟ ମାନଦଣ୍ଡଠାରୁ ମଧ୍ୟ ଅଧିକ। କେବଳ ଉକ୍ତ ମାନଦଣ୍ଡକୁ ପୂରଣ କଲେ ଏହି ଅଞ୍ଚଳର ଲୋକଙ୍କ ଆୟୁରେ ୧.୫ ବର୍ଷ ବୃଦ୍ଧି ଘଟିବ। ସେହିପରି ଭାରତର ଉତ୍ତର ସମତଳ ଅଞ୍ଚଳକୁ ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅଞ୍ଚଳରେ ଭାରତର ଜନସଂଖ୍ୟାର ୩୮.୯% ଅର୍ଥାତ୍ ପ୍ରାୟ ୫୪.୪ କୋଟି ଲୋକ ରହୁଥିବାବେଳେ ଏଠାରେ ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ଲୋକଙ୍କ ହାରାହାରି ଆୟୁରେ ୫ ବର୍ଷ ବୃଦ୍ଧି ପାଇବ। ସେହିପରି ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ସେଠାକାର ଲୋକଙ୍କ ଆୟୁ ୮.୨ ବର୍ଷ ବଢ଼ିବ ବୋଲି ରିପୋର୍ଟ କହିଛି।

## ଫୁର୍‌ସତ

## କୋଷ୍ଟାରିକା ଉପକୂଳରୁ ବିରଳ ନାରଙ୍ଗୀ ସାର୍କ ଆବିଷ୍କୃତ

**ସାନ୍ ଜୋସ୍:** ଅନେକ ସମୟରେ ପ୍ରକୃତି ମଣିଷକୁ ଆଶ୍ଚର୍ଯ୍ୟ କରିଦେଇଥାଏ। କାରବିଆନ ଦେଶ କୋଷ୍ଟାରିକାର ଉପକୂଳରୁ ଏକ ନାରଙ୍ଗୀ ରଙ୍ଗର ସାର୍କକୁ ଆବିଷ୍କାର କରାଯାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ବର୍ଷ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନ ନିକଟସ୍ଥ ଏକ ସମୁଦ୍ରରେ ମତ୍ସ୍ୟଜୀବୀମାନେ ଏକ ବିରଳ ଉଜ୍ଜ୍ୱଳ ନାରଙ୍ଗୀ ରଙ୍ଗର ସାର୍କକୁ ଦେଖିବାକୁ ପାଇଥିଲେ। ସମ୍ପ୍ରତି ମରିନ୍ ବାୟୋଲୋଜି ଜର୍ନାଲରେ ବୈଜ୍ଞାନିକମାନେ ଏ ସମ୍ପର୍କିତ ଏକ ରିପୋର୍ଟକୁ ପ୍ରକାଶ କରିବା ସହ ଉକ୍ତ ବିରଳ ସାର୍କର ଫଟୋକୁ ମଧ୍ୟ ଶେୟାର କରିଛନ୍ତି। ପ୍ରଥମ ଥର ପାଇଁ ନାରଙ୍ଗୀ ରଙ୍ଗର ସାର୍କକୁ ଆବିଷ୍କାର କରାଯାଇଥିବା ନେଇ ରିପୋର୍ଟରେ କୁହାଯାଇଛି।

ସୂଚନା ଅନୁଯାୟୀ, ଗତବର୍ଷ 'ପରିସମିନା ଡୋମସ୍ ଡେଇ' ନାମକ




ଏକ ଟ୍ରାଭେଲ କମ୍ପାନୀର କେତେଜଣ କର୍ମଚାରୀ କିଛି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହ ମିଶି ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ସେତେବେଳେ ୩୧.୨ ଡିଗ୍ରୀ ସେଲସିୟସ୍ ଜଳ ତାପମାତ୍ରାରେ ସେମାନେ ଏହି ବିରଳ ସାର୍କ ମାଛକୁ ଦେଖିବାକୁ ପାଇଥିଲେ। ଏହି ସମୟରେ ଉକ୍ତ ବିରଳ ସାର୍କର ଫଟୋ ନିଆଯାଇଥିଲା। ଘଟଣାକୁ ନେଇ ସାମୁଦ୍ରିକ ବିଶେଷଜ୍ଞମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି, ୨ଟି ବିରଳ ଜେନେଟିକ୍ ଅବସ୍ଥା ଆଲ୍‌ବିନିଜମ ଏବଂ ଜାନ୍ଥିଜମ୍ ଯୋଗୁ ଉକ୍ତ ସାର୍କର ରଙ୍ଗ ନାରଙ୍ଗୀ ରହିଛି। ଏହି ଜେନେଟିକ୍ ଅବସ୍ଥା ସାର୍କ ଶରୀରର ରଙ୍ଗ ଗଠନକାରୀ ଉପାଦାନ ମେଲାନିନ୍‌କୁ ପ୍ରଭାବିତ କରିଥାଏ। ଆବିଷ୍କୃତ ହୋଇଥିବା ୨୦୦ ସେ.ମି. ଲମ୍ବ ବିଶିଷ୍ଟ ବୟସ୍କ ନାରଙ୍ଗୀ ସାର୍କର ଆଖି ଗାଢ଼ ଧଳା ରଙ୍ଗର ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ସାର୍କ ସାଧାରଣ ସାର୍କଠାରୁ ଭିନ୍ନ ବୋଲି ସାମୁଦ୍ରିକ ବିଶେଷଜ୍ଞମାନେ କହିଛନ୍ତି। ପ୍ରାଣୀମାନଙ୍କ କ୍ଷେତ୍ରରେ ଜାନ୍ଥିଜମ୍ ଜେନେଟିକ୍ ଅବସ୍ଥାକୁ ଅତ୍ୟନ୍ତ ବିରଳ ବୋଲି ବିବେଚନା କରାଯାଇଥାଏ। ପୂର୍ବରୁ କେତେକ ସରୀସୃପ ଏବଂ ପକ୍ଷୀଙ୍କଠାରେ ଏପରି ଜେନେଟିକ୍ ଅବସ୍ଥା ଚିହ୍ନଟ ହୋଇଥିବାର ଦେଖିବାକୁ ମିଳିଛି। ତେବେ ସାର୍କ ମାଛ କ୍ଷେତ୍ରରେ ଜାନ୍ଥିଜମ୍ ଦେଖାଯିବାର ଏହା ପ୍ରଥମ ମାମଲା ବୋଲି ବୈଜ୍ଞାନିକମାନେ କହିଛନ୍ତି। ସମ୍ପ୍ରତି ନାରଙ୍ଗୀ ରଙ୍ଗର ସାର୍କକୁ ନେଇ ଅଧିକ ଗବେଷଣା କରାଯାଉଛି ବୋଲି ମାରିନ୍ ବାୟୋଲୋଜି ଜର୍ନାଲରେ ପ୍ରକାଶ କରାଯାଇଛି।

## ଆଜିଠୁ ଓଟିଟିରେ 'ମେଟ୍ରୋ ଇନ୍ ଦିନୋ'



ସାରା ଅଲି ଖାନ୍

**ମୁମ୍ବାଇ:** ବଲିଉଡ୍‌ର ଜଣାଶୁଣା ଫିଲ୍ମ ନିର୍ମାତା ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ' ଗତ ଜୁଲାଇ ୪ରେ ରିଲିଜ୍ ହୋଇଥିଲା। ତେବେ ଅଭିନେତ୍ରୀ ସାରା ଅଲି ଖାନ୍, ନୀନା ଗୁପ୍ତା, ଫତିମା ସନା ଶେଖ୍, ଅଭିନେତା ଆଦିତ୍ୟ ରଏ କପୁର, ଅନୁପମ୍ ଖେର୍ ଏବଂ ଅଲି ଫଜଲଙ୍କ ଅଭିନୀତ ଏହି ରୋମାନ୍ସ କମେଡି ଫିଲ୍ମକୁ ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ମିଳି ନ ଥିଲା। ତେବେ ଶୁକ୍ରବାରଠାରୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ଷ୍ଟ୍ରିମିଂ ହେବାକୁ ଯାଉଛି। ଏନେଇ ନେଟ୍‌ଫ୍ଲିକ୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ୪୭ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିଲା। ତେବେ ବକ୍ସ ଅଫିସରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୬୮.୨୫ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ୫୨.୧ କୋଟି ଟଙ୍କା ସଂଗ୍ରହ କରିଥିଲା। ବିଭିନ୍ନ ବୟସର ଲୋକଙ୍କ ଲଭ୍ ଷ୍ଟୋରିକୁ ନେଇ ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ୨୦୦୭ରେ ରିଲିଜ୍ ହୋଇଥିବା ଅନୁରାଗଙ୍କ ନିର୍ଦ୍ଦେଶିତ 'ଲାଇଫ୍ ଇନ୍ ଏ ମେଟ୍ରୋ'ର ସିକ୍ୱେଲ ହେଉଛି 'ମେଟ୍ରୋ ଇନ୍ ଦିନୋ'।




# ଏ ବର୍ଷ ପ୍ରବଳ ଶୀତ

ଭୁବନେଶ୍ୱର,୨୮।୮(ଅନୁରାଧା ମହାରଣା)

ପ୍ରତିବର୍ଷ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରୁ ଦେଶରୁ ପ୍ରାୟତଃ ମୌସୁମୀ ବିଦାୟ ନେଉଥିବାବେଳେ ଚଳିତବର୍ଷ ଏଥିରେ ବିଳମ୍ବ ହେବ। ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲୁଏମଓ)ର ଆକଳନ ଅନୁସାରେ, ବର୍ଷର ଶେଷ ଆଡ଼କୁ ଲା' ନିନା ପରିସ୍ଥିତି ସୃଷ୍ଟି ହେବାର ୬୦% ସମ୍ଭାବନା ରହିଛି। ଏହା ପ୍ରଭାବରେ ଶୀତଋତୁରେ ଦେଶରେ ପ୍ରବଳ ଶୀତ ଅନୁଭୂତ ହେବ। ଲା' ନିନା କେନ୍ଦ୍ରୀୟ ଏବଂ ପୂର୍ବ ବିଷୁବ ସମୁଦ୍ର ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରାର ବୃହତ୍ ପରିମାଣର ଶୀତଳତାକୁ ବୁଝାଏ। ଭାରତୀୟ ଉପମହାଦେଶରେ ବାୟୁମଣ୍ଡଳୀୟ ସଞ୍ଚାଳନରେ ପରିବର୍ତ୍ତନ ହେବା ଦ୍ୱାରା ଶୀତ ପରିମାଣ ବଢ଼ିପାରେ। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମଧ୍ୟ ଏହି ପୂର୍ବାନୁମାନ କରି କହିଛି, ଏହି ବର୍ଷର ଶେଷ ଆଡକୁ ଲା' ନିନା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ପାଣିପାଗର ବଡ଼ ପରିବର୍ତ୍ତନ ସୃଷ୍ଟି ହେବାକୁ ଯାଉଛି। ନଭେମ୍ବରରୁ ଫେବୃଆରୀ ଦେଶରେ ପ୍ରବଳ ଶୀତ ଅନୁଭୂତ ହେବ। ଓଡ଼ିଶାରେ ମଧ୍ୟ ଶୀତର ପ୍ରକୋପ ଅଧିକ ରହିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ମାସକ ମଧ୍ୟରେ ପଛକୁ ପଛ ୪ଟି ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବା ସହ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଲାଗି ରହିଛି। ସେପ୍ଟେମ୍ବର ୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ନିର୍ମାଣ ହେବ ବିପର୍ଯ୍ୟୟ ସହନଶୀଳ ରାସ୍ତା

## ଠିକାଦାର ଦେବେ ୫ ବର୍ଷର ସ୍ଥାୟିତ୍ୱ ଗ୍ୟାରେଣ୍ଟି

ଭୁବନେଶ୍ୱର,୨୮।୮ (ରବିନାରାୟଣ ଜେନା)

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ରାସ୍ତା ନଷ୍ଟ ହେବା ସହ ବାହ୍ୟଜଗତରୁ ଲୋକେ ବିଚ୍ଛିନ୍ନ ହୋଇଯାଆନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସ୍ଥାୟୀଭିତ୍ତିକ ବିପର୍ଯ୍ୟୟ ସହନଶୀଳ ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଛି; ଯେଉଁଥିରେ ରାସ୍ତାର ମରାମତି ବାରମ୍ବାର ଆବଶ୍ୟକ ପଡ଼ିବ ନାହିଁ କି ବିପର୍ଯ୍ୟୟରେ ଧୋଇଯିବ ନାହିଁ। ରାସ୍ତା ନିର୍ମାଣ ପରେ ତାହା ଅତି କମ୍‌ରେ ୫ ବର୍ଷ ପର୍ଯ୍ୟନ୍ତ ଟିକ୍ଷି ରହିବ। ଏହା ବିପର୍ଯ୍ୟୟପ୍ରବଣ ଅଞ୍ଚଳର ଜୀବନରେଖା ପାଲଟିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)ର ମାର୍ଗଦର୍ଶିକାରେ କୁହାଯାଇଛି, ଓଡ଼ିଶାରେ ବନ୍ୟା, ବାତ୍ୟା ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାସ୍ତାର କ୍ଷତି ରୋକିବା ପାଇଁ ରାଜ୍ୟ ସରକାର 'ବିପର୍ଯ୍ୟୟ ସହନଶୀଳ ରାସ୍ତା' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ୧୦୦୦ କୋଟି ଟଙ୍କା ବ୍ୟୟରେ ପ୍ରାୟ ୫୦୦ କିଲୋମିଟର ଗ୍ରାମୀଣ ରାସ୍ତାକୁ ଉନ୍ନତ ଓ ବିପର୍ଯ୍ୟୟ ସହନଶୀଳ କରାଯିବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିପର୍ଯ୍ୟୟ ସମୟରେ ହସ୍ପିଟାଲ, ସ୍କୁଲ, ବଜାର, ଯୋଗାଯୋଗ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଜରୁରୀ ସେବା ସହିତ ଜନସାଧାରଣଙ୍କୁ ସଂଯୋଗ କରାଇବା। ଏହାସହିତ ରାସ୍ତାଗୁଡ଼ିକୁ କମ୍ ରକ୍ଷଣାବେକ୍ଷଣରେ ଦୀର୍ଘସ୍ଥାୟୀ କରିବା ପାଇଁ ଯୋଜନା କରାଯାଇଛି। ରାଜ୍ୟର ଗ୍ରାମୀଣ ବିକାଶ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକରେ ବନ୍ୟାଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ୍, ରାସ୍ତା ଉଚ୍ଚତା ବୃଦ୍ଧି, ପ୍ରତିରୋଧ ଦେଉଁଳୀ ଓ ପଥର ପିଚିଂ ଭଳି କାର୍ଯ୍ୟ କରାଯିବ। ପ୍ରକଳ୍ପଗୁଡ଼ିକରେ ନ୍ୟୂନତମ ୫ କୋଟି ଟଙ୍କା ବ୍ୟୟ ହେବ ଏବଂ ଏହା ଓଡ଼ିଶା ସରକାରଙ୍କ ବଜେଟ ମାଧ୍ୟମରେ ଅର୍ଥ ଯୋଗାଇ ଦିଆଯିବ। ୨୦୨୫-୨୬ ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ୨୦୦ରୁ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଗ୍ରାମୀଣ ରାସ୍ତା ମାନୁଆଲ୍ ଏବଂ ଆଇଆରସି ନିୟମାବଳୀ ଅନୁସରଣ କରାଯିବ। ରାସ୍ତାର ଉପର ଚଉଡ଼ା ୭.୫ ମିଟର କିମ୍ବା ୯ ମିଟର ଏବଂ ଗାଡ଼ି ଚଳାଚଳ ପାଇଁ ଚଉଡ଼ା ୩.୭୫ ମିଟର କିମ୍ବା ୫.୫ ମିଟର ହେବ। ଏହା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ୨୦୦ ମିଟର ମଧ୍ୟରେ ସ୍କୁଲ, ହସ୍ପିଟାଲ ଓ ବଜାର ସଂଯୋଗ ନିଶ୍ଚିତ କରାଯିବ। ପ୍ରକଳ୍ପରେ ୫ ବର୍ଷର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅନ୍ତର୍ଭୁକ୍ତ ହେବ। ପ୍ରକଳ୍ପର ଅଗ୍ରଗତି ଗ୍ରାମୀଣ ବିକାଶ ବିଭାଗ ଏବଂ ଇଞ୍ଜିନିୟର-ଇନ୍-ଚିଫ୍(ରୁରାଲ ୱାର୍କ୍ସ)ଙ୍କ ଦ୍ୱାରା ନିରୀକ୍ଷଣ କରାଯିବ; ଯାହାଫଳରେ ରାସ୍ତା ଦୀର୍ଘସ୍ଥାୟୀ ହୋଇପାରିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।



ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଗଛରେ ପିଟିହୋଇ ୨ ନାବାଳକଙ୍କ ମୃତ୍ୟୁ

ବାରିପଦା,୨୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା-ଲୁଲୁଙ୍ଗ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟିହୋଇ ୨ ନାବାଳକ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବାଙ୍ଗରିପୋଷି ଥାନା ଅଧୀନ ଭବାଡିହା ଗ୍ରାମର ନବୀନ ନାଏକଙ୍କ ପୁଅ ରାକେଶ (୧୩) ଓ ଦିବାକର ନାଏକଙ୍କ ପୁଅ ଶୁଭମ (୧୭) । ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ବୁଲିବା ପାଇଁ ନାବାଳକଦ୍ୱୟ ଗୁରୁବାର ପୂର୍ବାହ୍ନରେ ଏକ ବାଇକ୍‌ରେ ଯାଇଥିଲେ। ତେବେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଯିବାରୁ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ସମୁଦ୍ରରେ ଡଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀ ନିଖୋଜ

**ଅଳ୍ପକେ ବର୍ତ୍ତିଗଲେ ୬ ଜଣ**

ଛତ୍ରପୁର/ଗଞ୍ଜାମ,୨୮।୮ (ଦିଲ୍ଲୀପ ସାମଲ/ ସନ୍ତୋଷ ପାଢୀ/ ବିଦ୍ୟାଧର ସାହୁ)

ଗଞ୍ଜାମ ପୋଡ଼ମପେଟା ସମୁଦ୍ର ନିକଟରେ ଗୁରୁବାର ଭୋର ସମୟରେ ଏକ ଡଙ୍ଗା ଓଲଟିପଡିଛି। ଫଳରେ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଛତ୍ରପୁର ବ୍ଲକ ନୋଳିଆ ନୂଆଗାଁର ଏଙ୍ଗ. କାଲେୟା। ତେବେ ଡଙ୍ଗାରେ ଥିବା ଅନ୍ୟ ୬ଜଣ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ସମୁଦ୍ରରେ କୋଷ୍ଟଗାର୍ଡ, ଅଗ୍ନିଶମ ବିଭାଗ ଓ ମତ୍ସ୍ୟଜୀବୀମାନେ ଖୋଜିବା ଜାରି ରଖିଥିଲେ ସୁଦ୍ଧା ସେମାନଙ୍କ ସନ୍ଧାନ ମିଳିପାରିନାହିଁ। ଏନେଇ ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସେଠାରେ ଉପସ୍ଥିତ ରହିଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନକୁ ସେ ଅବଗତ କରାଇଛନ୍ତି। ଗୁରୁବାର ନୋଳିଆ ନୂଆଗାଁର ୭ଜଣ ମାଛ ଧରିବା ପାଇଁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଉଚ୍ଚ ଜୁଆର ମାଡ଼ରେ ପୋଟମପେଟା ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା। ଏଙ୍ଗ. କାଲେୟା ନିଖୋଜ ହୋଇଯାଇଥିବା ବେଳେ ପି. ଏଲେୟା, ଏମ. ବାବାଜୀ, ପି. କାଲେୟା, ପି. ରଘୁନାଥ, ଏମ. ମୋହନ ଓ ପି. ରାମେୟା ବର୍ତ୍ତି ଯାଇଥିଲେ। ଜିଲାପାଳ ତୁରନ୍ତ ଆକାଶ ମାର୍ଗ ସନ୍ଧାନ ପାଇଁ ଚିଠି ଲେଖିଛନ୍ତି। ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଥାନା ଆଇଆଇସି ସୁମିତ୍ରା ପାତ୍ର ଘଟଣା ସ୍ଥଳରେ ରହି ଅନୁଧ୍ୟାନ କରୁଛନ୍ତି।

# ବ୍ରିଜ୍ ପାର ବେଳେ ବାଇକ୍ ସହ ଭାସିଗଲେ ୩ ଯୁବକ

## ସ୍ଥାନୀୟ ଲୋକଙ୍କ ସହାୟତାରେ ହେଲେ ଉଦ୍ଧାର



୩ ଯୁବକ ପାଣିରେ ଭାସିଯାଉଥିବା ବେଳର ଦୃଶ୍ୟ।

ବୋରିଗୁମ୍ମା,୨୮।୮ (ବିଜୟ ସାହୁ)

ଲଗାଣ ବର୍ଷା ଯୋଗୁ କୋରାପୁଟ ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ଜିଲାର ବୋରିଗୁମ୍ମା ବ୍ଲକ୍‌ରେ ବ୍ରିଜ୍ ପାରହେଉଥିବା ବେଳେ ବାଇକ୍ ସହ ୩ ଯୁବକ ଭାସିଯିବା ବେଳର ଭିଡିଓ ଭାଇରାଲ ହେଉଛି। ସୂଚନା ଅନୁଯାୟୀ, ବୁଧବାର ବୋରିଗୁମ୍ମା ବ୍ଲକ୍‌ର ମାଳଦା-କଇଲାରି ବ୍ରିଜ୍ ଉପରେ ୫ ଫୁଟ୍‌ର ବର୍ଷାଜଳ ଚାଲୁଥିବା ବେଳେ ଏହାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଏହି ସମୟରେ ନବରଙ୍ଗପୁର ଜିଲା ଜମୁଗୁଡ଼ା ଗ୍ରାମର ୩ ଯୁବକ ଏକ ବାଇକ୍‌ରେ କୌଣସି କାମରେ କୋଟପାଡ଼ ଆସି ଫେରୁଥିଲେ। ସେମାନେ ବ୍ରିଜ୍ ପାରହେବାକୁ ଉଦ୍ୟମ କରି ଆଗକୁ ବଢ଼ିଥିଲେ। ଅଧା ବାଟରେ ପାଣିର ପ୍ରଖରସ୍ରୋତରେ ୩ ଯୁବକ ବାଇକ୍ ସହ ଭାସିଯାଇଥିଲେ। ଏହି ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଯୁବକ ଉଦ୍ଧାର ହୋଇଥିବା ଜଣାପଡ଼ିଛି। କିନ୍ତୁ ବାଇକ୍ ପାଣିରେ ଭାସିଯାଇଥିଲା। ଗୁରୁବାର ଉକ୍ତ ବାଇକ୍‌କୁ ଜବତ କରାଯାଇଥିବା ସୂଚନା ମିଳିଛି।

# ଲଗାଣ ବର୍ଷା ଯୋଗୁ କେକେ ଲାଇନରେ ଟ୍ରେନ୍ ବାତିଲ

କୋରାପୁଟ,୨୮।୮ (ଅମିତାଭ ବେହେରା)

କିଛିଦିନ ହେବ ଲଗାଣ ବର୍ଷା ଓ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। କେକେ ଲାଇନର କିରାଣ୍ଡୁଲ-ଜଗଦଲପୁର ମଧ୍ୟରେ ରେଳ ଧାରଣାରେ ପାଣି ଜମି ରହିବା ଓ ପଥର ପଡ଼ିବାରୁ କେତେକ ଟ୍ରେନ୍ ବାତିଲ କରାଯାଇଛି। ଅନ୍ୟ କେତେକ ଟ୍ରେନ୍‌ର ଗନ୍ତବ୍ୟ ପଥରେ ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ବିଭାଗୀୟ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ କେ.ସନ୍ଦୀପ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଅଗଷ୍ଟ ୩୦,୩୧ ଓ ସେପ୍ଟେମ୍ବର ୧ରେ ବିଶାଖାପାଟଣାଠାରୁ କିରାଣ୍ଡୁଲ ଯିବାକୁ ଥିବା ପାସେଞ୍ଜର ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ଯାଇ ସମାନ ଦିନରେ କୋରାପୁଟଠାରୁ ବିଶାଖାପାଟଣା ଫେରିବ। ଅଗଷ୍ଟ ୨୯ ଓ ୩୧ରେ ବିଶାଖାପାଟଣା-କିରାଣ୍ଡୁଲ ନାଇଟ୍ ଏକ୍ସପ୍ରେସ୍ ବାତିଲ ହୋଇଛି। ଅଗଷ୍ଟ ୨୮,୩୦ ଓ ସେପ୍ଟେମ୍ବର ୧ରେ କିରାଣ୍ଡୁଲଠାରୁ ବିଶାଖାପାଟଣା ଯିବାକୁ ଥିବା ନାଇଟ୍ ଏକ୍ସପ୍ରେସ୍ ଟ୍ରେନ ବାତିଲ ହୋଇଛି। ସେହିପରି ଅଗଷ୍ଟ ୨୮, ୩୦ ଓ ସେପ୍ଟେମ୍ବର ୧ରେ ବିଶାଖାପାଟଣାଠାରୁ ବାହାରି କିରାଣ୍ଡୁଲ ଯିବାକୁ ଥିବା ଟ୍ରେନ୍ ଜଗଦଲପୁର ପର୍ଯ୍ୟନ୍ତ ଯାଇ ସେଠାରୁ ଏହା ପରଦିନ ଜଗଦଲପୁରଠାରୁ ବାହାରି ବିଶାଖାପାଟଣା ଯିବ ବୋଲି ସୂଚନା ମିଳିଛି।

DSPL - 228



ଜାତୀୟ କ୍ରୀଡ଼ା ଦିବସ

(୨୯ ଅଗଷ୍ଟ, ୨୦୨୫)

"ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ, ପିଢ଼ି ପରେ ପିଢ଼ି, ପ୍ରେରଣାର ଉତ୍ସ ପାଲଟିଥିବା ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପାଳିତ ଜାତୀୟ କ୍ରୀଡ଼ା ଦିବସରେ ଆମେ ତାଙ୍କର କ୍ରୀଡ଼ା ପ୍ରତି ଥିବା ନିଷ୍ଠା ଓ ଆଦର୍ଶକୁ ମନେପକାଇବା ଏବଂ ସମସ୍ତଙ୍କ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ।

ଓଡ଼ିଶା ସରକାର ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ଏବଂ ଆମ ଖେଳାଳିମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଆସନ୍ତୁ, ଆମେ ସମସ୍ତେ ମିଶି ଆମ ରାଜ୍ୟକୁ ସମଗ୍ର ବିଶ୍ୱରେ କ୍ରୀଡ଼ାର ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଗଢ଼ି ତୋଳିବା ଏବଂ ଆମର କ୍ରୀଡ଼ା ପ୍ରତିଭା ମାନଙ୍କୁ ବିଶ୍ୱ କ୍ରୀଡ଼ାର ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ।"

ଜୟ ହିନ୍ଦ
ବନ୍ଦେ ଉତ୍କଳ ଜନନୀ

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/13/0105/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବରମୁଣ୍ଡା ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, ସ୍ଥାନ: କୁଆଖାଇ, ସମୟ: ସକାଳ ୯ ଟା।
- କୋ-ଅର୍ଡିନେଶନ୍ କମିଟି ପକ୍ଷରୁ ଧାରଣା, ସ୍ଥାନ: ଟିପିସିଓଡିଏଲ୍ କର୍ପୋରେଟ୍ ଅଫିସ୍ ସମ୍ମୁଖ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ବିହାର, ସମୟ: ଅପରାହ୍ନ ୩ ଟା।
- ୧୪ତମ ଗୁରୁଶ୍ରୀ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ଶସକ୍ତ ଓଡ଼ିଶା ତଥା ବିକଶିତ ଓଡ଼ିଶା ଗଠନ ନିମନ୍ତେ ଅଧିବେଶନ, ସ୍ଥାନ, ହୋଟେଲ୍ କ୍ରାଉନ୍, ନୟାପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ୨୦୯ତମ ଆଲୋଚନାଚକ୍ର (ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ଥିତି), ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା।
- ୮୬ତମ ସଂସ୍କୃତି ଚର୍ଚ୍ଚା ସ୍ଥାନ: ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଓଡ଼ିଶା ପୋଲିସର ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆର.କେ. ପାଢ଼ୀ ମେମୋରିଆଲ ହଲ, ଆଇପିଏସ୍ ମେସ୍, ମୁଖ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ଶୈଳେନ୍ଦ୍ର ପ୍ରସାଦ ସାହୁଙ୍କ ବାସଭବନ ପ୍ରାଙ୍ଗଣ, ମହାନଦୀ ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଶ୍ରୀରାଧା ଜନ୍ମୋତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ନୃତ୍ୟ, ଝୋଟି ପ୍ରତିଯୋଗିତା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାଧା ଜନ୍ମୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ଓ ପୁରସ୍କାର ପ୍ରଦାନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ପଥ ଉତ୍ସବ, ସ୍ଥାନ: ସମବାୟ ଛକଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।
- ବଡ଼ା ଖାନା, ସ୍ଥାନ: ମଲ୍‌ଟି ପର୍ପୋଜ୍ ହଲ୍, ଗାନ୍ଧୀପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ୱାକାଥନ୍, ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଜାତୀୟ କର୍ମଶାଳା ଉଦ୍‌ଘାଟନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- କ୍ରୀଡ଼ା ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଧାମନଗର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- କୁଡୁମୀ ସେନାର ପ୍ରସ୍ତୁତି ବୈଠକ,ସ୍ଥାନ: ଲାୟନ୍ସ କ୍ଲବ, ବାରିପଦା,ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପୋଷଣ କିଟ ବଣ୍ଟନ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।

## ଗଞ୍ଜାମ
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଆସିକା ହରିହର ହାଇସ୍କୁଲ ଇନଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଜାତୀୟ କ୍ରୀଡା ଦିବସ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଫିଟ ଇଣ୍ଡିଆ ପ୍ଲେଜ୍, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସଂସଦ ଖେଳ ମହୋତ୍ସବ, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପୌରପରିଷଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ୟୁଥ କ୍ଲବ ଗଣେଶ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଜାତୀୟ କ୍ରୀଡା ଦିବସ ପାଳନ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଗଣେଶ ପୂଜା ଉପଲକ୍ଷେ ବାଦୀପାଲା, ସ୍ଥାନ– ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ନବମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ସପ୍ତମ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ନୟାଗଡ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା।
- ପାଲାର ପ୍ରଥମ ଥାକ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ଅପରାହ୍ନ ସାଢ଼େ ୩ଟା, ପାଲାର ୨ୟ ଥାକ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ସନ୍ଧ୍ୟା ୭ଟା।
- ଜାତୀୟ ଖେଳ ଦିବସ ଅବସରରେ ମିନି ମାରାଥନ, ସ୍ଥାନ: ନୟାଗଡ ଷ୍ଟାଡିୟମ ଠାରୁ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା ୧୧ଟା।
- ଶପଥ ସମାରୋହର ସମୟ: ସକାଳ ୮ଟା, ସ୍ଥାନ: ନୟାଗଡ ଷ୍ଟାଡିୟମ।
- ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା, ସମୟ: ସକାଳ ସାଢ଼େ ୮ଟା।
- ନୟାଗଡ ସ୍ପୋର୍ଟିଂ କ୍ଲବ ସହ ମର୍ଣ୍ଣିଂ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ, ସମୟ: ଅପରାହ୍ନ ସାଢ଼େ ୩ଟା, ସ୍ଥାନ:ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ।
- ଡଅପୋଇ ମହୋତ୍ସବ ର ପ୍ରସ୍ତୁତି ବୈଠକ, ସ୍ଥାନ ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୪ଟା।
- ଷଷ୍ଠୀ ପର୍ବ, ସ୍ଥାନ କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।

## ରାୟଗଡ଼ା
- ମା' ମଝିଘରିଆଣୀ ମନ୍ଦିରର ଉନ୍ନତିକରଣ ନିମନ୍ତେ ଭୂମିପୂଜନ, ସ୍ଥାନ: ମଝି ଘରିଆଣି ମନ୍ଦିର, ରାୟଗଡା, ସମୟ: ସକାଳ ୭ ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର ପରିଷଦ ପୁରୁଷ କର୍ମଚାରୀ, ପରିଷଦ ବୃନ୍ଦ, ଏବଂ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚ୍, ସ୍ଥାନ: ଜିସିଡ଼ି ଖେଳପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମ୍ୟୁଜିକାଲ ଚେୟାର, ଝୋଟି ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୨ଟା ୩୦।

## ନବରଙ୍ଗପୁର
- ଭାରତୀ କଳା ନିକେତନ ଆନୁକୁଲ୍ୟରେ ୪ ଦିନିଆ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ
- ଚାରି ପ୍ରହର ନାମଯଜ୍ଞ, ସ୍ଥାନ: ମା'ଠାକୁରାଣୀ ଗଣେଶ ପୂଜା ମଣ୍ଡପ, ନନ୍ଦପୁର, ସମୟ: ସକାଳ ୭ଟା।
- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- କଲମ ପରିବାର ପକ୍ଷରୁ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସକାଳ ୬ଟା

## ରାଉରକେଲା
- ଲେଡିଲାଇନ୍ସ ପକ୍ଷରୁ ମିନି ମାରାଥାନ୍, ସ୍ଥାନ: ଝିରପାଣି ପ୍ରବେଶ ପଥ, ସମୟ: ସକାଳ ୬ଟା।
- ଆର୍‌ଏମ୍‌ସିର ପଥ ଉତ୍ସବ ପାଳିତ, ସ୍ଥାନ: ଉଦିତନଗର ହନୁମାନ ବାଟିକା ଛକ, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପରିବାର ପକ୍ଷରୁ ସାମୂହିକ ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୭ଟା।
- ସାହିତ୍ୟ ଓ କବିତା ଆସର ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଜରାନିବାସ ଅନ୍ତେବାସୀଙ୍କ ସହିତ ନୂଆଁଖାଇ ପାଳନ, ସ୍ଥାନ: ଲୁହୁରାଡିପା ହାଉସିଂ ବୋର୍ଡ କଲୋନୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ନୂଆଖାଇ ଅବସରରେ ଚାରା ବଣ୍ଟନ, ସ୍ଥାନ: ରେଙ୍ଗାଲପାଲି, ବରଗଡ଼, ସମୟ: ସକାଳ ୮ଟା।

## ବୌଦ୍ଧ
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜାତୀୟ କ୍ରୀଡ଼ା ଦିବସ ପାଇଁ ପଦଯାତ୍ରା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡ଼ି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକର ନର୍ଣ୍ଣା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ମହିଳା ଦଣ୍ଡ ନୃତ୍ୟ, ସ୍ଥାନ: ନର୍ଣ୍ଣା ଗ୍ରାମ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ବିଜୁଳି ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ସକାଳ ୯ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ଼ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

# ଓଡ଼ିଶାକୁ ଗୁରୁତ୍ୱ ଦେଉଛି ସଂସଦ: ବାଚସ୍ପତି

ଭୁବନେଶ୍ୱର,୨୮।୮(ରବିନାରାୟଣ ଜେନା)

ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତିବହୁଳ ରାଜ୍ୟକୁ ସଂସଦ ଗୁରୁତ୍ୱ ଦେଉଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଗୁରୁବାର ବିଧାନସଭାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଚସ୍ପତି କହିଥିଲେ, ଦେଶ ସ୍ୱାଧୀନତା ପରେ ୧୯୭୬ରୁ ଏଯାବତ୍ ୫ଥର ଦିଲ୍ଲୀରେ ଏହି ଜାତୀୟ ସମ୍ମିଳନୀ କରାଯାଇଥିବାବେଳେ ପ୍ରଥମଥର ପାଇଁ ଏହା ଓଡ଼ିଶାରେ ହେବାକୁ ଯାଉଛି। ଆସନ୍ତାକାଲି(ଶୁକ୍ରବାର)ଠାରୁ ଓଡ଼ିଶା ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରଠାରେ ଦୁଇଦିନିଆ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବେ। ସମ୍ମିଳନୀକୁ ନେଇ ବାଚସ୍ପତି ସୁରମା ପାଢ଼ୀ ଲୋକ ସଭା ବାଚସ୍ପତି, ରାଜ୍ୟ ସଭା ଉପାଧ୍ୟକ୍ଷ ଏବଂ ତାଙ୍କର ସମସ୍ତ ସହଯୋଗୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ, ଏହି ସମ୍ମିଳନୀ ଓଡ଼ିଶା ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ଏହି ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରି ବିଦ୍ୟା, ହସ୍ତଶିଳ୍ପ ସମ୍ପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ନୃତ୍ୟ-ସଂଗୀତ, ଚାରୁକଳା, କାରୁକଳା ସହିତ ଆଗନ୍ତୁକମାନଙ୍କୁ ପରିଚିତ କରାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅତିଥିମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲାଇ ଦେଖାଇବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କିତ ଭାବର ଆଦାନପ୍ରଦାନ ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାକ ନାହିଁ କି ଡାକ ନାହିଁ,**
**ଡର ଭୟ ନାହିଁ କାହାକୁ;**
**ଯୋଡ଼ା ଭାରିଯାରେ କି ଯଶ ଅଛି,**
**ପଚାରେ ଯା ତୋ ମାଆକୁ ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଙ୍ଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତୀ ଚାଲେ ବଜାର,**
**କୁକୁର ଭୁକେ ହଜାର।**

ସାଧାରଣତଃ ଦରିଦ୍ର ଓ ଦୁର୍ବଳ ଶ୍ରେଣୀୟ ବ୍ୟକ୍ତିଙ୍କ ପ୍ରତିରୋଧକୁ ପ୍ରତିପତ୍ତିଶାଳୀ ବ୍ୟକ୍ତି ହେୟଜ୍ଞାନ କରୁଥିବାର ଦେଖିବାକୁ ମିଳିଥାଏ। ଧନୀକ ଶ୍ରେଣୀର ବ୍ୟକ୍ତିଙ୍କ ଏପରି ବେଖାତିର ଭାବ ପ୍ରଦର୍ଶନକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୭୦ଫୁଟ୍ ପାଣିଟାଙ୍କି ଉପରେ ଷଣ୍ଢ

## ୧୦ ଘଣ୍ଟାର ଉଦ୍ୟମ ପରେ ଉଦ୍ଧାର

ତିହିଡ଼ି,୨୮।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ତଲବନ୍ଧ ଗ୍ରାମରେ ଗୁରୁବାର ଏକ ଷଣ୍ଢ ୭୦ ଫୁଟ୍ ଉପରେ ଥିବା ପାଣି ଟାଙ୍କି ଉପରକୁ ଚଢ଼ି ଯାଇଥିଲା। ଅଗ୍ନିଶମ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ୧୦ ଘଣ୍ଟା ଉଦ୍ୟମ କରି ଷଣ୍ଢଟିକୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ପାଣିଟାଙ୍କି ଉପରକୁ ଷଣ୍ଢ ଚଢ଼ି ଯାଇଥିବା ଦେଖି କେତେଜଣ ଗ୍ରାମବାସୀ ସକାଳ ପ୍ରାୟ ୬ଟା ବେଳେ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀଙ୍କୁ ଜଣାଇଥିଲେ। ଟାଙ୍କିର ତଳୁ ଉପର ଯାଏ ଥିବା ଶିଡ଼ି ପାହାଚ ଦେଇ ଷଣ୍ଢଟି ଉପରକୁ ଚଢ଼ିଯାଇଥିଲେ ମଧ୍ୟ ତଳକୁ ଓହ୍ଲାଇପାରି ନ ଥିଲା। ପରେ ସରପଞ୍ଚଙ୍କ ପ୍ରତିନିଧି ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ ଅଧିକାରୀ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ସକାଳ ୮ଟାରୁ ଷଣ୍ଢ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଥିଲେ। ପରେ ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ନିରଞ୍ଜନ ବାରିକ୍, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନିରାକାର ଜେନାଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ମୁଖ୍ୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଷଣ୍ଢକୁ ତଳକୁ ଆଣିବାରେ ସକ୍ଷମ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଦିନକରେ ୪ ଲକ୍ଷ...

କ୍ଷତି ସହିଛି। ଗତ କିଛି ସପ୍ତାହ ହେଲା ପୁଞ୍ଜି ପ୍ରତ୍ୟାହାର ଜାରି ରହିବା ସହ ଘରୋଇ ଅଭିବୃଦ୍ଧିର ଦୃଢ଼ ସଙ୍କେତ ମିଳୁ ନ ଥିବାରୁ ନିବେଶକମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଛି। ଗୁରୁବାର ନିବେଶକମାନେ ୪ ଲକ୍ଷ କୋଟି ଟଙ୍କା ହରାଇବା ପରେ ସେମାନଙ୍କ ମନୋବଳ ଆହୁରି କମ୍‌ଜୋର ହୋଇଛି। ଆମେରିକା ଟାରିଫ୍‌କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ ନ ହେଲେ ବିଦେଶୀ ପୁଞ୍ଜି ଆଗମନରେ ସ୍ଥିରତା ଆସି ନ ପାରେ ଓ ପୁଞ୍ଜିବଜାର ଅଧିକ ଅସ୍ଥିର ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଡଲାର ତୁଳନାରେ ଟଙ୍କାର ଗତି ଏବଂ ଅଶୋଧିତ ତୈଳ ମୂଲ୍ୟ ଟ୍ରେଣ୍ଡ ଉପରେ ସମସ୍ତଙ୍କର ନଜର ରହିଛି। କ୍ଷତିର ସମ୍ମୁଖୀନ ହେଉଥିବା ସେକ୍ଟରଗୁଡ଼ିକ ପାଇଁ ପ୍ରୋତ୍ସାହନ ପ୍ରଦାନ ଭଳି ସରକାରଙ୍କ ତରଫରୁ ଯଦି କୌଣସି ସହାୟକ ନୀତି ଗ୍ରହଣ କରାଯାଏ, ତେବେ ତୁରନ୍ତ କିଛିଟା ଆଶ୍ୱସ୍ତି ମିଳିପାରେ। ତେବେ ସ୍ଥାୟୀ ସୁଧାର କେବଳ କର୍ପୋରେଟ୍ ଆୟ ବୃଦ୍ଧି ଏବଂ ବୈଶ୍ୱିକ ବାଣିଜ୍ୟ ଉତ୍ତେଜନା ହ୍ରାସ ଦ୍ୱାରା ସମ୍ଭବ ବୋଲି କୁହାଯାଇଛି। ନିବେଶକମାନେ ଚୟନାତ୍ମକ ହେବା ପାଇଁ ବଜାର ରଣନୀତିକାରମାନେ ପରାମର୍ଶ ଦେଇଛନ୍ତି।

### ୟୁକ୍ରେନ୍ ଯୁଦ୍ଧ ପାଇଁ...

ହରାଇବାକୁ ପଡୁଥିବାବେଳେ ଆୟ ହ୍ରାସ ପାଉଛି। ମୋଦିଙ୍କ ଯୁଦ୍ଧ ପାଇଁ ଆମକୁ ପାଣ୍ଠି ଯୋଗାଇବାକୁ ପଡୁଥିବାରୁ କରଦାତା କ୍ଷତି ସହୁଥିବା ନାଭାରୋ କହିଛନ୍ତି। ନାଭାରୋଙ୍କ ସମେତ ହ୍ୱାଇଟ୍ ହାଉସ୍‌ର ଅନ୍ୟତମ ଆର୍ଥିକ ପରାମର୍ଶଦାତା କେଭିନ୍ ହାସେଟ୍ଟ ଭାରତକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ଯଦି ରୁଷିଆରୁ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖେ ଏବଂ ଆମେରିକୀୟ ସାମଗ୍ରୀ ପାଇଁ ବଜାର ଖୋଲିବାକୁ ମନା କରେ ତେବେ ଅଧିକ କଟକଣା ଲାଗୁ ହେବ। ଭାରତୀୟ ସାମଗ୍ରୀ ଉପରେ ନୂଆ ଟାରିଫ୍ ଲଗାଇବା ନିଷ୍ପତ୍ତି ସହ ଆମେରିକା ଜାତୀୟ ଅର୍ଥନୈତିକ ପରିଷଦର ନିର୍ଦ୍ଦେଶକ ଥିବା ହାସେଟ୍ଟ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ଯଦି ନୂଆଦିଲ୍ଲୀ ଏହାର ରୁଷିଆ ଆଭିମୁଖ୍ୟ ନ ବଦଳାଏ ତେବେ ଟ୍ରମ୍ପ୍ ବଦଳାଇବେ ମୁଁ ଭାବୁନାହିଁ ବୋଲି ସେ କହିଛନ୍ତି। ଭାରତ ସହ ବାଣିଜ୍ୟ ବୁଝାମଣା ବିବାଦୀୟ ବୋଲି ହାସେଟ୍ଟ କହିବା ସହ ବଜାର ସୁଯୋଗ ପ୍ରଦାନରେ ଭାରତର କଠୋର ନୀତିକୁ ନିନ୍ଦା କରିଛନ୍ତି।

### ସମୁଦ୍ରରେ ପହଁରି...



ଉଦ୍ଧାର ୪ ମତ୍ସ୍ୟଜୀବୀ

ନେଇଥିବା ୨ଟି ସୋଲପେଟିକୁ ଧରି ୩ଦିନ ଅଖିଆ ଅପିଆ ଭାସମାନ ଅବସ୍ଥାରେ ରହିଥିଲେ। ସେହି ସୋଲପେଟିକୁ ଧରି ପ୍ରାୟ ୨୦ କି.ମି.ରୁ ଊର୍ଦ୍ଧ୍ୱ ପହଁରି ପହଁରି ସେମାନେ ବୁଧବାର ରାତି ୧୦ଟା ବେଳେ କଣିଆ ଜେଟି ନିକଟସ୍ଥ ବନି ଜଙ୍ଗଲ ପାଖରେ ପହଞ୍ଚିଥିଲେ। ଖବର ପାଇ ବୋଟ୍ ମାଲିକ ନଟବର ମଲିକ ଚୂଡ଼ାମଣି ଗ୍ରାମର କେତେଜଣ ମତ୍ସ୍ୟଜୀବୀଙ୍କ ସହ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ରାତି ପ୍ରାୟ ୧୧ଟା ବେଳେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ସମୁଦ୍ରରେ ଫସିଥିବା ସମୟର ସଂଘର୍ଷମୟ ଅନୁଭୂତି ବଖାଣି ମତ୍ସ୍ୟଜୀବୀ ପବନ କହନ୍ତି, ବୋଟ୍‌ଟି ବୁଡ଼ିଯିବା ପରେ ୪ଜଣ ହାତ ଧରାଧରି ହୋଇ ମାଛପେଟିକୁ ଆଶ୍ରା କରି ସମୁଦ୍ରରେ ଭାସୁଥିଲେ। ଘନ ଅନ୍ଧକାର ଗଭୀର ସମୁଦ୍ରରୁ ଜୀବନ ବଞ୍ଚାଇ ଘରକୁ ଫେରିବେ ବୋଲି ଆଶା ନ ଥିଲା। ୪ ଦିନ ଧରି ବିନା ଖାଦ୍ୟରେ ଦୁର୍ବଳ ହୋଇ ଜୀବନ ଚାଲିଯିବା ଭଳି ଅନୁଭବ ହେଉଥିଲା। ବହୁ କଷ୍ଟରେ ଚେଷ୍ଟା କରି ସେହି ସୋଲପେଟି ଭରସାରେ ସେମାନେ ପହଁରି କୂଳକୁ ଆସିପାରିଛନ୍ତି। ପ୍ରଭୁ ଗଜାନନଙ୍କ ଆଶୀର୍ବାଦରୁ ଗଣେଶ ପୂଜା ରାତିରେ ଭାସି ଭାସି କୂଳରେ ଲାଗିଥିଲେ ବୋଲି ସେ କହିଛନ୍ତି।

### ରାଜ୍ୟରେ ଚାଲିବ...

ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ଦେଶରେ ଏବେ ୧୪୩୨୯ଟି ଇ-ବସ୍ ଚଳାଚଳ କରୁଛି। ଦିଲ୍ଲୀରେ ସର୍ବାଧିକ ୩୫୬୪ ଇ-ବସ୍ ଚଳାଚଳ କରୁଥିବାବେଳେ ମହାରାଷ୍ଟ୍ରରେ ୩୨୯୬, କର୍ଣ୍ଣାଟକରେ ୨୨୩୬ ଏବଂ ଉତ୍ତର ପ୍ରଦେଶରେ ୮୫୦ଟି ଇ-ବସ୍ ଚାଲୁଛି। ତେବେ ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇ ପଡ଼ୋଶୀ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ପଛରେ ପକାଇଛି। କେନ୍ଦ୍ର ସରକାର ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓଡ଼ିଶାରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଓ ଅନୁଗୋଳକୁ ଆମ ବସ୍ ସେବା ସମ୍ପ୍ରସାରଣ ପାଇଁ ପ୍ରସ୍ତୁତି ଚଳାଇଛି। ଆମ ବସ୍ ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ଏବେ ଓଡ଼ିଶାରେ ଇ-ବସ୍ ମୁଖ୍ୟତଃ ଭୁବନେଶ୍ୱର, କଟକ ଏବଂ ପୁରୀର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଥିବା ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହେବେ। ଯାତ୍ରାକାଳରେ କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାର ଖର୍ଚ୍ଚଭାର ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତକାଲିର ଯୋଜନା ମୁତାବକ କାମକୁ ଆଜି ସମ୍ପନ୍ନ କରିବାରେ ସଫଳ ହେବେ।

**ବୃଷ** ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବନ୍ଧୁଙ୍କ କାର୍ଯ୍ୟକଳାପ ଦେଖି ବିଚଳିତ ହୋଇପାରନ୍ତି। ପଡୋଶୀଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରର ସମସ୍ୟା ସମାଧାନ ହେବ। ଅଭାବ ନ ଥିଲେ ମଧ୍ୟ କେତକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତା କାରଣରୁ ଆଶା କରି ନ ଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହେବାର ସୂଚନା ରହିଛି। ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାର ଆଶା କରାଯାଇପାରେ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ସାଙ୍ଗକୁ ପ୍ରାଧାନ୍ୟତା ମଧ୍ୟ ବଢ଼ିବ। ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ସିଂହ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ସାମାଜିକ ସ୍ତରରେ ଏଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବନ୍ଧୁଙ୍କ ସହ ବିଭିନ୍ନ ଆଲୋଚନା କରିପାରନ୍ତି। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବାର ସୂଚନା ରହିଛି। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା** ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାର ସୂଚନା ରହିଛି। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିମାନଙ୍କ ନିକଟରୁ ପ୍ରଶଂସା ମିଳିବ। ନିଜ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ବିଛା** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଯାହା ଆଶା କରୁଥିଲେ ତାହା ପାଇପାରିବେ। ଯୁକ୍ତିଯୁକ୍ତ କଥା କହିଲେ ମଧ୍ୟ ସ୍ୱାର୍ଥହାନି ଆଶଙ୍କାରେ ବନ୍ଧୁ ଭୁଲ୍ ଦୃଷ୍ଟିରୁ ବିଚାର କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ବନ୍ଧୁଙ୍କ ପ୍ରେରଣାରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବା ସହ ଟେନ୍‌ସନ ମଧ୍ୟ ଦୂର ହେବ।

**ଧନୁ** ପଡୋଶୀଙ୍କ ସହାନୁଭୂତିରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ସ୍ଥିତି ବଦଳିଯିବ। ଆପଣଙ୍କ କାର୍ଯ୍ୟଦକ୍ଷତାରେ ପଡୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି। କିନ୍ତୁ ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆତ୍ମୀୟ ତଥା ପଡୋଶୀମାନେ ମନ ବୁଝିଲାଭଳି କଥା କହି କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇପାରନ୍ତି।

**କୁମ୍ଭ** ଆପଣଙ୍କ ଲୋକପ୍ରିୟତା ବୃଦ୍ଧି ହେତୁ ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପାଖପଡୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ମୀନ** ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ସରକାରୀ ସ୍ତରରେ ଅଟକିଥିବା କାମକୁ ସମ୍ପନ୍ନ ସକାଶେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ଅଗଷ୍ଟ ୨୯ ତାରିଖ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଶ୍ରୀମନ୍ଦିରରେ ବିମ୍ବାସୁର ବଧ ପ୍ରସ୍ତାବ, ଭାଦ୍ରବ ଶୁକ୍ଳପକ୍ଷର ଷଷ୍ଠୀ ଓଷା ଶୁକ୍ରବାର, ଷଷ୍ଠୀଦେବୀପୂଜା, ସୋମନାଥ ବ୍ରତ ଆରମ୍ଭ। ରାଶି ନକ୍ଷତ୍ର-ଦିବା ଘ.୧୧।୩୮ ମି. ପର୍ଯ୍ୟନ୍ତ, ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ, ଘ.୦୬।୨୩ ମଧ୍ୟେ, ଘ.୦୭।୧୩ ଗତେ, ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁକାଳ।

# ଦିନରେ ଚୋରି, ରାତିରେ ପ୍ରବଚନ

ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)


ମନୋଜ କୁମାର ସିଂ


ଜବତ ସୁନା ଅଳଙ୍କାର ଓ ଟଙ୍କା।

## ମୋଟିଭେଶନାଲ ସ୍ପିକର ଗିରଫ

- ନବବିବାହିତ ଦମ୍ପତିଙ୍କ ଘରୁ ନେଇଯାଇଥିଲେ ଟଙ୍କା, ଅଳଙ୍କାର
- ବିଭିନ୍ନ ଥାନାରେ ୧୦ ମାମଲା: ଅଳଙ୍କାର, ଲକ୍ଷେ ଟଙ୍କା ଜବତ

ୟୁଟ୍ୟୁବରେ ଚ୍ୟାନେଲ ଖୋଲି ପ୍ରବଚନ ଦେଉଥିଲେ। ଅପରାଧକୁ କେମିତି ରୋକା ଯାଇପାରିବ, ଏଥିରେ ଫସି ଲୋକଟିଏ କିପରି ହନ୍ତସନ୍ତ ହୁଏ, ଏହି କାମରୁ କିପରି ଜଣେ ମଣିଷ ନିବୃତ୍ତ ରହି ନିଜକୁ ବଦଳାଇପାରିବ ସେନେଇ ପ୍ରବଚନ ଦେଉଥିଲେ। ହେଲେ ଜୀବନ ବଦଳାଇବାକୁ ଅନ୍ୟମାନଙ୍କୁ ବିଭିନ୍ନ ସତ୍‌ମାର୍ଗ ଦେଖାଉଥିବା ପ୍ରବଚକ ଜଣକ ନିଜେ ଅନ୍ୟ ଘରେ ପଶି କଳାକନା ବୁଲାଉଥିଲେ। ଦିନରେ ଚୋରି କରି ରାତିରେ ପ୍ରବଚନ ଦେଉଥିବା ଜଣେ ମୋଟିଭେଶନାଲ ସ୍ପିକରଙ୍କୁ କମିଶନରେଟ୍ ପୋଲିସ ବାନ୍ଧିଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଖଜୁରିପଦା ଗ୍ରାମର ମନୋଜ କୁମାର ସିଂ(୪୨)। ନବ ବିବାହିତ ଦମ୍ପତିଙ୍କ ଘରର ତାଲା ଭାଙ୍ଗି ଚୋରି କରିବା ମାମଲାରେ ଭରତପୁର ଥାନା ପୋଲିସ ଗୁରୁବାର ମନୋଜଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨୦୦ ଗ୍ରାମ୍‌ର ସୁନା ଅଳଙ୍କାର, ୧ ଲକ୍ଷ ନଗଦ ଟଙ୍କା, ସ୍କୁଟି (ଓଡି୦୧୩-ଡବ୍ଲ୍ୟୁ-୧୭୪୪), ତାଲା ଭଙ୍ଗାରେ ବ୍ୟବହୃତ ରଡ୍ ଜବତ ହୋଇଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟକୁ ମନୋଜଙ୍କୁ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମନୋଜ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ୫, ଚନ୍ଦ୍ରଶେଖରପୁର ଥାନାରେ ୨, ତମାଣ୍ଡୋ, ଖଣ୍ଡଗିରି ଓ ନୟାଗଡ଼ ଥାନାରେ ଗୋଟିଏ ଲେଖାଏ ଚୋରି ମାମଲା ରହିଛି। ମନୋଜ ବିଶେଷ କରି ଦିନବେଳା ଚୋରି କରୁଥିବାବେଳେ ରାତିରେ ୟୁଟ୍ୟୁବ୍ ଚ୍ୟାନେଲ (ଚେଞ୍ଜ ଇୟୋର ଲାଇଫ୍) ଜରିଆରେ ପ୍ରବଚନ ଦେଉଥିଲେ। ତାଲା ପଡ଼ିଥିବା ଘରକୁ ସେ ଟାର୍ଗେଟ୍ କରୁଥିଲେ। ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରି ପ୍ଲଟ ନଂ.୧୨୧୫/୧୫୪୬ସ୍ଥିତ ଏକ ଘରେ ଗତ ୨ମାସ ହେଲା ଭଡ଼ାରେ ରହୁଥିବା ଦମ୍ପତି ଶୁଭଶ୍ରୀ ନାୟକ ଓ ଦେବବ୍ରତ ନାୟକ ଚୋରିର ଶିକାର ହୋଇଥିଲେ। ସେମାନଙ୍କ ୩ ମାସ ତଳେ ବିବାହ ହୋଇଥିଲା। ଶୁଭଶ୍ରୀ ଏକ ବ୍ୟାଙ୍କରେ କାମ କରୁଥିବାବେଳେ ସ୍ୱାମୀ ବ୍ୟବସାୟ କରନ୍ତି। ଅଗଷ୍ଟ ୧୪ ସକାଳ ୯ଟା ୩୦ରେ ଦମ୍ପତି ନିଜ କାମରେ ଘରୁ ବାହାରି ଯାଇଥିଲେ। ମନୋଜ ଏହା ପରେ ସେଠାକୁ ଆସି ତାଲାକୁ ଭାଙ୍ଗିବା ସହ ଚୋରି କରିଥିଲେ। ବେଡ୍‌ରୁମରେ ଥିବା ଆଲମିରାରୁ ୩୦୦ ଗ୍ରାମ୍‌ର ସୁନା ଅଳଙ୍କାର, ପ୍ରାୟ ୫ ଲକ୍ଷ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଶୁଭଶ୍ରୀଙ୍କ ଏତଲାକ୍ରମେ ପୋଲିସ ଭରତପୁର ଥାନାରେ ମାମଲା (ନଂ.୪୬୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ମନୋଜଙ୍କୁ କାବୁ କରିଛି। ଅଭିଯୁକ୍ତ ମନୋଜ ୮୨ ଗ୍ରାମର ସୁନା ଅଳଙ୍କାରକୁ ନୟାଗଡ଼ ୟୁଏନ୍‌ଆଇ ଗୋଲ୍ଡ ବ୍ରାଞ୍ଚରେ ବନ୍ଧକ ରଖି ୪.୭୩ ଲକ୍ଷ ଆଣିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଦମ୍ପତିଙ୍କୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଜବତ ଚୋରି ଅଳଙ୍କାର ଓ ଟଙ୍କା ଫେରାଇଛନ୍ତି। ତେବେ ମନୋଜଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ତାଙ୍କ ଝିଅ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ଜଣେ ଗିରଫ

ସୋହେଲା,୨୮।୮(ଅଶ୍ୱିନୀ ପାତ୍ର)

ପଶ୍ଚିମ ଓଡ଼ିଶାରେ ଗୁରୁବାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ଚାଲିଥିବାବେଳେ ବରଗଡ଼ ଜିଲା ସୋହେଲା ଥାନା ହଳଦୀପାଲି ପେଟ୍ରୋଲ ପମ୍ପରେ ଦିନ ଦ୍ୱିପ୍ରହରରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡରେ ହଳଦୀପାଲି ଗ୍ରାମର ବଳିଷ୍ଠ ପ୍ରଧାନ(୨୪)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ହତ୍ୟାକାରୀ ସୋହେଲା ଥାନା ଗର୍ଭଣା ଗ୍ରାମର ଲିପନ ଓରଫ ଲିପୁ ସାହୁ(୨୪)ଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମୃତକ ବଳିଷ୍ଠ ପେଟ୍ରୋଲ ପମ୍ପ ପରିସରରେ ବସି ମୋବାଇଲ ଦେଖୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟରେ ଅଭିଯୁକ୍ତ ଲିପନ ସେଠାରେ ପହଞ୍ଚି ଅତର୍କିତଭାବେ ଏକ ଟାଙ୍ଗିଆରେ ବଳିଷ୍ଠଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଚୋଟ ପରେ ଚୋଟ ପକାଇଥିଲେ। ଏହାପରେ ଅଭିଯୁକ୍ତ ଦୌଡ଼ି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବଳିଷ୍ଠଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅଭିଯୁକ୍ତ ଲିପନ୍‌ଙ୍କୁ ଖୋଜାଖୋଜି କରି ତାଙ୍କ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ସିସିଟିଭି ଫୁଟେଜରେ କଏଦ ହୋଇଥିବା ଭିଡିଓରେ ମୃତକଙ୍କୁ ଅଭିଯୁକ୍ତ ଟାଙ୍ଗିଆରେ ୧୬ ଚୋଟ ମାରିଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଘଟ ହେବା ପରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଭିଯୁକ୍ତଙ୍କୁ ଫାଶିଦଣ୍ଡ ଦାବିରେ ଉତ୍ୟକ୍ତ ଲୋକେ ଅପରାହ୍ନ ପ୍ରାୟ ୩ଟାରୁ ହଳଦୀପାଲି ଛକ ରାସ୍ତା ଉପରେ ଟାୟାର ଓ କାଠ ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମ କବାଟ, ସୌରଭ ଓତା, ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଥିଲେ। ଆଲୋଚନା ବିଫଳ ହେବାପରେ ଅପରାହ୍ନ ପ୍ରାୟ ୪ଟାରେ ପୋଲିସ ଆନ୍ଦୋଳନକାରୀମାନଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ଏହାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ହଳଦୀପାଲି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ ରହିଛି। ତେବେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

## ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ରାଜପଥ ଅବରୋଧ


ହତ୍ୟା ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ସୋହେଲା ଥାନା ହଳଦୀପାଲି ଛକରେ ରାଜପଥ ଅବରୋଧ।

# ପୋଲିସ ପାଟ୍ରୋଲିଂ ବେଳେ ଚମ୍ପଟ ମାରିଲେ ଅଭିଯୁକ୍ତ

## ଦେଶୀ ବନ୍ଧୁକ, ବାଇକ୍ ଜବତ

ନୀଳଗିରି, ୨୮।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ପୋଲିସ ପକ୍ଷରୁ ବୁଧବାର ରାତି ପ୍ରାୟ ୯ଟା ବେଳେ ପାଟ୍ରୋଲିଂ ଚାଲିଥିବାବେଳେ ନୀଳଗିରି-ମିତ୍ରପୁର ରାସ୍ତାର କେନ୍ଦୁଖୁଣ୍ଟା ଛକ ନିକଟରେ ଜଣେ ବାଇକ୍ ଆରୋହୀ ପୋଲିସକୁ ଦେଖି ଗାଡ଼ି ଛାଡ଼ି ପଳାଇଥିଲେ। ପୋଲିସ ଗାଡ଼ି ପାଖକୁ ଯାଇ ଦେଖିବା ବେଳକୁ ସେଥିରେ ଟଙ୍ଗାଯାଇଥିବା ବ୍ୟାଗ୍‌ରେ ଏକ ଦେଶୀ ବନ୍ଧୁକ ଥିବା ଜଣାପଡିଥିଲା। ପୋଲିସ ବାଇକ୍ (ନଂ. ଓଡି୦୧ଭି-୭୬୬୭) ଓ ବନ୍ଧୁକକୁ ପୋଲିସ ଜବତ କରି ଥାନାକୁ ଆଣିଥିଲା। ଗୁରୁବାର ସକାଳେ ଗାଡ଼ି ମାଲିକ ଧୋବାଶିଳା ଗ୍ରାମର ଭୀମ ସିଂଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା କରିଥିଲା। ଉକ୍ତ ଗାଡ଼ିଟି ତାଙ୍କ ନାମରେ ଅଛି ହେଲେ ଏହାକୁ ଶଳା ମାଗି ନେଇଥିଲେ। ଜବତ ବନ୍ଧୁକ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଭୀମ ପୋଲିସକୁ କହିଛନ୍ତି। ବାଇକ୍ ଚାଳକ ଭୀମଙ୍କ ଶଳା ହୋଇଥିବାବେଳେ ସେ ମାଟିଆଳି ଗ୍ରାମସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଖବରପାଇ ପୋଲିସ ମାଟିଆଳି ଗ୍ରାମରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ତାଙ୍କ ଶ୍ୱଶୁର ଘରୁ ଖସିପଳାଇ ଯାଇଥିଲେ। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୩୪୫/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ନୂଆଁଖାଇରେ ହତ୍ୟା

# ପୁଅ ମାଡ଼ରେ ବାପା ମୃତ

କୁଚିଣ୍ଡା,୨୮।୮(ବିରଞ୍ଚି ଦର୍ବା)

ପଶ୍ଚିମ ଓଡ଼ିଶାବାସୀ ଗୁରୁବାର ଆନନ୍ଦ ଉଲ୍ଲାସର ସହ ଗଣପର୍ବ ନୂଆଁଖାଇ ପାଳନ କରୁଥିବାବେଳେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଚାରଭାଟି ଗ୍ରାମରେ ଘଟିଛି ଏକ ହତ୍ୟାକାଣ୍ଡ। ମାତ୍ର ୭୦ ଟଙ୍କା ଦେବାକୁ ମନା କରିବାରୁ ଉତ୍ୟକ୍ତ ପୁଅର ମୁଥମାଡ଼ରେ ଯାଇଛି ପୁଅର ମୁଥମାଡ଼ରେ ଯାଇଛି ବାପାଙ୍କ ଜୀବନ। ମୃତକ ହେଲେ କୃପାସିନ୍ଧୁ ରକ୍ସା(୭୦)। କୁଚିଣ୍ଡା ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ବିବର୍ଦ୍ଧନ ରକ୍ସା(୨୩)ଙ୍କୁ ଗିରଫ କରିଛି। ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ଆସି ଘଟଣାର ତଦନ୍ତ କରିଛନ୍ତି। ହତ୍ୟାକାଣ୍ଡ ପରେ ଚାରଭାଟି ଗାଁରେ ନୂଆଁଖାଇ ଉଲ୍ଲାସରେ ଫିକା ପଡ଼ିଯାଇଛି।

ସୂଚନା ଅନୁଯାୟୀ, ନୂଆଁଖାଇ ପାଇଁ ଗୁରୁବାର ପୂର୍ବାହ୍ନରେ ପ୍ରସ୍ତୁତି ଚାଲିଥିଲା। ଚାରଭାଟିର ବିବର୍ଦ୍ଧନ ବାପା କୃପାସିନ୍ଧୁଙ୍କୁ ଖର୍ଚ୍ଚ ପାଇଁ ୭୦ଟଙ୍କା ମାଗିଥିଲେ। ମାତ୍ର କୃପାସିନ୍ଧୁ ଟଙ୍କା ଦେବାକୁ ମନା କରିଥିଲେ। ଏହାକୁ ନେଇ ବାପ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ମୁହଁ ଓ ବେକକୁ ମୁଥ ଓ ବିଧା ମାରିଥିଲେ। ଫଳରେ ଘଟଣାସ୍ଥଳରେ କୃପାସିନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ଝିଅ ନିର୍ମିତା ସାହି ପଡ଼ିଶାଙ୍କୁ ଡାକିବା ସହ କୁଚିଣ୍ଡା ଥାନାକୁ ଖବର ଦେଇଥିଲେ। କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ପୋଲିସ ଟିମ୍‌ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବାପାଙ୍କୁ ହତ୍ୟା କରିବା ପରେ ଦୀର୍ଘ ସମୟ ଧରି ମୃତଦେହ ପାଖରେ ବସି ରହିବା ପରେ ପୋଲିସ ଆସୁଥିବା ଜାଣି ବିବର୍ଦ୍ଧନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବିବର୍ଦ୍ଧନଙ୍କୁ ଗିରଫ କରିଛି। କୁଚିଣ୍ଡା ମେଡିକାଲ ଶବାଗାରରେ ମୃତଦେହ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ମାମଲା(ନଂ.୨୪୯/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ମୋବାଇଲ ବାହାନାରେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

ନିଶ୍ଚିନ୍ତକୋଇଲି,୨୮।୮ (ଅଶୋକ କୁମାର ମହାପାତ୍ର)

## ଥାନାରେ ଅଭିଯୁକ୍ତ ଅଟକ

ତୃତୀୟ ଶ୍ରେଣୀରେ ପଢୁଥିବା ଜଣେ ୯ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ମୋବାଇଲ ଦେଖାଇବା ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୨/୨୦୨୫) ରୁଜୁକରିଛି। ଏଥିସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତି ପରିବାର ସହ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ତାଙ୍କ ନାବାଳିକା ଝିଅ ସ୍ଥାନୀୟ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ। ଉକ୍ତ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ବୁଧବାର ସନ୍ଧ୍ୟାରେ ତାଙ୍କୁ ମୋବାଇଲ ଦେଖାଇବାକୁ ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଗୃହକୁ ନେଇଯାଇଥିଲେ। ସେଠାରେ ଅମାନୁଷିକ ଭାବେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ସେ ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ପାଟିଶୁଣି ପରିବାର ସଦସ୍ୟ ଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ କୌଶଳକ୍ରମେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଉଠାଇ ଆଣି ଥାନାରେ ପଚରାଉଚୁରା କରୁଛି।

## ରାଜ୍ୟ ଖବର

# ସମଲେଇଙ୍କୁ ନବାନ୍ନ ଭୋଗ ଲାଗିହେଲା

ସମ୍ବଲପୁର,୨୮।୮(ବି.ଶଙ୍କର)

## ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବମୁଖର


ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସମଲେଇ ପୀଠରେ ଗୁରୁବାର ପୂଜକମାନେ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରୁଛନ୍ତି।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଗୁରୁବାର ପଶ୍ଚିମ ଓଡ଼ିଶାରେ ଉତ୍ସାହ ଉଦ୍ଦୀପନାର ସହ ପାଳନ ହୋଇଯାଇଛି। ଧାର୍ଯ୍ୟ ଲଗ୍ନାନୁସାରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ୍ ଗତେ ୧୦ଟା ୫୫ମିନିଟ୍ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଲାଗି ନୀତି ହୋଇଥିଲା। ପ୍ରାତଃ ୪ଟାରେ ଦେବୀଙ୍କ ସ୍ନାନନୀତି ହୋଇଥିଲା। ସକାଳ ୪ଟା ୩୦ରେ ସମ୍ବଲପୁରୀ ପାଟବସ୍ତ୍ର ଏବଂ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସମଲେଇଙ୍କୁ ପୂଜକମାନେ ଶୃଙ୍ଗାର କରିଥିଲେ। ୯ଟାରେ ମନ୍ଦିର ପରିସରସ୍ଥ ୧୧୫ ପାର୍ଶ୍ୱ ଦେବଦେବୀଙ୍କଠାରେ ଝୋଟି ଦିଆଯାଇଥିଲା। ଏହାପରେ ପରମ୍ପରାନୁସାରେ ପ୍ରାୟ ପୂର୍ବାହ୍ନ ୧୦ଟାରେ କ୍ଷତ୍ରିୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ଘଣ୍ଟ, ଶଙ୍ଖା ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ସେହିପରି କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ସୁଧାଂଶୁ ରାୟ ଏବଂ ପ୍ରଶାନ୍ତ ରାୟଙ୍କ ଘରୁ ମଧ୍ୟ ପ୍ରସ୍ତୁତି ହୋଇଥିବା ନବାନ୍ନ ଭୋଗ ମନ୍ଦିରକୁ ପ୍ରବେଶ ହୋଇଥିଲା। ପରମ୍ପରାନୁସାରେ ନୂଆ ଚାଉଳର ପିଠା କାକରା, ଉଖୁଡ଼ା, ଖିରି, ସାରୁ ଶାଗ ପ୍ରଭୃତି ଝାଡୁଆପଡ଼ା ବେହେରା ପରିବାରଙ୍କ ଘରୁ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଦେବୀଙ୍କ ରୁଦ୍ଧଦ୍ୱାର ନୀତି ଆରମ୍ଭ ହୋଇଥିଲା। ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ ପୂର୍ବକ ଇଷ୍ଟଦେବୀ ମା'ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ଏହି ସମୟରେ ମୁଖ୍ୟ ଦ୍ୱାରରେ ଦଣ୍ଡାୟନମାନ ହୋଇଥିବା ପୂଜକ ଶଙ୍ଖନାଦ କରିଥିଲେ; ଯାହାକି ଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ ହୋଇଥିବା ସୂଚିତ କରିଥିଲା। ପୂର୍ବାହ୍ନ ୧୧ଟାରେ ପୂଜକମାନେ ମନ୍ଦିର ଗମ୍ଭୀରାରୁ ବାହାରିଥିଲେ। ପୂଜକମାନେ ୧୧୫ ପାର୍ଶ୍ୱ ଦେବତାଙ୍କୁ କୁରେଇପତ୍ରରେ ଚାଉଳ, ଗୁଆଘିଅ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୧୧ଟା ୫୦ରେ ମହାଆଳତି ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କ ଅନ୍ନ ଭୋଗ ଓ ପହଡ଼ ନୀତି ହୋଇଥିଲା। ଅପରାହ୍ନ ୧୨ଟା ୩୦ରେ ଭକ୍ତମାନଙ୍କ ଦର୍ଶନ ସକାଶେ ଗମ୍ଭୀରା ଦ୍ୱାର ଉନ୍ମୁକ୍ତ କରାଯାଇଥିଲା।

ସେହିପରି ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ଝାରସୁଗୁଡ଼ା ଜିଲାର ଇଷ୍ଟଦେବୀ ସମଲେଶ୍ୱରୀ, ସୁନ୍ଦରଗଡ଼ ଜିଲାର ସମଲେଇ, ଶିଖରବାସିନୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡ଼ର ସମଲେଇ, ନୂଆପଡ଼ା ଜିଲାର ଟାନୱଟ କଣାଭଇରା ଓ ସମଲେଇ ପୀଠରେ ଧାର୍ଯ୍ୟ ଲଗ୍ନ ଅନୁସାରେ ନବାନ୍ନ ଲାଗି ନୀତି ସମ୍ପନ୍ନ ହୋଇଛି। ଏହା ପରେ ଜନସାଧାରଣ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣକରି ନୂଆଁ ଖାଇଥିଲେ। ଏହାପରେ ଜୁହାର ଭେଟ୍ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ପ୍ରେକ୍ଷାଳୟଗୁଡ଼ିକରେ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ହୋଇଛି। ସମ୍ବଲପୁରୀ ଲୋକଗୀତ, ଲୋକବାଦ୍ୟ, ଲୋକନୃତ୍ୟରେ ପ୍ରେକ୍ଷାଳୟଗୁଡ଼ିକ ଦୁଲୁକିଉଠିଥିଲା। ନୂଆଁଖାଇରେ ପଶ୍ଚିମ ଓଡ଼ିଶାର ଗ୍ରାମରୁ ସହର ମୁଖରିତ ହୋଇଛି।

# ଏଯାଏ ପିଲାଙ୍କୁ ମିଳିଲାନି ସ୍କୁଲ ପୋଷାକ

ଭୁବନେଶ୍ୱର,୨୮।୮ (ସୁଚିସ୍ମିତା ସାହୁ)

ଏବର୍ଷ ସମସ୍ତ ଛାତ୍ରୀଛାତ୍ରଙ୍କୁ ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇ ଦେବାକୁ ରାଜ୍ୟ ସରକାର କହିଥିଲେ। ପିଲାମାନେ ମଧ୍ୟ ଖୁସିରେ ଅପେକ୍ଷା କରିଥିଲେ। ହେଲେ ଶିକ୍ଷା ବର୍ଷର ଅଧା ସମୟ ସରିବାକୁ ବସିଲାଣି, ଏଯାଏ ସରକାରୀ ସ୍କୁଲ ପିଲାଙ୍କୁ ନୂଆ ୟୁନିଫର୍ମ ମିଳିପାରିଲା ନାହିଁ; ଫଳରେ ଅନେକ ପିଲା ଏବେ ଚିରାଫଟା, ସିଲେଇ ହୋଇଥିବା ଓ ରଙ୍ଗ ଉଡ଼ିଯାଇଥିବା ୟୁନିଫର୍ମ ଡ୍ରେସ୍ ପିନ୍ଧି ସ୍କୁଲ ଯାଉଥିବା ଦେଖିବାକୁ ମିଳିଛି। ଏପରି କି ପିଲାଙ୍କ ପାଇଁ ବିକଳ୍ପ ନ ଥିବାରୁ ବର୍ଷାରେ ଓଦା ହୋଇଯାଇଥିବା ଡ୍ରେସ୍ ପିନ୍ଧି ଯିବାକୁ ପଡୁଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏପରି ଅବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠୁଛି।

ରାଜ୍ୟରେ ଡ୍ରପ୍ ଆଉଟ୍ ହାର କମାଇବା ଓ ସ୍କୁଲ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ପ୍ରତିବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଦୁଇ ହଳ ମାଗଣା ପୋଷାକ ଦିଆଯାଉଛି। ଏଥିପାଇଁ ସରକାର ପ୍ରତି ପିଲାଙ୍କ ପିଛା ୧୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏବର୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇଦେବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ସଂସ୍ଥାର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜୁଲାଇ ୧୫ରେ ପିଲାଙ୍କୁ ପୋଷାକ ମିଳିବ ବୋଲି ଦିନ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପରେ ଅଗଷ୍ଟ ୧୫ ସୁଦ୍ଧା ପୋଷାକ ଦିଆଯିବ ବୋଲି କୁହାଯାଇଥିଲା। ସ୍ୱାଧୀନତା ଦିବସରେ ପିଲାମାନେ ନୂଆ ଡ୍ରେସ ପିନ୍ଧି ବିଦ୍ୟାଳୟକୁ ଆସିବାକୁ ଉତ୍କଣ୍ଠାର ସହ ଚାହିଁ ବସିଥିଲେ। ହେଲେ ନ ମିଳିବାରୁ ପୁରୁଣା ୟୁନିଫର୍ମ ପିନ୍ଧି ପତାକା ଉତ୍ତୋଳନ କରିଥିଲେ ପିଲା। ଏମିତି କି ପରେ ବି ନୂଆ ୟୁନିଫର୍ମ ନ ମିଳିବାରୁ ସେମିତି ପୁରୁଣା ୟୁନିଫର୍ମ ଓ ବାହାର ଡ୍ରେସ୍ ପିନ୍ଧି ପିଲାମାନେ ସ୍କୁଲରେ ଗଣେଶ ପୂଜା କରିଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ସରକାରୀ ସ୍କୁଲରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାଜ୍ୟରେ ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁବାଟିକା ଖୋଲାଯାଇଛି। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ମାଗଣା ୟୁନିଫର୍ମ ପ୍ରଦାନ କରାଯିବ। ହେଲେ ଏଯାବତ ଡ୍ରେସ ମିଳି ନ ଥିବାରୁ ସେମାନେ ମଧ୍ୟ ଘରୋଇ ଡ୍ରେସ ପିନ୍ଧି ସ୍କୁଲ ଯାଉଛନ୍ତି। ତେବେ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ମଚାରୀମାନେ କହିଛନ୍ତି, ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀମାନେ ଠିକ ଭାବେ ଯାଞ୍ଚ କରୁନାହାନ୍ତି କି ପଦକ୍ଷେପ ନେଉନାହାନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀମାନେ (ଏସ୍‌ଏଚ୍‌ଜି) ପୋଷାକ ତିଆରି କରିବାରେ ବିଳମ୍ବ କରୁଛନ୍ତି। ସେଥିପାଇଁ ପିଲାଙ୍କୁ ପୋଷାକ ମିଳିବାରେ ବିଳମ୍ବ ହେଉଥିବା କହୁଛନ୍ତି। ଭୁବନେଶ୍ୱରର କିଛି ସ୍କୁଲ ପିଲାଙ୍କୁ ହାଉସ୍ ପୋଷାକ ଓ ଟୋପି ବଣ୍ଟନ କରାଯାଇଛି। କିନ୍ତୁ ଏଯାବତ ତାଙ୍କୁ ସ୍କୁଲ ୟୁନିଫର୍ମ ମିଳିନାହିଁ। କେବେ ମିଳିବ ତାହା ଠିକ ଭାବେ ଜଣାନାହିଁ। ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ସ୍କୁଲ ଡ୍ରେସ ବଣ୍ଟନ ଆରମ୍ଭ ହୋଇଛି। ଆମକୁ ବିଳମ୍ବରେ ଅନୁମୋଦନ ମିଳିଥିଲା। ସେଥିପାଇଁ ପିଲାଙ୍କ ଡ୍ରେସ୍ ବଣ୍ଟନରେ ବିଳମ୍ବ ହୋଇଛି। ସେପ୍ଟେମ୍ବର ୫ ସୁଦ୍ଧା ସବୁ ବିଦ୍ୟାଳୟରେ ପିଲାଙ୍କୁ ସ୍କୁଲ ଡ୍ରେସ୍ ମିଳିଯିବ। ଏସ୍‌ଏଚ୍‌ଜିଗୁଡ଼ିକୁ ତ୍ୱରିତ କାର୍ଯ୍ୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ୩୦ରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୨୮।୮(ସୁଚିସ୍ମିତା ସାହୁ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଆସନ୍ତା ୩୦ ତାରିଖଠାରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆରମ୍ଭ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ରହିଥିବା ଉତ୍କଳ ରଙ୍ଗମଞ୍ଚଠାରେ ୩ଦିନ ଧରି ଚାଲିବାକୁ ଏହି ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିବେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷିତ ହେବା ସହିତ 'ଗୋଟିପୁଅର ଗାୟନ ବାଦନ ଓ ପରିବେଷଣ', 'ଗୋଟିପୁଅର ବିକାଶ', 'ଗୋଟିପୁଅର ମୌଳିକତା ଓ ବେଶପୋଷାକ' ଶୀର୍ଷକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ପ୍ରାଚୀନ ମଠ ଓ ମନ୍ଦିର ଗୁଡ଼ିକରେ ପୂର୍ବରୁ ପରିବେଷିତ ହୋଇଥିବା ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ସଂଗୃହିତ ହୋଇଥିବା ବିରଳ ଗୋଟିପୁଅ ନୃତ୍ୟ ପରମ୍ପରାର ଭିଡ଼ିଓ ଗୁଡିକ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟରେ ପ୍ରଦର୍ଶନ କରାଯିବ।

# ରାଜଭବନରେ ନୂଆଁଖାଇ

ଭୁବନେଶ୍ୱର,୨୮।୮(ସୁଚିସ୍ମିତା ସାହୁ)

ରାଜଭବନରେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ରାଜଭବନର ଅଭିଷେକ ହଲଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି ନୂଆ ଧାନ ଓ ନବାନ୍ନ ଅର୍ପଣ କରିବା ସହ ରାଜ୍ୟବାସୀଙ୍କର ଶୁଭ ମନାସି ଥିଲେ। ନୂଆଁଖାଇ ପାଳନ କରି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ନୂଆଁଖାଇ ଏକ ପର୍ବ, ଯାହା ଧରିତ୍ରୀ ମାତା ଓ ଆମର କୃଷକଙ୍କ ପ୍ରତି କୃତଜ୍ଞତା ଜଣାଇବାର ଅବସର। ଏହି ପର୍ବ ପାରିବାରିକ ବନ୍ଧନକୁ ମଜଭୁତ କରିବା ସହିତ ଲୋକଙ୍କୁ ଏକାଠି କରିବା ଏବଂ ସଦ୍‌ଭାବ ପ୍ରତିଷ୍ଠା କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ କୃଷକ ଭାଇ ଭଉଣୀ ତଥା ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସେମାନଙ୍କ ସୁଖ ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ରାଜଭବନରେ ନୂଆଁଖାଇ ପାଳନ ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଇଷ୍ଟଦେବୀଙ୍କ ଆଶୀର୍ବାଦ ପ୍ରାର୍ଥନା କରିବା ସହିତ ନବାନ୍ନ ଭକ୍ଷଣ କରିଥିଲେ।


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମା' ସମଲେଇଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

-ଷଷ୍ଠୀ ଓଷା,
ସୋମନାଥ ବ୍ରତାରମ୍ଭ



# ନ୍ୟାୟ ପାଇଁ ସଂଗ୍ରାମ



ଜେମ୍ସ ଏ.ଗୋଲ୍ଡଷ୍ଟୋନ୍

ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଆଇନ, ନୀତି ଓ ଏହାସହ ଜଡ଼ିତ ସଂସ୍ଥାଗୁଡ଼ିକ ଗମ୍ଭୀର ଅପରାଧରେ ଲିପ୍ତ ଅପରାଧୀମାନଙ୍କୁ ଉତ୍ତରଦାୟୀ କରିବାରେ ନିଆଯାଉଥିବା ପଦକ୍ଷେପ ସବୁକୁ ମାର୍ଗଦର୍ଶନ କରିଆସିଛି। ବିଶ୍ୱ ମୁଖ୍ୟତଃ ଗଣତନ୍ତ୍ର ଓ ମାନବ ଅଧିକାରକୁ ଅଧିକ ସମ୍ମାନ ଦେବା ଲାଗି ଆଗଉଥିବା ଅବଧାରଣାକୁ ଆଧାର କରି ଅନ୍ତର୍ଜାତୀୟ ନ୍ୟାୟିକ ଢାଞ୍ଚା ଗଠନ କରାଯାଇଥିଲା। ଏହା ନିଶ୍ଚିତ ଯେ, ନ୍ୟାୟିକ ଅଗ୍ରଗତି ସରଳ ନ ଥିଲା। ଏଥିରେ ସବୁଦିଗରେ ପ୍ରତିକୂଳ ସ୍ଥିତି ସବୁ ରହିଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଜାପାନର ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ନୁରେମ୍ବର୍ଗ ଓ ଟୋକିଓ ଯୁଦ୍ଧ ଅପରାଧ ନ୍ୟାୟିକ ବିଚାରଠାରୁ ଆରମ୍ଭକରି ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ଗଠନ କରିଥିବା ରୋମ ନିୟମାବଳୀର ସ୍ୱୀକୃତି ପର୍ଯ୍ୟନ୍ତ; ସାଧାରଣ ପ୍ରକ୍ରିୟା ଉତ୍ତରଦାୟିତ୍ୱ ଦିଗରେ ହିଁ ଗତିକରୁଥିଲା। ବିଶ୍ୱରେ କେତେକ ପୁରାତନ ଓ ସବୁଠୁ ଶକ୍ତିଶାଳୀ ଗଣତାନ୍ତ୍ରିକ ଦେଶ ସେମାନଙ୍କର ତ୍ରୁଟି ଓ ଅପରାଧ ଥିବା ସତ୍ତ୍ୱେ ୟୁଗୋସ୍ଲାଭିଆ, ର୍ୱାଣ୍ଡା ଏବଂ ସିଏରା ଲିଓନ୍‌ରେ ନ୍ୟାୟ ପାଇଁ ନେତୃତ୍ୱ ନେବାର ପ୍ରୟାସରେ ସାହାଯ୍ୟ କରିଥିଲେ। ହେଲେ ଏବେ ଏହି ଧାରା ପୂରା ବିପରୀତ ହୋଇଯାଇଛି। ମାନବ ଅଧିକାରକୁ ଆଡ଼ ଆଖିରେ ଦେଖୁଥିବା ଏକଚ୍ଛତ୍ରବାଦୀ ନେତାମାନେ ଆମେରିକା ସମେତ ଅନେକ ଗଣତାନ୍ତ୍ରିକ ଦେଶରେ କ୍ଷମତାକୁ ଆସିଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ୨୦୧୬ରେ ପ୍ରଥମେ ରାଷ୍ଟ୍ରପତି ହେବା ପରେ ୨୦୨୪ରେ ପୁନର୍ବାର ନିର୍ବାଚିତ ହେବା ପ୍ରକୃତରେ ଚିନ୍ତାଜନକ। ଦ୍ୱିତୀୟ ପାଳିରେ ଟ୍ରମ୍ପଙ୍କ ପ୍ରଶାସନରେ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଆମେରିକାର ନେତୃତ୍ୱ ଜରୁରୀ, କିନ୍ତୁ ଏଥିରେ ଅସଙ୍ଗତି ଦେଖାଯାଇଛି। ଆମେରିକା ତା' ଦାୟିତ୍ୱରୁ ଦୂରେଇଯାଇ ଆଇସିସିର ପ୍ରୋସେକ୍ୟୁଟର, ୨ଜଣ ଡେପୁଟି ପ୍ରୋସେକ୍ୟୁଟର ଏବଂ ୬ ଜଣ ବିଚାରପତିଙ୍କ ଉପରେ କଟକଣା ଲଗାଇଛି।

କୌଣସି ପ୍ରକାର ଉତ୍ତରଦାୟିତ୍ୱକୁ ଭୟ କରୁଥିବା ଏକଚ୍ଛତ୍ରବାଦୀ ଶକ୍ତିର ଚାପରେ ରହିବାରେ ଆମେରିକା କେବଳ ଏକମାତ୍ର ଗଣତନ୍ତ୍ର ନୁହେଁ। ପ୍ରକାଶିତ ଖବରଗୁଡ଼ିକ ଅନୁଯାୟୀ, ଏବେ ଗାଜାରେ ଲାଗି ରହିଥିବା ଯୁଦ୍ଧ ପୂର୍ବରୁ ଇସ୍ରାଏଲର ମୋସାଦ ଇଣ୍ଟେଲିଜେନ୍ସ ଏଜେନ୍ସିର ପୂର୍ବତନ ନିର୍ଦ୍ଦେଶକ ଆଇସିସିର ସେତେବେଳର ପ୍ରୋସେକ୍ୟୁଟର ଫାଟୌ ବେନ୍‌ସୌଦାଙ୍କୁ ଧମକ ଦେଇଥିବା ଅଭିଯୋଗ ଆସିଥିଲା। ପାଲେଷ୍ଟାଇନ୍‌ରେ ମାନବତା ବିରୋଧୀ ଅପରାଧ ଓ ଯୁଦ୍ଧ ଅପରାଧ ଅଭିଯୋଗ ଉପରେ ତଦନ୍ତରେ ବାଧା ସୃଷ୍ଟି କରିବାରେ କ୍ଷମତାର ଚାପରେ ଚାଲିଥିବା ଏକ ଦୀର୍ଘବର୍ଷର



ଅଭିଯାନ ଯୋଗୁ ଏଭଳି ଘଟିଥିଲା। ୨୦୧୯ରେ, ଫିଲିପାଇନ୍ସର ସେତେବେଳର ରାଷ୍ଟ୍ରପତି ରୋଡ୍ରିଗୋ ଡୁଟର୍ଟେଙ୍କ ଡ୍ରଗ୍ସ ବିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ଆଇସିସି ତଦନ୍ତ କରିବା ପରେ ଫିଲିପାଇନ୍ସ ଆଇସିସିରୁ ଓହରିଯାଇଥିଲା। ଏହା ସହ ଚଳିତ ବର୍ଷ ପ୍ରାରମ୍ଭରେ, ଆଇସିସିର ଏକ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବା ପାଇଁ ମନା କରିଦେବା ପରେ ହଙ୍ଗେରୀ ମଧ ଆଇସିସିରୁ ଦୂରେଇଯିବା ଲାଗି ଘୋଷଣା କରିଥିଲା।

ଅବଶ୍ୟ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା କେବଳ ଗଣତନ୍ତ୍ରଗୁଡ଼ିକ ପାଇଁ ଚିନ୍ତାର କାରଣ ନୁହେଁ। ମିତ୍ରଶକ୍ତିର ନେତାମାନଙ୍କ ମଧ୍ୟରେ ଅନ୍ୟତମ ଜୋଶେଫ ଷ୍ଟାଲିନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଣ୍ଟରନ୍ୟାଶନାଲ ମିଲିଟାରି ଟ୍ରିବ୍ୟୁନାଲ ବା ଅନ୍ତର୍ଜାତୀୟ ସାମରିକ ପ୍ରାଧିକରଣ ଗଠନ କରିବାକୁ ରାଜି ହୋଇଥିଲେ, ଯାହା ନୁରେମ୍ବର୍ଗ ବୈଠକରେ ଉପସ୍ଥାପନ କରାଯାଇଥିଲା। ନୁରେମ୍ବର୍ଗରେ ଆମେରିକାର ମୁଖ୍ୟ ପ୍ରୋସେକ୍ୟୁଟର ଭାବେ କାର୍ଯ୍ୟ କରିଥିବା ତଥା ଆମେରିକା ସୁପ୍ରିମକୋର୍ଟ ବିଚାରପତି ରବର୍ଟ ଜାକ୍‌ସନ ତାଙ୍କ ପ୍ରାରମ୍ଭିକ ବିବୃତିରେ କହିଥିଲେ, ଅଧିକ ଶାନ୍ତି ବଜାୟ ରଖିବା ପାଇଁ ନିଆଯାଉଥିବା ବୃହତ୍ ପଦକ୍ଷେପର ଏକ ଅଂଶ ହେଉଛି ନ୍ୟାୟିକ ବିଚାର। ରୋମ ନିୟମାବଳୀରେ ସ୍ୱାକ୍ଷର କରିଥିବା ସରକାରଗୁଡ଼ିକ ସମାନ ଭାବେ ସ୍ୱୀକାର କରନ୍ତି ଯେ,ଗମ୍ଭୀର ଅପରାଧଗୁଡ଼ିକ ଶାନ୍ତି, ସୁରକ୍ଷା ଓ ବିଶ୍ୱର ମଙ୍ଗଳ ପ୍ରତି ବିପଦ।

ଏପରିକି ବିଶ୍ୱ ଏବେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଉଥିବା ସମୟରେ ପୃଥିବୀରେ ଗଣହତ୍ୟାର ଶିକାର ହେଉଥିବା ଲୋକଙ୍କ ସହ ଯୁଦ୍ଧ ଅପରାଧ, ମାନବତା ବିରୋଧୀ ଅପରାଧ ଏବଂ ଆକ୍ରମଣ ଆଦି କ୍ଷେତ୍ରରେ ନ୍ୟାୟ ଦେବା ଲାଗି ଚେଷ୍ଟା କରୁଥିବା ସ୍ୱାଧୀନ ବିଚାରପତି ଓ ଆଇନଜୀବୀଙ୍କ ପାଇଁ ପୃଥିବୀ ଏକ ଅସୁରକ୍ଷିତ ତଥା ଅଶାନ୍ତ ସ୍ଥାନ ହୋଇଯାଇଛି। ସେମାନଙ୍କ ଦାୟିତ୍ୱକୁ ସଙ୍କୁଚିତ କରୁଛି। ପାରମ୍ପରିକ ସୀମା ଟପି ଯେତେବେଳେ ଦେଶର ନିର୍ବାଚିତ ମୁଖ୍ୟମାନେ ସେମାନଙ୍କ କ୍ଷମତା ବିସ୍ତାର କରିବାକୁ ଚାହୁଁଛନ୍ତି; ସରକାର ଯେତେବେଳେ ବାର୍ ଆସୋସିଏଶନର ନେତୃତ୍ୱକୁ ତଡ଼ିଦେଉଛନ୍ତି କିମ୍ବା ସେମାନଙ୍କ ବିରୋଧରେ ଆପରାଧିକ ଅଭିଯୋଗ ଆଣୁଛନ୍ତି ଏବଂ କାର୍ଯ୍ୟପାଳିକାରେ ବିଫଳତା ଉପରେ ଏକ ମଜଭୁତ ପାଚେରି ଭାବେ ଠିଆହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଶର ନ୍ୟାୟାଳୟଗୁଡ଼ିକରେ ଚେଷ୍ଟା କରୁଥିବା ବିଚାରପତିମାନଙ୍କୁ ଧମକ ଦିଆଯାଉଛି; ସେତେବେଳେ ଆଇନର ଶାସନ ପ୍ରଭାବିତ ହେଉଛି। ଏହା ସମସ୍ତଙ୍କ ପ୍ରତି କ୍ଷତିକାରକ।

ତେବେ ପ୍ରଶ୍ନ ଉଠୁଛି, ଗମ୍ଭୀର ଅପରାଧରେ ଜଡ଼ିତ ଅପରାଧୀମାନଙ୍କୁ ଦାୟୀ କରାଯିବାର କାର୍ଯ୍ୟ କଠିନ ପରିସ୍ଥିତି ମଧ୍ୟରେ ଜାରି ରହିବ ନା ଲୋପ ପାଇଯିବ। ତେବେ ଅନେକ ଆହ୍ୱାନ ଓ ଅସନ୍ତୋଷ ମଧ୍ୟରେ ବିରୋଧ ଓ ସାହସର ଅନେକ ଅଭିବ୍ୟକ୍ତିରେ ମୁଁ କିଛି ଆଶା ଥିବା ଲକ୍ଷ୍ୟକରୁଛି। ଏହା ସହ ଆଇନ ଉପରେ ରହିଥିବା ବିଶ୍ୱାସ କ୍ଷମତାର ଅହଂକାର ବିରୋଧରେ ପ୍ରତିବାଦ କରିବା ପାଇଁ ଏକ ସାଧନ ଭାବେ ଉଭାହୋଇଥିବା ଜଣାପଡ଼ୁଛି। ଏଭଳି ପ୍ରଗତି ସବୁଠି ଦେଖାଯାଇଛି ଓ ଆଇନର ଶାସନକୁ ଅଗକୁ ନେଇଛି। ଫଳରେ ଏକ ଆଇନ-ଶାସନ ସଂସ୍କୃତି ସମ୍ଭବ ହୋଇପାରିଛି। ବର୍ଷେ କି ୨ ବର୍ଷ ତଳେ ସେନେଗାଲ, ଭାରତ, ବ୍ରାଜିଲ ଏବଂ ଅନ୍ୟ ଦେଶଗୁଡ଼ିକରେ ଗଣତାନ୍ତ୍ରିକ ନିର୍ବାଚନଗୁଡ଼ିକରେ ସ୍ୱଚ୍ଛତା ଆଣିଥିବା ବିଚାରପତିମାନଙ୍କୁ ଦେଖନ୍ତୁ। ବହୁ ସମୟରେ ସେମାନେ ବଡ଼ ବିପଦରେ ରହି କାମ କରିଛନ୍ତି। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ମନ୍ତବ୍ୟ ଓ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ଆଇନ ସଂସ୍ଥାଗୁଡ଼ିକୁ ଦଣ୍ଡିତ କରିବା ସକାଶେ ନିଆଯାଇଥିବା ବେଆଇନ ପଦକ୍ଷେପକୁ ଆମେରିକାର କୋର୍ଟଗୁଡ଼ିକ ରଦ୍ଦ କରିଦେଇଥିବା ଘଟଣା ସମ୍ପର୍କରେ ବି ବିଚାର କରନ୍ତୁ।

ବିଶ୍ୱସ୍ତରରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ ବା ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ(ଆଇସିଜେ) ମ୍ୟାନ୍‌ମାର, ସିରିଆ ଓ ଗାଜାରେ ଘଟୁଥିବା ଗମ୍ଭୀର ଅପରାଧଗୁଡ଼ିକୁ ସାମ୍ନାକୁ ଆଣିବାରେ ସାହସର ସହ ପ୍ରମୁଖ ଭୂମିକା ନେଇଛି। ଗତ ବର୍ଷ ଆଇସିଜେ, ଇଣ୍ଟରନ୍ୟାଶନାଲ ଟ୍ରିବ୍ୟୁନାଲ ଫର୍ ଦି ଲ ଅଫ୍ ଦି ସି ଏବଂ ଇଣ୍ଟର ଆମେରିକାନ କୋର୍ଟ ଅଫ୍ ହ୍ୟୁମାନ ରାଇଟ୍ସର ରାୟ ସ୍ପଷ୍ଟ କରିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦେଶଗୁଡ଼ିକର ଏକ ନ୍ୟାୟିକ ଦାୟିତ୍ୱ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରରେ ନ୍ୟାୟ ପାଇଁ ଏବଂ ଗଣତନ୍ତ୍ର ସକାଶେ ଏବେ ଚାଲିଥିବା ସଂଗ୍ରାମ ଯଦିଓ ସମାନ ନୁହେଁ , ତଥାପି ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଛି। ଉଭୟ ଲଢ଼େଇରେ କେବଳ ଆଶା ପ୍ରକାଶ କରିବା ଯଥେଷ୍ଟ ନୁହେଁ । ବରଂ ଗମ୍ଭୀର ଅପରାଧର ଶିକାର ହୋଇଥିବା ଲୋକମାନଙ୍କ ପାଇଁ ଏବଂ ଅପରାଧ ବିରୋଧରେ ସ୍ୱର ଉଠାଇବାକୁ ଯେଉଁମାନେ ଚିନ୍ତା କରୁଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଦରକାର। ବ୍ୟାପକ ଭୟର ଏକ ବାତାବରଣରେ ଏକ ଚିଠିରେ ସ୍ୱାକ୍ଷର କରିବା,ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଯୋଗଦେବା କିମ୍ବା ଏକଚ୍ଛତ୍ରବାଦ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ନ୍ୟାୟିକ ଅଭିଯୋଗ ଦାଖଲ କରିବାର ପ୍ରତ୍ୟେକଟି ନିଷ୍ପତ୍ତି ହେଉଛି ନ୍ୟାୟ ପାଇଁ ଏକ ପଦକ୍ଷେପ।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,**
**ଓପନ ସୋସାଇଟି ଜଷ୍ଟିସ୍ ଇନିସିଏଟିଭ**

## ଏଇ ଭାରତରେ

ସ୍ୱର୍ଣ୍ଣଚମ୍ପାର ମୂଲ୍ୟ ବଜାରରେ ଅଧିକ। ଏହାକୁ ଲକ୍ଷ୍ୟ କରି ମହାରାଷ୍ଟ୍ର ସିନ୍ଧୁଦୁର୍ଗର ଉଦୟ ଗୋପୀନାଥ ଭେଲାଙ୍କର ଏହି ଫୁଲ ଚାଷ ଆରମ୍ଭ କରିଥିଲେ। ଏବେ ଜଣେ ସଫଳ ଚାଷୀ ଭାବେ ଏଥିରୁ ସେ ବର୍ଷକୁ ୯ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସାତ ପ୍ରକାର ସ୍ୱର୍ଣ୍ଣଚମ୍ପା ଅଛି, କିନ୍ତୁ ଉଦୟ ଗାଢ଼ ହଳଦିଆ କିସମକୁ ଚାଷ କରୁଛନ୍ତି। ୨୦ ଏକର ନର୍ସରିରେ ୩୦୦୦ ବଡ଼ ଚମ୍ପାଗଛ ଅଛି। ପ୍ରତିଦିନ ଗୋଟିଏ ଗଛରୁ ୧୫୦-୨୦୦ ଫୁଲ ମିଳୁଛି। ବଜାରରେ ୧୦୦ଟି ଫୁଲକୁ ୧୦୦ ଟଙ୍କାରେ ସେ ବିକ୍ରି କରୁଛନ୍ତି। ଶ୍ରବଣ ମାସରେ କିମ୍ବା ବିଭିନ୍ନ ପର୍ବପର୍ବାଣିରେ ଏହା ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ପ୍ରତିବର୍ଷ ଏହିସବୁ ଗଛରୁ ସେ ୧୦,୦୦୦ କଲମୀ ଉତ୍ତାରୁଛନ୍ତି ଏବଂ ତାହାକୁ ମହାରାଷ୍ଟ୍ର ସମେତ ମଧ୍ୟପ୍ରଦେଶ, କେରଳ, କର୍ନାଟକ ଓ ତାମିଲନାଡୁରେ ବିକ୍ରି କରାଯାଉଛି। କେବଳ ଏତିକି ନୁହେଁ, ସେ କଲମୀ ପଦ୍ଧତିରେ ଏକ ନୂଆ କିସମର ଫୁଲ ବିକାଶ କରିଛନ୍ତି, ଯାହାର ନାମ ଦେଇଛନ୍ତି 'ଭେଲାଙ୍କର ଚମ୍ପା'। ଏହା ବର୍ଷର ସବୁ ସମୟରେ ଫୁଟୁଛି।

## ଚିରନ୍ତନୀ

ମୋ ମରମ କିପାଁ ସଚକିତ ଯେ
ଫଗୁଣ-ଜୋଛନା ତଳେ ମିତ ହେ !
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭାସିଯାଏ ତରଣୀ
ଉନ୍ମନା ଆଜି ମୋର କରଣୀ
ନ ମାନଇ ଭାଷା ବନ୍ଧର ଗୀତ ସେ ! -(ଫଗୁଣ ଜ୍ୟୋସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 3 | | 4 | | | | |
| | | 6 | 8 | | | 9 | | |
| | | | | 2 | | 6 | | 3 |
| | 7 | | 1 | 6 | | | | |
| | 4 | 9 | | | | | 5 | |
| 2 | | | | | | | | |
| | | | 6 | 5 | | | 2 | |
| | 9 | | | | | | 7 | 1 |
| | 8 | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 3 | 5 | 9 | 4 | 7 | 6 |
| 5 | 7 | 9 | 6 | 8 | 4 | 3 | 1 | 2 |
| 6 | 3 | 4 | 1 | 7 | 2 | 5 | 8 | 9 |
| 4 | 5 | 6 | 2 | 1 | 8 | 7 | 9 | 3 |
| 7 | 9 | 1 | 4 | 3 | 6 | 2 | 5 | 8 |
| 8 | 2 | 3 | 7 | 9 | 5 | 6 | 4 | 1 |
| 3 | 1 | 8 | 5 | 2 | 7 | 9 | 6 | 4 |
| 2 | 6 | 5 | 9 | 4 | 1 | 8 | 3 | 7 |
| 9 | 4 | 7 | 8 | 6 | 3 | 1 | 2 | 5 |

ଗତକାଲିର ଉତ୍ତର

# ଭାରତୀୟ ଦର୍ଶନରେ କର୍ମବାଦ



ଡ.ଚନ୍ଦ୍ରକଳା ନାୟକ

ଭାରତୀୟ ସଂସ୍କୃତିରେ ଦର୍ଶନକୁ ତତ୍ତ୍ୱଜ୍ଞାନ ବା ଆଧ୍ୟାତ୍ମିକ ବିଦ୍ୟା ବୋଲି ଅଭିହିତ କରାଯାଏ। ଦର୍ଶନର ଆକ୍ଷରିକ ଅର୍ଥ ହେଉଛି 'ପ୍ରଜ୍ଞାନୁରାଗ'। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ମତରେ ଦର୍ଶନ ହେଉଛି ବାସ୍ତବତାର ସମ୍ପର୍କରେ ଏକ ଯୁକ୍ତିଯୁକ୍ତ ସମସ୍ୟା। ଭାରତୀୟ ଦର୍ଶନରେ ମାନସିକ, ସାମାଜିକ, ଆଧ୍ୟାତ୍ମିକ ତଥା ନୈତିକ ଶକ୍ତିର ବିକାଶ ଘଟିଥାଏ। ମନୁଷ୍ୟ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଦର୍ଶନ ଏକ ଜୀବନବ୍ୟାପୀ ପ୍ରକ୍ରିୟା। ଭାରତୀୟ ଦର୍ଶନ କର୍ମବାଦରେ ଗଭୀରଭାବେ ବିଶ୍ୱାସ ରଖେ। ଯେଉଁଭଳି କର୍ମ ତଦନୁଯାୟୀ ନିଶ୍ଚିତ ଫଳ ହେଉଛି କର୍ମବାଦର ମୂଳଖାତା। କୃତକର୍ମର ଫଳ ନଷ୍ଟ ହୁଏ ନାହିଁ ଓ ଅକୃତକର୍ମର ଫଳ ଲାଭ ହୁଏନାହିଁ। ଭାରତୀୟ ଦର୍ଶନରେ କେବଳ କର୍ମବାଦ ସୀମିତ ନୁହେଁ। ଏହା ସମଗ୍ର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ସାଧାରଣରୁ ଅତିସାଧାରଣ ଲୋକଟିଏ ଏଥିରେ ଗଭୀର ବିଶ୍ୱାସ ରଖେ। ଏହି ବିଶ୍ୱାସ ଅନୁଯାୟୀ ନିଜ ଜୀବନକୁ ପରିଚାଳିତ କରିବାରେ ପ୍ରୟାସକରେ। ଭାରତୀୟ ପ୍ରାୟ ସମସ୍ତ ଦାର୍ଶନିକ ସମ୍ପ୍ରଦାୟ କର୍ମବାଦକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିଶ୍ୱାସ କରନ୍ତି। ବୌଦ୍ଧଧର୍ମଠାରୁ ଆରମ୍ଭ କରି ବେଦାନ୍ତ ପର୍ଯ୍ୟନ୍ତ ସମସ୍ତେ କର୍ମବାଦ ଉପରେ ବିଶ୍ୱାସ ରଖିଥାନ୍ତି।

କର୍ମ ତିନି ପ୍ରକାରର। ସଞ୍ଚିତ କର୍ମ, ପ୍ରାରବ୍ଧ କର୍ମ ଓ କ୍ରିୟମାଣ କର୍ମ। ଯେଉଁ କର୍ମ ପୂର୍ବଜନ୍ମରେ, ଯାହାର ଫଳଭୋଗ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ତାହା ସଞ୍ଚିତ କର୍ମ। ଯେଉଁ କର୍ମର ଫଳଭୋଗ ଆରମ୍ଭ ହୋଇଛି, ତାହାକୁ ପ୍ରାରବ୍ଧ କର୍ମ କୁହାଯାଏ। ପ୍ରାରବ୍ଧ କର୍ମର ଫଳଭୋଗ ପାଇଁ ଆମେ ଶରୀର ଧାରଣ କରିଛୁ। ଏହି ଜୀବନରେ ବର୍ତ୍ତମାନ ଆମେ ଯେଉଁ କର୍ମକରିଛୁ, ତାହାକୁ କ୍ରିୟମାଣ କର୍ମ କୁହାଯାଏ। ଭାରତୀୟ ଦର୍ଶନ କର୍ମବାଦର ଉଭୟତାତ୍ତ୍ୱିକ ଓ ବ୍ୟବହାରିକ ଦିଗ ପ୍ରତି ଗୁରୁତ୍ୱ ଦିଏ। ପାଶ୍ଚାତ୍ୟ ଦର୍ଶନ ସତ୍ୟକୁ ଜାଣିବାକୁ ଚେଷ୍ଟାକରେ, କିନ୍ତୁ ଭାରତୀୟ ଦର୍ଶନ ସତ୍ୟକୁ ଜାଣିବା ସହ ଜୀବନର ସତ୍ୟକୁ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖେ। ଏହା କେବଳ ତତ୍ତ୍ୱଚର୍ଯ୍ୟା ନୁହେଁ, ଜୀବନଚର୍ଯ୍ୟା ମଧ୍ୟ। ଭାରତୀୟ ଆଦର୍ଶ ଭାରତୀୟଙ୍କ ଜୀବନ ଧର୍ମ ପାଲଟି ଯାଏ। ଭାରତରେ ନୀତିଶାସ୍ତ୍ର ଓ ଧର୍ମ ଦର୍ଶନଠାରୁ ପୃଥକ ଭାବେ କିମ୍ବା ସ୍ୱାଧୀନ ଭାବେ କୌଣସି ବିଷୟ ଆଲୋଚିତ ହୋଇ ନାହିଁ। ଭାରତୀୟ ଦର୍ଶନରେ ଧର୍ମ ଓ ନୈତିକତାର ଏକତ୍ର ବିକାଶ ଘଟିଛି। ସେଥି ପାଇଁ କୁହାଯାଏ - ଭୋଗ ବା ଇନ୍ଦ୍ରିୟ ଲାଳସା ପରିତୃପ୍ତିକୁ ଆଦର୍ଶକଲେ, ଜୀବନର କଲ୍ୟାଣ ଅସମ୍ଭବ ଏବଂ ସମାଜରେ ଅରାଜକତା ଅବଶ୍ୟମ୍ଭାବୀ। ଭାରତୀୟ ଦାର୍ଶନିକମାନେ ନୈତିକ ଆଦର୍ଶ ସହିତ ଆଧ୍ୟାତ୍ମିକତାକୁ ଏକତ୍ର ଯୁକ୍ତ କରିଥିବାରୁ ନୈତିକ ପରମାଦର୍ଶ ସମ୍ବନ୍ଧରେ ସେମାନଙ୍କ ଭିତରେ ବିଶେଷ ମତବାଦ ଦେଖାଯାଏ ନାହିଁ। ବ୍ୟକ୍ତିର ଜୀବନକୁ ସୁସ୍ଥ, ସୁଶୃଙ୍ଖଳା କରିବା ଓ ସାମାଜିକ କଲ୍ୟାଣ ପ୍ରତିଷ୍ଠା କରିବା ସବୁ ଭାରତୀୟ ଦାର୍ଶନିକଙ୍କ ପ୍ରାଥମିକତା।

ଶ୍ରୀମଦ୍ ଭଗବଦ୍ ଗୀତା, ମହାଭାରତ ଯୁଦ୍ଧ ପରିପ୍ରେକ୍ଷୀରେ ଶ୍ରୀକୃଷ୍ଣ ଧନୁର୍ଦ୍ଧର ଅର୍ଜୁନଙ୍କୁ ଦେଇଥିବା ଉପଦେଶ ଏକାଧାରରେ ଏକ ଜୀବନ



ଶାସ୍ତ୍ର, ଧର୍ମଶାସ୍ତ୍ର ତଥା ନୀତିଶାସ୍ତ୍ର। ଗୀତାରେ ୧୮ଟି ଅଧ୍ୟାୟ ମଧ୍ୟରୁ ଦ୍ୱିତୀୟ ଅଧ୍ୟାୟ 'ସାଂଖ୍ୟଯୋଗ'ରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କର୍ମସମ୍ପାଦନା ସମ୍ପର୍କରେ ଯେଉଁ ଉପଦେଶ ଦେଇଛନ୍ତି ତାହା ହେଉଛି - କର୍ମଯୋଗ। ମହାଭାରତର ମହାସମରର ପ୍ରଥମ ଦିନରେ ପାଣ୍ଡବ ସେନାର ସେନାପତି ଅର୍ଜୁନ ସମ୍ମୁଖରେ ସ୍ୱଜନମାନଙ୍କୁ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଥିଲେ। ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ତାଙ୍କୁ କର୍ମର ଜଟିଳ ତତ୍ତ୍ୱକୁ ବ୍ୟାଖ୍ୟା କରି ଶ୍ରୀକୃଷ୍ଣ କହିଛନ୍ତି, ଜୀବନ କର୍ମମୟ ଏବଂ ଜୀବନରେ ଏପରି ମୁହୂର୍ତ୍ତ ନାହିଁ, ଯେଉଁଠି କର୍ମ ନାହିଁ। କର୍ମ ହିଁ ଜୀବନ। କେବଳ ମୃତ୍ୟୁରେ ହିଁ କର୍ମରୁ ମୁକ୍ତି। ନିଜର ଧର୍ମାନୁସାରେ କର୍ତ୍ତବ୍ୟ କରିଚାଲିବା ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ। ଯୁଦ୍ଧରେ ପ୍ରିୟଜନଙ୍କ ମୃତ୍ୟୁ ଆଶଙ୍କା ଅର୍ଜୁନଙ୍କୁ ବିଚଳିତ କରୁଥିଲା। ଅର୍ଜୁନଙ୍କୁ ଏହି ମାନସିକ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଶ୍ରୀକୃଷ୍ଣ ପ୍ରଥମେ ତାଙ୍କୁ ଆତ୍ମ ତତ୍ତ୍ୱ ଓ ସ୍ୱଧର୍ମ ପାଳନର ଉପଦେଶ ଦେଇଥିଲେ। କିନ୍ତୁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ କଥା ପରିବର୍ତ୍ତନ କରି ପାରି ନ ଥିଲା। ଅର୍ଜୁନଙ୍କ ଏହି ମାନସିକ ଅବସ୍ଥାର କାରଣ ଥିଲା ତାଙ୍କର ଆତ୍ମାଭିମାନ। ସେ ନିଜକୁ କର୍ତ୍ତା ମଣୁଥିଲେ। ଯୁଦ୍ଧରେ ଯେତେ ରକ୍ତପାତ ଓ ପ୍ରାଣହାନି ଘଟିବ, ତାହା ତାଙ୍କୁ ପାପ ଫଳ ଭୋଗ କରିବାକୁ ଦେବ ବୋଲି ସେ ଚିନ୍ତା କରୁଥିଲେ। ଅପର ପକ୍ଷରେ ଯୁଦ୍ଧକ୍ଷେତ୍ର ତ୍ୟାଗକରି ଯିବା ଯୋଦ୍ଧା କ୍ଷେତ୍ରରେ ଅତ୍ୟନ୍ତ ଅଶୋଭନୀୟ ହେବ, ଏକଥା ବି ଭାବୁଥିଲେ। ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ କାମନା ବାସନା ତ୍ୟାଗକରି, କର୍ତ୍ତୃତ୍ୱର ଅଭିମାନ ପରିହାର କରି, କିଭଳି କର୍ମ କରାଯାଇ ପାରିବ, ତାହା ବୁଝାଇ ଦେଲେ। ଫଳରେ ଆଶା ନ ରଖି ସମ୍ପୂର୍ଣ୍ଣ ନିରାସକ୍ତଭାବେ କାର୍ଯ୍ୟ କରିବା ହିଁ ପ୍ରକୃତ କର୍ମଯୋଗ। ଶ୍ରୀକୃଷ୍ଣଙ୍କ ଏହି ବାଣୀ ଅର୍ଜୁନଙ୍କ ପାଇଁ କେବଳ ନ ଥିଲା, ବରଂ ପଥ ହୁଡ଼ୁଥିବା ଦିଗହରା ମଣିଷ ପାଇଁ ଏହା ମାର୍ଗ ଦର୍ଶନ ଥିଲା।

ଭାରତୀୟ ଦର୍ଶନରେ ଯେଉଁ ଦୁଇ ପ୍ରକାର କର୍ମ କଥା କୁହାଯାଇଛି, ତାହା ସକାମ ଓ ନିଷ୍କାମ କର୍ମ। ଯେଉଁକର୍ମ ଫଳପ୍ରାପ୍ତିର ଆକାଂକ୍ଷା ରଖେ ତାହା ସକାମ କର୍ମ। କିନ୍ତୁ କର୍ମଟି କରିବା ପରେ ଯଦି କର୍ତ୍ତା ତା'ର ଇପ୍‌ସିତ ଫଳ ନ ଥାଏ, ତେବେ ଯନ୍ତ୍ରଣା ଭୋଗକରେ । ଅପର ପକ୍ଷରେ ନିଷ୍କାମ କର୍ମରେ କୌଣସି ଫଳ ଭୋଗର ଇଚ୍ଛା ଜଡ଼ିତ ନ ଥାଏ। ନିଷ୍କାମ କର୍ମ ନୈତିକ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ଭାରତୀୟ ଦର୍ଶନରେ ନିଷ୍କାମ କର୍ମର ତିନୋଟି ଲକ୍ଷଣ ଅଛି। ପ୍ରଥମତଃ ଆକାଂକ୍ଷା ବର୍ଜନ କରିବା ଆବଶ୍ୟକ। ଦ୍ୱିତୀୟରେ କର୍ତ୍ତୃତ୍ୱାଭିମାନ ତ୍ୟାଗ କରିବା। ଶେଷରେ ନିଜର ସମସ୍ତ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରିଦେବା ଉଚିତ। ଭଗବଦ୍‌ଗୀତା ଭାରତୀୟ ଦର୍ଶନର ମୂଳମନ୍ତ୍ର। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅମୃତବାଣୀ କେବଳ ଅର୍ଜୁନ କାହିଁକି ସମ୍ପୂର୍ଣ୍ଣ ମାନବ ସମାଜକୁ ଚିରକାଳ ବୁଦ୍ଧିଦୀପ୍ତ କରିଅଛି। କର୍ମରେ ମଣିଷର ଅଧିକାର ଅଛି। କଦାପି କର୍ମଫଳରେ ନାହିଁ।

ଭାରତୀୟ ଦର୍ଶନ କେତୋଟି ସ୍ୱତନ୍ତ୍ର ଗୁଣର ଅଧିକାରୀ ହୋଇଥିବାରୁ ଏହା ବିଶ୍ୱର ଅନ୍ୟ ଦାର୍ଶନିକ ଧାରାମାନଙ୍କଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଭାରତୀୟ ଦର୍ଶନ କର୍ମବାଦ ଓ ଉଦାରତାକୁ ବ୍ୟାପକ କରି ସାରା ବିଶ୍ୱରେ ନିଜର ସ୍ଥିତି ସୁଦୃଢ଼ କରି ବିଶ୍ୱବାସୀଙ୍କୁ କର୍ମବାଦର ପ୍ରେରଣା ଯୋଗାଇଛି।

**ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ**
**ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋ: ୯୪୩୭୯୫୭୬୧୭**

# ଧ୍ୟାନରତ ମନ



ଆରତି ମହାନ୍ତି

ନୀରବ ସଚେତନ ମନ ହେଉଛି ଧ୍ୟାନର ପ୍ରଥମ ପାହାଚ। ଅର୍ଥାତ୍ ମନରେ ଭାବନା ଚାଲି ନ ଥିବ କିନ୍ତୁ ଶରୀର ନୀରବ ନିଶ୍ଚଳ ରହିଥିବ। ଏହିପରି ଅବସ୍ଥା ରାତିରେ ଶୋଇବା ବେଳେ ଘଟିପାରେ। କିନ୍ତୁ ଦିନ ବେଳା ମଧ ଯଦି ଜଣେ କାମ କରିବା ପରେ କୌଣସି ଗୋଟିଏ ଜାଗାରେ ଚୁପ୍‌ଚାପ୍ ବସି ଖାଲି ଚାରିଆଡ଼କୁ ଲକ୍ଷ୍ୟକରି ଦେଖୁ କିନ୍ତୁ ମନରେ କୌଣସି ଭାବନା ଚାଲୁ ନ ଥାଏ। ସେମିତି ଅବସ୍ଥାକୁ ମଧ ଧ୍ୟାନର ଅବସ୍ଥା କହିହେବ।

ଉପରେ ଆମେ ଧ୍ୟାନ କାହାକୁ କୁହାଯାଏ ସେ କଥା କହିଲୁ। ରାତିରେ ଶୋଇବାକୁ ଯିବା ବେଳେ ଭଲକରି ମୁହଁ ହାତ ଗୋଡ଼ ଧୋଇନବ। ତା'ପରେ ବିଛଣାରେ ଗୋଟିଏ ଆରାମ ଲାଗୁଥିବା ଅବସ୍ଥାରେ ଶୋଇବ। ଆଉ ମନକୁ ଦେଖିବ, ଦିନସାରା ରହିଥିବା ଆଘାତ, ବିରକ୍ତି ଇତ୍ୟାଦି ସବୁ ସେଇ ମନ ଭିତରକୁ ଆସିବାକୁ ଆରମ୍ଭ କରିଦେବ। ସେତେବେଳେ ପୂରାପୂରି ଚେତ୍ ଥାଇ ଯଦି ସେସବୁ ଖାଲି ଦେଖିଯାଅ ତା' ସଙ୍ଗେ କୌଣସି ରକମର ଯୁକ୍ତିତର୍କ ନ କରି କେବଳ ନୀରବ ରହ ତାକୁ ଲକ୍ଷ୍ୟକର ତେବେ ଦେଖିବ ଧୀରେ ଧୀରେ ମନ ଶାନ୍ତ ହୋଇଯାଉଛି। ଏହି ଅବସ୍ଥାରେ ସୁଖ ନିଦ୍ରା ହୁଏ। ଆଉ ସକାଳୁ ଜଣେ ଉଠିବ ତ ପୂରାପୂରି ଶାନ୍ତ ଧୀରସ୍ଥିର ମନ ନେଇ ଉଠିବ। କାରଣ ତା' ମନରେ ସେତେବେଳେ ଗତଦିନର କୌଣସି ଭାବନା ଉଠିବ ନାହିଁ। ଏସବୁ ହେଉଛି ଧ୍ୟାନର ଅଂଶ। ଉପର ଲିଖିତ କଥାଗୁଡ଼ିକ ନିଜକୁ ନିଜେ ନିଜ ଭିତରେ ପରୀକ୍ଷା କରି ଦେଖ, ଆଉ ଜୀବନକୁ ଠିକ୍ ଭାବରେ ଚଲାଅ ଏହା ହେଉଛି ଏକ ବିଶେଷ ଶିକ୍ଷା ଏବଂ ଅସଲ ଧ୍ୟାନ।

ପ୍ରାୟ ସବୁ ମଣିଷ ଏଇ ଧ୍ୟାନ ପ୍ରହେଳିକା ପଛରେ ଧାଇଁଥାନ୍ତି। ସଂସାରରେ ଅନେକ ପ୍ରକାରର ଧ୍ୟାନ କଥା ବର୍ଣ୍ଣନା କରାଯାଇଛି। ଯେପରିକି ଜୈନ ଧ୍ୟାନ, ବୌଦ୍ଧ ଧ୍ୟାନ, ତିବ୍ବତୀୟ ଧ୍ୟାନ ଆଉ ତା'ଛଡ଼ା ଯେତେ ଯିଏ ନିଜକୁ ଗୁରୁ ବୋଲାଉଥିବା ବ୍ୟକ୍ତିଙ୍କଠାରୁ ଶିଖି ନିଜ ନିଜ ବାଟରେ ଧ୍ୟାନ କଥା କହନ୍ତି। ତେବେ ଏସବୁ ଧ୍ୟାନ ମନର ଉତ୍କର୍ଷ ଆଣିପାରେ ନାହିଁ। ମନକୁ ଏଇ ଜଞ୍ଜାଳପୂର୍ଣ୍ଣ ସଂସାରରୁ ଅଳ୍ପ କିଛି ସମୟ ପାଇଁ ନିବୃତ୍ତି ମିଳିବା ପ୍ରକୃତରେ ଧ୍ୟାନ ନୁହେଁ। କାରଣ ମଣିଷ ଭାବନାରୁ କିଛି ସମୟ ପାଇଁ ମୁକୁଳିବାକୁ ଯେଉଁ ପଦକୁ ବାରମ୍ବାର ଉଚ୍ଚାରଣ କରିବା କଥା ସେଥିରେ କୁହାଯାଇଛି ସେଇଟା ଏକାଗ୍ରତା, ଧ୍ୟାନ ନୁହେଁ। କାରଣ ମନକୁ ଭାବନାରୁ ଟାଣି ଆଣିବା ଏକାଗ୍ରତା ଅର୍ଥାତ୍ ମନର ସବୁ ଶକ୍ତିକୁ ଏକାଗ୍ରୀଭୂତ କରି ଜୀବନରୁ କିଛି ସମୟ ପାଇଁ ନିଜ ଭାବନାରୁ ମୁକ୍ତ ହେବା। କିନ୍ତୁ ଏଠି ଯାହାଙ୍କର ବକ୍ତବ୍ୟକୁ ଆମେ ଉପସ୍ଥାପନା କରିବାକୁ ଯାଉଛୁ, ସେ ହେଉଛନ୍ତି ଜିଡ୍ଡୁ କ୍ରିଷ୍ଣମୂର୍ତ୍ତି। ସେ କହନ୍ତି ଧ୍ୟାନ ସମୁଦାୟ ଜୀବନ ସହିତ ମିଶି ରହିଛି ଖାଲି ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ନୀରବ ରହି ନିଜକୁ ଦେଖିବା ବା ଉପଲବ୍ଧି କରିବା ଆଉ ସେଇ ଭାବନାରୁ ବାହାରି ଆସିବା। ଏଥିପାଇଁ କୌଣସି ନୀତିନିୟମର ଆବଶ୍ୟକତା ନାହିଁ। କେବଳ ତମେ କ'ଣ, ତମ ଭିତରେ କି ଭାବନା ଉଠୁଛି ତମେ ପ୍ରକୃତରେ କ'ଣ ତାକୁ ଯଦି ବିନା ବାଛବିଚାରରେ ବୁଝିଯାଅ ତେବେ ତମ ଭିତରେ ପ୍ରକୃତ ନିର୍ମଳ ପବିତ୍ର ଭାବ ଦେଖାଦେବ। ଦେଖ ଏ ସବୁଠି ତମେ ହେଉଛ ତମର ନିଜ ଗୁରୁ ଓ ଶିଷ୍ୟ ଉଭୟ। ନିଜ ଭିତରକୁ ଖାଲି ଦେଖ, ବୁଝ। ଜୀବନର ସ୍ରୋତକୁ ଉପଲବ୍ଧି କରିପାରିବ।

ମନ ପୂରାପୂରି ନୀରବ ରହିଥିବ ଏମିତିବି ଦିନ ଭିତରେ ଅନେକ ସମୟରେ କାମଦାମ ସାରି ଟିକେ କେଉଁଠି ବସିପଡୁ କି ଟିକେ ବିଛଣାରେ ଗଡ଼ିପଡୁ। ସେତେବେଳେ ବି ଆମ ମନ ସମ୍ପୂର୍ଣ୍ଣ ଚୁପ୍ ରହିଥିବା ଦରକାର। ତେବେ ଆମର ପୂରା ବିଶ୍ରାମ ହୁଏ। ତା' ନ ହେଲେ ମନର କ୍ଳାନ୍ତି ଯାଏ ନାହିଁ। ଏହିପରି ପ୍ରତି ମୁହୂର୍ତ୍ତରେ ନିଜ ମନକୁ ଲକ୍ଷ୍ୟ କରିବା ଦରକାର। ଯେମିତି ସେ ବ୍ୟସ୍ତ ବିବ୍ରତ ହୋଇ ନ ରହେ। ଏପରି ନିଜକୁ ଖାଲି ଲକ୍ଷ୍ୟକରି ଦିନ କଟାଇବା ହେଉଛି ଧ୍ୟାନର ଅଂଶ। ଗୋଟାଏ କି ଦି'ଟା ଦିନରେ ମନକୁ ସେମିତି ଅବସ୍ଥାକୁ ଆଣିବା କଷ୍ଟକର। ସଦାବେଳେ ଯଦି ସଚେତ ରହିଥାଏ ଅର୍ଥାତ୍ ମନ କୁଆଡ଼େ ନେଇଯାଉଛି ତାକୁ ଦେଖିନିଏ ତେବେ ଚଟ୍‌କରି ପୁଣି ନୀରବତାକୁ ଫେରିଆସିବା ଦରକାର। ଏମିତି କରୁକରୁ ଦିନେ ନିଜେ ଦେଖିପାରିବ ତମ ମନରେ ଶୂନ୍ୟତା ଦୀର୍ଘ ସମୟ ଧରି ରହୁଛି। କାମ କଲାବେଳେ ତା' ଉପରେ ମନକୁ ସମ୍ପୂର୍ଣ୍ଣ ଶକ୍ତି ଦେଇ ଦେଖୁଥିବା ଓ ବୁଝୁଥିବା ମନ ଧ୍ୟାନୀ ମନ, ଶାନ୍ତ ମନ। ଏପରି ଏକାନ୍ତ ବିଶାଳ ଏକ ମନ ଭିତରେ ହିଁ ସେଇ ଅପରିମେୟ ବା ଅପରିସୀମ ପ୍ରକାଶ ଲାଭକରେ।

**ଶ୍ରୀରାମ ନଗର, ଭୁବନେଶ୍ୱର**
**ମୋ: ୯୬୯୨୦୯୮୦୫୪**

## ପାଠକ ଶ୍ରେଷ୍ଠ ବିଚାରକ

### କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଶା ଓ ଆଶଙ୍କା

ମହାଶୟ,

ବର୍ତ୍ତମାନ ବିଶ୍ୱ ଯେଉଁଠି ବିଜ୍ଞାନ ଓ ପ୍ରଯୁକ୍ତିରେ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି, ସେଠି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ସବୁଠୁ ଅଧିକ ଆଲୋଚିତ ବିଷୟ। ଏହା ଏମିତି ଏକ ଉପକରଣ ଯାହା ମେଶିନ, ରୋବୋ ବା କମ୍ପ୍ୟୁଟରକୁ ମାନବ ପରି ଚିନ୍ତା, ଶିକ୍ଷା ଓ ନିଷ୍ପତ୍ତି ନେବା ଶକ୍ତି ଦେଇଥାଏ। ଏଆଇର ସକାରାତ୍ମକ ପ୍ରଭାବ ସ୍ୱାସ୍ଥ୍ୟ କ୍ଷେତ୍ରରେ ରହିଛି। ଏହା ସାହାଯ୍ୟରେ ରୋଗ ଚିହ୍ନଟ, ଡିଜିଟାଲ ଚିକିତ୍ସା ଓ ରୋବୋଟିକ ସର୍ଜେରି ସମ୍ଭବ ହୋଇଛି। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟକ୍ତିଗତ ଶିକ୍ଷା, ଡିଜିଟାଲ ଟ୍ୟୁଟର୍ ବା ଏଆଇ ଚାଳିତ ଅନ୍‌ଲାଇନ କ୍ଲାସ ଉପଲବ୍ଧ। ବ୍ୟବସାୟ ଓ କୃଷିରେ ଏଆଇ ଡେଟା ଆନାଲିସିସ, ଅଟୋମେଶନ ଓ ଟ୍ରେଣ୍ଡ ପ୍ରଦାନ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଆଗାମୀ ଦିନରେ ଏଆଇ ଦ୍ୱାରା ଚାଳିତ ଗାଡ଼ି, ଡ୍ରୋନ ସେବା, ସ୍ମାର୍ଟ ଘର ଏବଂ ଦୂରସ୍ଥ ଅଞ୍ଚଳରେ ଡାକ୍ତରୀ ଓ ଶିକ୍ଷା ପ୍ରବେଶ ନିଶ୍ଚିତ ହେବ। ଏହା ମାନବ ଜୀବନର ଗୁଣମାନ ବଢ଼ାଇବ। ଏଆଇ ନୂଆ ଅବସର ଆଣିଛି ସତ, କିନ୍ତୁ ଚାକିରି ହରାଇବା, ଗୋପନୀୟତା ଭଙ୍ଗ ଓ ଅନୈତିକ ବ୍ୟବହାର ଭଳି ଚିନ୍ତା ବି ଉଠିଛି। ଅତ୍ୟଧିକ ନିର୍ଭରତା ମାନବ ଦକ୍ଷତାକୁ କ୍ଷୀଣ କରିପାରେ। ଏକ ଦୁଇ ଧାର ତଲୱାର ଭଳି। ଯଦି ଏହାକୁ ନୈତିକତା ଓ ଦାୟିତ୍ୱର ସହିତ ବ୍ୟବହାର କରାଯାଏ, ତେବେ ଏହା ମାନବ ସମାଜ ପାଇଁ ଆଶୀର୍ବାଦ ହେବ। ତେଣୁ ଏହା ପାଇଁ ଅନୁଶାସନ, ଶିକ୍ଷା ଓ ସଚେତନତା ଆବଶ୍ୟକ।

**-ସ୍ୱଦେଶ ରଞ୍ଜନ ମହାକୁଳ, ଗୋପୀନାଥପୁର, ବୌଦ୍ଧ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆନ୍ଧ୍ର ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କଲେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ କର୍ମକର୍ତ୍ତା

ମାଲକାନଗିରି, ୨୮।୮ (ଦୁର୍ଯ୍ୟୋଧନ ପାତ୍ର)

ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ କର୍ମକର୍ତ୍ତା ୩ ଦିନ ଧରି ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲାର କେତେଟି ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତେଲୁଗୁ ଭାଷାଭାଷୀ ଅଞ୍ଚଳରେ ଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକ କିପରି ଚାଲିଛି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରକ୍ରିୟା, ପାଠ୍ୟ ପୁସ୍ତକ ବଣ୍ଟନ ଓ ପରିବେଶ ଆଦିକୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ। ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ଏହି ୫ ଜଣିଆ ଟିମ୍ ଏଥିରେ ରହିଥିଲେ। ସେମାନେ ହେଲେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଚିତ୍ରକୋଣ୍ଡା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ହେମନ୍ତ ନାୟକ, ବାର୍ଲାବେଡ଼ା ଉପାଧ୍ୟକ୍ଷ ଅରୁଣ କୁମାର ସାହୁ, ପଣସପୁଟ ସିଆରସିସି ରାଜେନ୍ଦ୍ର କୁମାର ନାୟକ ଓ ଦାଉଡ଼ୁପାଲି ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ତାଣ୍ଡୁଲ। ଶ୍ରୀକାକୁଲମ୍ ଜିଲାର ଦୁଇଟି ବିଦ୍ୟାଳୟ ପରିଦର୍ଶନକରି ବିଭିନ୍ନ ବିଷୟ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ପ୍ରଥମଟି ହେଲା ବୁଡ଼ାବାଙ୍ଗି ପ୍ରାଥମିକ ବିଦ୍ୟାଳୟ ଯାହାର ପିଲା ସଂଖ୍ୟା ୫୫, ଶିକ୍ଷକ ସଂଖ୍ୟା ୬,କୃଷ୍ଣପୁରମ୍ ପ୍ରାଥମିକ ବିଦ୍ୟାଳୟ ପିଲା ୩୨ ଓ ଶିକ୍ଷୟିତ୍ରୀ ୨। ପରିଦର୍ଶନକାରୀମାନେ ଯାହା ଦେଖିଲେ ମୋଟାମୋଟି ଭାବେ ବିଦ୍ୟାଳୟଗୁଡ଼ିକ ଠିକ୍‌ଠାକ୍ ଚାଲିଛି। ପିଲାମାନେ ମଧ୍ୟ ନିୟମିତ ଆସୁଛନ୍ତି। ଶିକ୍ଷାଦାନ ଠିକ୍ ଭାବେ ହେଉଥିବା ଜଣାପଡ଼ିଛି। ସମସ୍ତଙ୍କୁ ବହି ଓ ୟୁନିଫର୍ମ ମିଳିଥିବା ଦେଖିବାକୁ ପାଇଥିଲେ।



ପରିଦର୍ଶନରେ ଯାଇଥିବା ଶିକ୍ଷା ବିଭାଗ କର୍ମକର୍ତ୍ତା।

# ଉତ୍ତମ ସମାଜ ଗଠନ, ନିୟମ ପାଇଁ ନେଲେ ଶପଥ

କୋରୁକୋଣ୍ଡା, ୨୮।୮ (ଶିବଦତ୍ତ ସାହୁ)

**ଉତ୍କଳୀୟ ବୈଦିକ ବ୍ରାହ୍ମଣ ସମାଜ ବୈଠକ**

ବାଲିମେଲା କାଳୀମନ୍ଦିର ପ୍ରାଙ୍ଗଣରେ ଉତ୍କଳୀୟ ବୈଦିକ ବ୍ରାହ୍ମଣ ସମାଜ ପାରିବାରିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିମେଲା ଓ କୋରୁକୋଣ୍ଡା ବ୍ଲକ୍ ଅଧୀନ ମାଳକାନଗିରି ଗ୍ରାମର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଯୋଗ ଦେଇଥିଲେ। ଆରମ୍ଭରେ ଦୁର୍ଗାମାଧବଙ୍କ ତୈଳଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଅସ୍ଥାୟୀ ସଭାପତି ଶାରଦା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପଦ୍ମନାଭ ପଣ୍ଡା, ବାଲିମେଲାର ବରିଷ୍ଠ ପୁରୋହିତ ରଙ୍କନିଧି ରଥଶର୍ମା, ଗଜେନ୍ଦ୍ର ମହାନ୍ତି ଓ ପୁରୋହିତ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ପୁରୋହିତ ରଥଶର୍ମା ନିଜ ବକ୍ତବ୍ୟରେ ଆସିଥିବା ସମସ୍ତ ବ୍ରାହ୍ମଣ ପରିବାରକୁ ଧନ୍ୟବାଦ ଦେବା ସହ ବେଦଧ୍ୱନି ମାଧ୍ୟମରେ ବ୍ରାହ୍ମଣର ପ୍ରକୃତ ପରିଚୟର ବ୍ୟାଖ୍ୟା କରିଥିଲେ। ସମ୍ପାଦକ ନିଜ ବକ୍ତବ୍ୟରେ ପରିବାରକୁ ଶୃଙ୍ଖଳିତ ଭାବେ ଗଢ଼ିବା ନିମନ୍ତେ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ଉତ୍ତମ ସମାଜ ଗଠନ ଓ ନୀତିନିୟମ ପାଳନକରିବା ପାଇଁ ଶପଥ ନେଇଥିଲେ। ବୈଠକରେ ବ୍ରାହ୍ମଣ କେବଳ ଖାଲି ଜାତି ନୁହେଁ, ବ୍ରାହ୍ମଣ ହେଉଛି ଶୃଙ୍ଖଳିତ ସମାଜ ସଂସ୍କାରକ ବୋଲି ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଭାଗବତ୍ରାହୀ ତ୍ରିପାଠୀ, ବାସୁଦେବ ପଣ୍ଡା, ବରିଷ୍ଠ ବ୍ରାହ୍ମଣ ଶ୍ୟାମସୁନ୍ଦର ପଣ୍ଡା, ଶିବପ୍ରସାଦ ଖାଡ଼ଙ୍ଗା, ବଦ୍ରିପ୍ରସାଦ ମିଶ୍ର, ଅନ୍ତର୍ଯାମୀ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଆଲୋକ ମହାପାତ୍ର, ହୃଷୀକେଶ ପ୍ରସାଦ ବନ୍ଧୁ ଓ ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ରାହ୍ମଣ ପରିବାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ପୁରୋହିତ ଶୁଭାଶିଷ କର।



ବୈଠକରେ ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

## ବସରୁ ୫ କିଲୋ ଗଞ୍ଜେଇ ଜବତ

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ଟାଉନ ଥାନା ପୋଲିସ ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ଯାଉଥିବା ଏକ ସରକାରୀ ବସରେ ଗଞ୍ଜେଇ ଥିବା ସୂଚନା ପାଇ ଚଢ଼ାଉ କରିଛି। ବସ୍ ଭିତରୁ ଜଣଙ୍କ ବ୍ୟକ୍ତିଙ୍କ ବ୍ୟାଗରୁ ୫ କିଲୋ ଗଞ୍ଜେଇ ପୋଲିସ ଜବତ କରିଛି। ଏହି ସମୟରେ ଚାଲାଣକାରୀ ଚମ୍ପଟ ମାରିଥିଲେ। ସୂଚନା ଅନୁଯାୟୀ, ବସରେ ବ୍ୟାଗ ଥିବା ବେଳେ ଏହାକୁ ଜଣେ ମହିଳା ଖୋଲି ଦେଖିଥିଲେ। ବ୍ୟାଗରେ ଗଞ୍ଜେଇ ରହିଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗଞ୍ଜେଇ ପ୍ୟାକେଟକୁ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲା। ପୋଲିସ ପକ୍ଷରୁ ସିଜିରି ଯାଞ୍ଚ କରାଯାଉଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ବର୍ଷା ଯୋଗୁ ଜାତୀୟ ରାଜପଥ ମରଣଯନ୍ତା

ପଟ୍ଟାଙ୍ଗି, ୨୮।୮ (ଶରତ କୁମାର ଧଳ)

**ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ**

ଲଗାଣ ବର୍ଷା ପ୍ରଭାବରେ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ନୀରବ ରହୁଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାଠାରୁ ଆନ୍ଧ୍ର ପ୍ରଦେଶ, ଭୁବନେଶ୍ୱର, ବ୍ରହ୍ମପୁର ଓ କଟକକୁ ସଂଯୋଗ କରୁଥିବା ୨୬ ନଂ ଜାତୀୟ ରାଜପଥରେ ୧୦ ଦିନ ହେବ ଲଗାଣ ବର୍ଷା ପ୍ରଭାବରେ ଖାଲ ଖମା ସୃଷ୍ଟି ହୋଇଛି। ଉକ୍ତ ବ୍ଲକ୍‌ରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଜାତୀୟ ରାଜପଥର ବ୍ଲକ୍ ସଦର ମହକୁମାର ବସଷ୍ଟାଣ୍ଡ, କଲେଜ ଛକ, ବ୍ଲକ୍ ଛକ, ନୂତନ ଥାନା ନିକଟ ଓ ସୁଙ୍କି ଘାଟିରେ ଖାଲ ଖମା ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ମାଲବାହୀ ଟ୍ରକ୍, ଯାତ୍ରୀବାହି ବସ ଓ ଅନ୍ୟ ଯାନ ଚଳାଚଳ କରୁଛି। ଉକ୍ତ ବର୍ଷା ପ୍ରଭାବ ସମୟରେ ଏକ ଦ୍ରୁତଗାମୀ ଭଲଭୋ ବସ ସୁଙ୍କି ଘାଟର ଖାଲରେ ବୁଧବାର ବିଳମ୍ବିତ ରାତିରେ ପଡ଼ି ଦୀର୍ଘ ସମୟ ଧରି ଫସି ରହିଥିଲା। ଏହା ପରେ ସୁଙ୍କି ଥାନା ଅଧିକାରୀ ଚନ୍ଦ୍ରଶେଖର ନାୟକ ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବସକୁ ଉଦ୍ଧାର କରିଥିଲେ। ପଟ୍ଟାଙ୍ଗି ନୂତନ ଥାନା ନିକଟରେ ଜାତୀୟ ରାଜପଥରେ ଖାଲଖମା ହୋଇ ବର୍ଷା ପାଣି ଜମି ରହିବାରୁ ଗୋଟିଏ ଦିନରେ ୫ ବାଇକ୍ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ୨ କାର ରାତିରେ ଖାଲରେ ପଡ଼ି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।



୨୬ ନଂ ଜାତୀୟ ରାଜପଥରେ ଖାଲ ଖମା ହୋଇ ପାଣି ଜମି ରହିଛି।

## ଦେଶୀ ମଦ ଚାଲାଣ, ଜଣେ ଗିରଫ


ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଜୟପୁର ସହର ଜୟନଗର ରାସ୍ତାରେ ଚଢ଼ାଉ କରି ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନ ୪ଟା ୩୦ରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶରୀ ହରିନ ସୂଚନା ଦେଇଛନ୍ତି।

# ଦଶହରା ବିଧି ନେଇ ମୃତ୍ତିକା ପୂଜନ

ନନ୍ଦପୁର, ୨୮।୮ (ବୃନ୍ଦାବନ କାନ୍ତ ମହାନ୍ତି)

ନନ୍ଦପୁରସ୍ଥିତ ବତ୍ରିଶ ସିଂହାସନ ପୀଠର ଦଶହରା ପୂଜାବିଧି ପାଇଁ ମୃତ୍ତିକା ପୂଜନ ବତ୍ରିଶ ସିଂହାସନ ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ପାଳନ କରାଯାଇଛି। ଭୈରବ ପୀଠ, ବନଦୁର୍ଗା ପୀଠ, ଭଣ୍ଡାରଘରଣୀ, ବାଟମଙ୍ଗଳା, ଗୁମା ଭୈରବୀ ମନ୍ଦିର ଓ ବତ୍ରିଶ ସିଂହାସନ ଗର୍ଭଗୃହରେ ସ୍ଥାପିତ କନ୍ଧୁଣୀ ଦେବୀଙ୍କ ପୀଠରେ ଦଶହରା ପୂଜାବିଧି ପାଳନ କରାଯାଇଛି। ଅଞ୍ଚଳରେ ସ୍ଥାପିତ ଦେବୀ ପୀଠଗୁଡ଼ିକୁ ଦଶହରା ପ୍ରତୀକ ଝଣ୍ଡା ଗଲେ ଜୟପୁର ରାଜା ଉଆସରେ ଦଶହରା ବିଧି ପାଳନ ହୁଏ। ତିଥି ଓ ନୀତି ଅନୁସାରେ ନନ୍ଦପୁର ସଦର ମହକୁମାରେ ସ୍ଥାପିତ ବତ୍ରିଶ ସିଂହାସନ, ଭଣ୍ଡାର ଘରଣୀ, ଗ୍ରାମଦେବୀ ଠାକୁରାଣୀ, ସିନ୍ଦୂର ଘୋଷିଆଣୀ, ଦୁଆରଶୁଣୀ, ୩ ଭୈରବୀ ଓ କନକଦୁର୍ଗା ପୀଠରୁ ମୃତ୍ତିକା ସଂଗ୍ରହ କରାଯାଇ କୁମ୍ଭାର ମାଟି ଓ ବେଡ଼ା ମାଟିକୁ ଭିତରଗଡ ଗଙ୍ଗେଇଶୁଣୀ ନଦୀଘାଟରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ରାଜକିଶୋର ରଥ, ମୃତ୍ତିକାର ନିରଞ୍ଜନ ତିଳାଙ୍ଗ, କୁମ୍ଭାର ମନ ଚାଲାଣ, ତ୍ରିପତି ନାୟକ, ଶଙ୍କୁଆ ଗୁରୁଦୂତ ପୂଜା କମିଟିର ସଦସ୍ୟ ସୁରେଶ, ଲୋକନାଥ, ବାପୁଣା, ହରିହର, ସୁନୀଲ, ରାକେଶ ପ୍ରମୁଖଙ୍କ ଉପସ୍ଥିତିରେ ମୃତ୍ତିକା ପୂଜାନୀତି ସମ୍ପନ୍ନ କରିଥିଲେ। ପୂଜା ହୋଇଥିବା ମୃତ୍ତିକା, କଳସ ଓ ଆଜ୍ଞା ପତାକା ଆଣି ବତ୍ରିଶ ସିଂହାସନରେ ସ୍ଥାପନ କରାଯାଇଛି। ମୃତ୍ତିକାର ନିରଞ୍ଜନ ଓ କୁମ୍ଭାର ମନ ଚାଲାଣ ମହିଷମର୍ଦ୍ଦିନୀ, ଗଣେଶ, କାର୍ତ୍ତିକ, ଲକ୍ଷ୍ମୀ, ସରସ୍ୱତୀଙ୍କ ବିଗ୍ରହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଧିବଦ୍ଧ ଭାବେ ଦଶହରା ପୂଜା କରାଯିବ ବୋଲି ଦୁର୍ଗାପୂଜା କମିଟି ସଭାପତି ତୁଷାରକାନ୍ତ ମହାନ୍ତି ସୂଚନା ଦେଇଛନ୍ତି।



ବତ୍ରିଶ ସିଂହାସନ ପୀଠରେ ଦଶହରା ପୂଜାବିଧି ପାଇଁ ମୃତ୍ତିକା ପୂଜା କରାଯାଉଛି।

# ୩୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ୩୦ ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ନାମରେ ୮୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ଜଣାପଡ଼ିଛି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ସୋନୁ ହେମଲା, କଲୁ ପୁନେମ, କେସି କୁଞ୍ଜାମ, ମୋଡ଼ି ପୁନେମ, ପାଣ୍ଡେ ପୁନେମ, ଛୋଟୁ କୁଞ୍ଜାମ, ମଙ୍ଗଳୀ ପେଦାମ, ବେଟି ଓୟାମ, ମଙ୍ଗଳୀ ମୋଡିୟମ, ସୋମଡି ଅବଲମ୍, ପାଣ୍ଡେ ପୁନେମ, ଛୋଟୁ କୁଞ୍ଜାମ, ସୁକଡି ଗାବଡେ, ବିମଲା ପୁନେମ, ମଙ୍ଗଡୁ ଅବଲମ୍, ମହାଦେବ ତାତି, ଛୋଟୁ କୁଞ୍ଜାମ(୨), ବାମନ କବାସୀଙ୍କ ସହ ଅନ୍ୟ ୧୦ ଜଣ ଆତ୍ମସମର୍ପଣ କରିଥିବା ବେଳେ ସେଥିରୁ ଜଣଙ୍କ ପରିଚୟ ମିଳିପାରିନାହିଁ। ତେବେ ଏହି ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ

କାର୍ଯ୍ୟର ନାମ : "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ୍ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍) / LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥାନ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ... ଅନୁରୋଧ (RFP)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 52.89 କୋଟି, EMD : ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି : 48 (ଅଠଚାଳିଶ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.09.2025ରିଖ 1530 ଘଣ୍ଟାରେ।

... www.ireps.gov.in ...

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର

PR-87/CI/25-26



**GOVT. OF ODISHA** No.O-647

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

NATIONAL COMPETITIVE BIDDING THROUGH e-PROCUREMENT NOTICE

On line-05 /ACE/RW/AND/2025-26

Construction of New Building of Patitapaban Degree College, Sainkul

No. 5211// Date : 22.08.2025 //

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil Works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 05/EE/ RW/AND/2025-26 | 30.08.2025 at 10.00 A.M. | 06.09.2025 up to 5.00 P.M. | 06.09.2025 up to 5.00 P.M. | 08.09.2025 at 11.30 A.M. |

Sd./- Executive Engineer R.W. Division, Anandapur

OIPR-25055/11/0025/2526



**GOVERNMENT OF ODISHA** No. O-637

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**

E-Mail: sencrwangul@yahoo.co.in, Ph.: 06764-236404

**TENDER CALL NOTICE FOR BRIDGE WORKS IN ODISHA**

Bid Identification No. Bridge Online AGL-12/2025-26

No. 2451 Dt.21.08.25

1. Name of the Work : Bridge Works
2. Total No. of Work : 03 Nos.
3. Estimated Cost : Rs.133.52 Lakhs to Rs.415.93 Lakhs (Approx.)
4. Class of Contractor : As per Annexure
5. Period of Completion : As per Annexure
6. Other Details

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-12/2025-26 | 03.09.25 at 10.00 A.M. | 17.09.25 upto 5.00 P.M. | 16.09.25 upto 1.00 P.M. | 18.09.25 at 10.00 A.M. | Will be intimated separately |

(1) For detailed Notice inviting tenders, please visit to the website www.tendersorissa.gov.in.

OIPR-25180/11/0065/2526 Sd./- Chief Construction Engineer, Rural Works Circle, Angul



**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 25-SBP-TRD-OT-2025-26, ତା.21.08.2025ରିଖ

କାର୍ଯ୍ୟର ନାମ : ... TRD ସମ୍ବନ୍ଧିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 12,32,436.00, EMD : ₹ 24,700/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 26-SBP-TRD-OT-2025-26, ତା.21.08.2025ରିଖ

କାର୍ଯ୍ୟର ନାମ : ... TRD ସମ୍ବନ୍ଧିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 24,35,581.31, EMD : ₹ 48,700/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 12.09.2025, 1530 ଘଣ୍ଟା (ଉଭୟ ଟେଣ୍ଡର ନିମନ୍ତେ)।

... www.ireps.gov.in ...

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-520/O/25-26



**ODISHA WATER SUPPLY & SEWERAGE BOARD**

e-mail: eicowssb@gmail.com, Ph.: 0674-2571185

Bid Identification No. 02/OWSSB of 2025-26 Dt.26.08.2025

No. CAD-1604: Name of the Work: **Request for Proposal (RFP) for** "Selecting a Capacity-Building and Knowledge Management Agency to Support SBM 2.0 Implementation of UWM across 110 ULBs in Odisha".

The notice can be seen in the Govt. website i.e. **www.odisha.gov.in** and complete bid document can be viewed/downloaded from e-procurement portal of State Government **https://tendersodisha.gov.in** from 02.09.2025 (15.00 hrs. IST) to 24.09.2025 upto (15.00 hrs. IST)

**Sd./- Engineer-in-Chief, OWSSB**

OIPR-32497/11/0006/2526



Government of Odisha No. O-659

**OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA**

Email: eerw_jharsuguda@yahoo.co.in, Tel.: 06645-271643

Bid Identification No. Online - SEJSG - 05 of 2025-26

NOTICE INVITING TENDER FOR BUILDING WORK IN ODISHA NATIONAL COMPETITIVE BIDDING THROUGH e-Procurement

1. Name of the Work : Building Works as per DTCN available in the www.tendersorissa.gov.in.
2. Total No. of Work : 01 (One) No.
3. Estimated Cost : Rs.15.08 Lakhs
4. Period of Completion : 03 (Three) Calendar Months
5. Period and Time of availability of bid document in the portal for Bidding : Dt.30.08.2025 at 11.00 A.M. to 10.09.2025 upto 05.00 P.M.
6. Date and Time of bid Opening : Dt.11.09.2025 at 11.00 A.M.
7. Name and address of the Officer Inviting Bid : S.E., R.W. Division, Jharsuguda

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in.
(2) Corrigendum if any shall only be published in the above website.

OIPR-25104/11/0038/2526 Sd./- Superintending Engineer R.W. Division, Jharsuguda



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ

ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର, ଭୁବନେଶ୍ୱର, ଓଡ଼ିଶା ରେ ଥିବା ପୋଲିସ୍ ବେରେକ୍ ନିକଟରେ ଷ୍ଟିଲ୍ ସିଡ଼ି ଉପଲବ୍ଧ କରାଇବା ଓ ଲଗାଇବା ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 10, 2025 ଅପରାହ୍ନ 05:00 ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ ଭୁବନେଶ୍ୱର

# ବଜ୍ରପାତରେ ୧୦ ବର୍ଷରେ ୧୪୭ ଜଣଙ୍କ ମୃତ୍ୟୁ

ନବରଙ୍ଗପୁର, ୨୮।୮ (ସଦାଶିବ ପ୍ରହରାଜ)

■ ବଜ୍ରପାତ ମୃତ୍ୟୁ ରୋକିବାକୁ ଲଗାଯାଉଛି ତାଳଗଛ

■ ଅଗଷ୍ଟ ୧୫ ସୁଦ୍ଧା ଜିଲାରେ ଲାଗିଛି ୩୭,୪୩୬ ତାଳମଞ୍ଜି

ନବରଙ୍ଗପୁର ଜିଲାରେ ବଜ୍ରପାତଜନିତ ମୃତ୍ୟୁ ଅଭିଶାପ ସଦୃଶ ହୋଇଛି। ଗତ ୧୦ ବର୍ଷରେ ୧୪୭ଜଣଙ୍କର ଏଥିରେ ମୃତ୍ୟୁ ହୋଇଛି। ମୌସୁମୀ ଆଗମନ ପୂର୍ବରୁ କାଳବୈଶାଖୀରେ ଅଧିକ ବଜ୍ରପାତ ହେଉଥିଲେ ହେଁ ମୌସୁମୀ ବର୍ଷା ସମୟରେ ବି ଏଥିରେ ମୁଣ୍ଡ ଯାଉଛି। ତାଳଗଛ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବାରେ ସହାୟକ ହେଉଥିବାରୁ ୨ ବର୍ଷରେ ବନ ବିଭାଗ ଜିଲାରେ ୫୦ ହଜାର ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଛି। ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କମାଇବାକୁ ରାଜ୍ୟ ସରକାର ତାଳଗଛ ଲଗାଇବାକୁ ଚିନ୍ତା କରିଛନ୍ତି। ନବରଙ୍ଗପୁର ଉମରକୋଟ, ଝରିଗାଁ, କୋଡ଼ିଗାଁ, ଡାବୁଗାଁରେ ଓ ରାଇଘର ବନାଞ୍ଚଳ ଅଧୀନ ୪୪ ଫରେଷ୍ଟ ଅଞ୍ଚଳ ଓ ୧୨୮ ଚାରାରୋପଣ ଅଞ୍ଚଳର ୧୭୨ ସ୍ଥାନରେ ୩୬ ହଜାର ୪୩୬ଟି ସ୍ଥାନରେ ତାଳମଞ୍ଜି ଲଗା ଯାଇଛି। ଏହି ଗଛଗୁଡିକର ଯତ୍ନ ନିଆଯିବ। ବଜ୍ରପାତଜନିତ ମୃତ୍ୟୁର ଅନ୍ୟ ଏକ କାରଣ ହେଲା ଜଙ୍ଗଲ ଅବକ୍ଷୟ। ଜିଲାରେ ବନ ବିଭାଗର ପାଖାପାଖି ୩୦ହଜାର ହେକ୍ଟର ଜମି ଜବରଦଖଲରେ ରହିଛି। ରାଜସ୍ୱ ବିଭାଗର ଗ୍ରାମ୍ୟ ଜଙ୍ଗଲ ଜବରଦଖଲର ହିସାବ ନାହିଁ।

ବଜ୍ରପାତରେ ୨୦୧୫–୧୬ରେ ୧୯, ୨୦୧୬–୧୭ରେ ୧୯, ୨୦୧୭–୧୮ରେ ୧୮, ୨୦୧୮–୧୯ରେ ୧୪ ଓ ୨୦୧୯–୨୦ରେ ୧୭, ୨୦୨୦ ରେ ୨୦, ୨୦୨୧ରେ ୮, ୨୦୨୨ରେ ୧୬ ଓ ୨୦୨୩–୨୪ ରେ ୧୦ଜଣ ଓ ୨୦୨୫ ଅଗଷ୍ଟ ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଛି। ଜିଲା ପ୍ରାକୃତିକ ବିପର୍ଯ୍ୟୟ ବୈଠକ ତଥ୍ୟ ଅନୁସାରେ, ୨୦୧୧ରୁ ୨୦୨୪ ମଧ୍ୟରେ ଏଥିରେ ୧୯୮ଜଣଙ୍କ ମୃତ୍ୟୁ ହୋଇଛି। ୮୨ଟି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ବଜ୍ରପାତରେ ମୃତ୍ୟୁ ସଂଖ୍ୟା ଉମରକୋଟ ବ୍ଲକ୍‌ରେ ସର୍ବାଧିକ ରହିଛି। ତା' ପଛକୁ ପର୍ଯ୍ୟାୟକ୍ରମେ ରାଇଘର, କୋଷାଗୁମୁଡ଼ା, ଝରିଗାଁ, ପାପଡ଼ାହାଣ୍ଡି, ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ଡାବୁଗାଁ ଓ ଚନ୍ଦାହାଣ୍ଡି ରହିଛି। ଚନ୍ଦାହାଣ୍ଡିରେ ବଜ୍ରପାତ ଜନିତ ମୃତ୍ୟୁ ସର୍ବନିମ୍ନ ରହିଛି। ୨୦୧୫ ପରଠୁ ଦୈବୀ ଦୁର୍ବିପାକଜନିତ ମୃତ୍ୟୁ ହେଲେ ସରକାର ୪ଲକ୍ଷ ଟଙ୍କା ସହାୟତା ଦେଉଛନ୍ତି। ଏଥିପାଇଁ ବ୍ୟବଚ୍ଛେଦ ରିପୋର୍ଟ ବାଧ୍ୟତାମୂଳକ ରହିଛି। ତେବେ ଅନେକ ସମୟରେ ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗାଁଠାରୁ ଅନ୍ୟ ସ୍ଥାନକୁ ନେବାକୁ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ସେ ଘଟଣାଗୁଡ଼ିକ ସରକାରୀ ରିପୋର୍ଟକୁ ଆସିପାରୁନାହିଁ। ଏଣୁ ଏହି ସଂଖ୍ୟା ଢେର୍ ଅଧିକ ବୋଲି କୁହାଯାଇପାରେ। କାଳବୈଶାଖୀ ବେଳେ ଏଭଳି ମୃତ୍ୟୁ ଅଧିକ। ସମ୍ଭାବ୍ୟ ବଜ୍ରପାତ ନେଇ ଗତ କିଛିବର୍ଷ ହେବ ରାଜ୍ୟ ପାଣିପାଗ ବିଭାଗ ରିପୋର୍ଟ ପ୍ରକାଶ କରୁଥିବା ବେଳେ ତାହା ଗାଁ ଗହଳିରେ ପହଞ୍ଚିପାରୁନାହିଁ। ଫଳରେ ଅଘଟଣ ଅଧିକ ଘଟୁଛି। ବଜ୍ରପାତ ଓ ସାପକାମୁଡା ମୃତ୍ୟୁ କମାଇବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେଉଛି। ତେବେ ସେହି ଅନୁପାତରେ ଲୋକେ ସଚେତନ ହେଉ ନ ଥିବା ଦେଖିବାକୁ ମିଳୁଛି। ଏନେଇ ସହକାରୀ ବନ ସଂରକ୍ଷଣ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରୁ ୨୦୨୪ରେ ୨୫ ହଜାର ଓ ୨୦୨୫ ସୁଦ୍ଧା ୨୫ ହଜାର ଗଛ ଲଗାଇବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଅଗଷ୍ଟ ୧୫ ସୁଦ୍ଧା ୧୨,୪୩୬ ତାଳମଞ୍ଜି ଲଗାଯାଇଛି। ଗୋଟିଏ ସ୍ଥାନରେ ୪ଟି ମଞ୍ଜି ଲଗାଯାଇଛି। ଏହାର ରକ୍ଷଣାବେକ୍ଷଣ ମଧ୍ୟ କରାଯିବ। ସରକାରଙ୍କ ନିର୍ଦ୍ଦେଶ ମିଳିଲେ ପୁଣି ଆହୁରି ତାଳ ଗଛ ଲଗାଯିବ ବୋଲି କହିଛନ୍ତି।



ମଞ୍ଜିରୁ ଗଜା ଧରିଥିବା ତାଳଗଛ।

# ଆଜି ସିୟୁଓର ପ୍ରତିଷ୍ଠା ଦିବସ

କୋରାପୁଟ, ୨୮।୮ (ଅମିତାଭ ବେହେରା)

କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ବିଶ୍ୱବିଦ୍ୟାଳୟ ୧୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହେବ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ପତାକା ଉତ୍ତୋଳନ କରି ସଭାରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରିବେ। ଓଡ଼ିଆ ଶାସ୍ତ୍ରୀୟ ଅଧ୍ୟୟନ ଉତ୍କୃଷ୍ଟତା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରତିଷ୍ଠା ଦିବସର ବ୍ୟାଖ୍ୟା କରିବେ। ବିଳାସପୁର ଗୁରୁ ଘାସୀଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରବାଲ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭାରତ ସରକାରଙ୍କ ଦ୍ୱାରା ୨୦୦୯ରେ ପ୍ରତିଷ୍ଠିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ୧ ବର୍ଷ ମଧ୍ୟରେ ପ୍ରାୟ ୫୦ଜଣ ନୂତନ ଅଧ୍ୟାପକ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳ ଓ ରାଜ୍ୟବାସୀଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ନିଜର ଶିକ୍ଷାନୁଷ୍ଠାନ ଓ ଭିତ୍ତିଭୂମିର ଉନ୍ନତି ପ୍ରତି ସଙ୍କଳ୍ପବଦ୍ଧ ରହିଛି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱବିଦ୍ୟାଳୟକୁ ପରିଦର୍ଶନରେ ଆସି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସେ ମଧ୍ୟ ବିଶ୍ୱବିଦ୍ୟାଳୟର ପରିସର ବିକାଶ ପାଇଁ କେନ୍ଦ୍ରୀୟ ଅନୁଦାନ ଘୋଷଣା କରିଥିଲେ।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ପୂଜା କମିଟି ସଦସ୍ୟ ଓ ଅନ୍ୟମାନେ।

ଉମରକୋଟ, ୨୮।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଗୁଲିପାଟଣା ସାହିରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଗୁରୁବାର ସକାଳ ୧୧ଟାରେ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ମହା ଆଡ଼ମ୍ବର ସହ ଦୁର୍ଗାପୂଜା ଅନୁଷ୍ଠିତ ହେବାକୁ ଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ସଦସ୍ୟ, ପୂଜକ ଲକ୍ଷ୍ମୀ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ନବରାତ୍ରି ପାଇଁ ସଂକଳ୍ପ କରାଯିବ। ଆଶ୍ୱିନ ମାସ ବିଜୟା ଦଶମୀ ପର୍ଯ୍ୟନ୍ତ ମା ଦୁର୍ଗା ଅସ୍ଥାୟୀ ମଣ୍ଡପରେ ପୂଜାପାଇବେ। ଗୁରୁବାରଠାରୁ ମା'ଙ୍କ ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ କରାଯିବ। ପୂର୍ବ ବର୍ଷଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ଗୁଲିପାଟଣା ପୂଜା ମଣ୍ଡପରେ ନବରାତ୍ରି ପୂଜା କରାଯିବ। ତେଣୁ ଆଗ୍ରହୀ ଭକ୍ତ ପୂଜା କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରିବେ ବୋଲି କୁହାଯାଇଛି। ଶୁଭଖୁଣ୍ଟି ସ୍ଥାପନ ସମୟରେ ସଞ୍ଜୟ ସ୍ୱାଇଁ, ଲକ୍ଷ୍ମୀ ପୂଜାରୀ, ପିଣ୍ଟୁ ପ୍ରଧାନ, ରାମ ମଣିଆ, ଗଦା ବିଷୋୟୀ, ଯତୀନ ପଣ୍ଡା, ଲିଟୁନା ସାହୁ, ଗଣେଶ ପ୍ରସାଦ ରଣା, ଟୁଲୁ ସାହୁ, ଅମିତ କର୍ମକାର, ଗୋବର୍ଦ୍ଧନ ନାୟକ, ଗିରି ମାଝୀ, ଗୋପାଳ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋର ମିଡିଆ କନେକ୍ଟ–୨୦୨୫

ଭୁବନେଶ୍ୱର, ୨୮।୮

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମିଡିଆ କନେକ୍ଟ–୨୦୨୫' ଗୁରୁବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କମ୍ପାନୀର ସଫଳତା, ସମ୍ପ୍ରସାରଣ ଯୋଜନା, ଅଭିବୃଦ୍ଧି ପଥ ଏବଂ ଭବିଷ୍ୟତ ପାଇଁ ରଣନୈତିକ ଦୃଷ୍ଟିକୋଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।




ବ୍ରିଜେନ୍ଦ୍ର ପ୍ରତାପ ସିଂହ

# ୩୧ ସୁଦ୍ଧା ବୋରିଗୁମ୍ମାକୁ ଏନ୍‌ଏସି ଘୋଷଣା ଦାବି

**ଆନ୍ଦୋଳନ ଜୋର୍‌ଦାର କରିବାକୁ କଂଗ୍ରେସର ଚେତାବନୀ**

ବୋରିଗୁମ୍ମା, ୨୮।୮ (ବିଜୟ ସାହୁ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

କୋରାପୁଟ ଜିଲାର ବୋରିଗୁମ୍ମା ସହରକୁ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା ନ କଲେ କଂଗ୍ରେସ ଜୋର୍‌ଦାର ଆନ୍ଦୋଳନ କରିବ ବୋଲି ଜୟପୁର ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ତାରାପ୍ରସାଦ ବାହିନୀପତି ଚେତାବନୀ ଦେଇଛନ୍ତି। ବୋରିଗୁମ୍ମାସ୍ଥିତ ଡାକବଙ୍ଗଳାରେ ବିଧାୟକ ବାହିନୀପତି ଏକ ଖବରଦାତା ସମ୍ମିଳନୀ କରି ଗୁରୁବାର ସୂଚନା ଦେଇଛନ୍ତି। ପୂର୍ବ ସରକାର ସମୟରେ ୫ ବର୍ଷରେ ବୋରିଗୁମ୍ମା ଏନ୍‌ଏସି ଘୋଷଣା ନେଇ ବିଧାନସଭାରେ ୨୧ ଥର ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କୁ ବୋରିଗୁମ୍ମାକୁ ଏନ୍‌ଏସି ଘୋଷଣା ନେଇ ବିଧାନସଭାରେ ୫ ଥର ପ୍ରଶ୍ନ କରାଯାଇଛି ବୋଲି ବିଧାୟକ ବାହିନୀପତି କହିଥିଲେ। ତଥାପି ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭ ଜିଲାର ୧୨ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। କିନ୍ତୁ ସେଥିରେ ବୋରିଗୁମ୍ମା ସହରକୁ ସାମିଲ କରାଯାଇନାହିଁ। ବୋରିଗୁମ୍ମା ସହର ଏନ୍‌ଏସି ପାଇଁ ସମସ୍ତ ମାପଦଣ୍ଡ ପୂରଣ କରିଛି। ପୂର୍ବ ସରକାର ଓ ବର୍ତ୍ତମାନ ସରକାର ସମୟରେ କୋରାପୁଟ ଜିଲାପାଳ ବୋରିଗୁମ୍ମା ଏନ୍‌ଏସି ପ୍ରସଙ୍ଗ ନେଇ ନଗର ଉନ୍ନୟନ ବିଭାଗକୁ ସମସ୍ତ ନଥିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବୋରିଗୁମ୍ମା ନାଗରିକ ମଞ୍ଚର ବନ୍ଦ ଡାକରାକୁ କଂଗ୍ରେସ ସମ୍ପୂର୍ଣ୍ଣ ସମର୍ଥନ କରିଥିଲା। ଆସନ୍ତା ୩୧ ସୁଦ୍ଧା ରାଜ୍ୟ ସରକାର ବୋରିଗୁମ୍ମାକୁ ଏନ୍‌ଏସି ଘୋଷଣା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଲେ କଂଗ୍ରେସ ଜୋର୍‌ଦାର ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ବିଧାୟକ ବାହିନୀପତି କହିଛନ୍ତି। ସମ୍ମିଳନୀରେ ବ୍ଲକ୍ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ଭାନୁ ଦୋରା, ଲାଲୁ ଗୁପ୍ତା ଓ ଯୁବନେତା ବିଜୟ ନାରାୟଣ ସାହୁ ଉପସ୍ଥିତ ଥିଲେ।

# ମିସିଙ୍ଗଗୁଡ଼ାରେ ସ୍ୱଚ୍ଛ ଭାରତ ବାଟମାରଣା ଅଭିଯୋଗ

ସେମିଳିଗୁଡ଼ା/ସୁନାବେଡ଼ା, ୨୮।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ପୂର୍ବ ସରକାର ସ୍ୱଚ୍ଛ ଭାରତ ମିଶନ ନାଁରେ ଲକ୍ଷାଧିକ ଖର୍ଚ୍ଚ କରିଥିଲେ ସୁଦ୍ଧା ଏହାର ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ସେମିଳିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତ ଅଧୀନ ମିସିଙ୍ଗଗୁଡ଼ା ଗାଁରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଗାଁ ମୁଣ୍ଡରେ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହାକୁ ୫ ବର୍ଷ ବିତିଥିଲେ ସୁଦ୍ଧା ଏଯାଏ ଶୌଚାଳୟର ତାଲା ଖୋଲା ଯାଉ ନାହିଁ ଓ ଏହା ବ୍ୟାବାହାରରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ କହିବା ମୁତାବକ ଏ ପର୍ଯ୍ୟନ୍ତ ଶୌଚାଳୟକୁ ପାଣି ସଂଯୋଗ ହୋଇ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରି ନାହିଁ। ଫଳରେ ଶୌଚାଳୟର ଚତୁଃପାର୍ଶ୍ୱ ଜଙ୍ଗଲରେ ପରିଣତ ହୋଇଛି। ଏହା ବ୍ଲକ୍ ଅଫିସଠାରୁ ଅଳ୍ପ ଦୂରରେ ଥିବା ସତ୍ତ୍ୱେ ଅଧିକାରୀଙ୍କ ଅଗୋଚରକୁ ଆସୁ ନାହିଁ। ଏ ସମ୍ପର୍କରେ ସେମିଳିଗୁଡ଼ା ବିଡିଓ ଯସ୍ମିନ ପ୍ରଧାନ, ଏବିଡିଓ ବସନ୍ତ କୁମାର ବେହେରା ପାକଝୋଲା ସରପଞ୍ଚ ପଦ୍ମିନୀ ଆଲଡିଆଙ୍କୁ ଫୋନ୍ କରିଥିଲେ ମଧ୍ୟ କେହି କଲ୍ ଗ୍ରହଣ କରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନ ଥିଲା। ପରେ ସେମିଳିଗୁଡ଼ା ବ୍ଲକ୍ ଅଧକ୍ଷା ଲିଲି ଅଣ୍ଟାବିରିଆଙ୍କୁ ପଚାରିବାରୁ କ'ଣ ପାଇଁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ ତାହା ତଦନ୍ତ ପରେ ହିଁ କହିହେବ ଏବଂ ଏହାକୁ କାର୍ଯ୍ୟକ୍ଷମ କରିବା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଶୌଚାଳୟର ଚତୁଃପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି ହୋଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ୧୦ ଘର

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଲଗାଣ ବର୍ଷାରେ ଜୟପୁର ତହସିଲ ଅଧୀନରେ ୧୦ ଘର ଆଂଶିକ ଭାଙ୍ଗିଥିବା ଜଣାପଡ଼ିଛି। ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ରାଜସ୍ୱ ସୁପରଭାଇଜର ହରିହର ଶତପଥୀ ତଥ୍ୟ ସଂଗ୍ରହକରି ପଲିଥିନ ପ୍ରଦାନ କରିଥିଲେ। ହରଡ଼ାପୁଟର ନବଘନ ଚାଲାଣ, ଆମ୍ବାଗୁଡ଼ାର ଗୋବିନ୍ଦ ହରିଜନ, ସଞ୍ଜୀବ ହରିଜନ, ପୂଜାରିପୁଟର ମଣି ନାୟକ, କ୍ଷୀରମଣି ନାୟକ, ଛତର୍ଲାର ଇନ୍ଦୁମତି ଦାସ, ଭାଇଛିଞ୍ଚିର ସୁକାନ୍ତି ହରିଜନ, ହଡପା ଗ୍ରାମର ମନା ଭତ୍ରା, ଫାମ୍ପୁଣି ଗ୍ରାମର ରାଜେନ୍ଦ୍ର ମଣ୍ଡଳ, ଖ୍ରୀଷ୍ଟିଆନ ପେଟାର ମନିକା ମହୁରିଆଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ବୁଧବାର ଲଗାଣ ବର୍ଷାରେ ୧୭ ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ତଥ୍ୟରୁ ଜଣାପଡ଼ିଛି।



ବର୍ଷାରେ ଭାଙ୍ଗିଥିବା ଘର।

# ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବାକୁ ନାହିଁ ରାସ୍ତା

ଉମରକୋଟ, ୨୮।୮ (ସନ୍ତୋଷ ଶତପଥୀ)

■ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

■ ହସ୍ପିଟାଲ ମଧ୍ୟ ଦେଇ ଆଣିବାକୁ ପଡୁଛି ମୃତଦେହ

ନବରଙ୍ଗପୁର ଜିଲାର ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଥିବା ମୃତଦେହ ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ କୌଣସି ରାସ୍ତା ନାହିଁ। ଫଳରେ ମୃତଦେହକୁ ହସ୍ପିଟାଲ ଭିତରେ ଦେଇ ବାହାରକୁ ଆଣିବାକୁ ପଡୁଛି। ଏହାକୁ ନେଇ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

ଉମରକୋଟ ଚିକିତ୍ସାଳୟ ଉପରେ ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକ୍‌ର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଅବ୍ୟବସ୍ଥା ଯୋଗୁ ଏହା ଏକ ରେଫରାଲ ଚିକିତ୍ସାଳୟରେ ପରିଣିତ ହୋଇଛି। ଏଠାରେ ଏହି ୪ ବ୍ଲକ୍ ସମେତ ଛତିଶଗଡ଼ରୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ତେବେ କୌଣସି ରୋଗୀଙ୍କ ମୃତ୍ୟୁ ହେଲେ କିମ୍ବା ବାହାରୁ କୌଣସି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଲେ ତାକୁ ହସ୍ପିଟାଲ ଭିତର ଦେଇ ରୋଗୀଙ୍କ ମଧ୍ୟରେ ନେବାକୁ ପଡୁଛି। କାରଣ ଚିକିତ୍ସାଳୟର ମୃତଦେହ ବ୍ୟବଚ୍ଛେଦ ଗୃହ ଏହାର ପଛପଟେ ଅଛି। ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହିଁ। ଫଳରେ ମୃତଦେହକୁ ଷ୍ଟ୍ରେଚର ଯୋଗେ ହସ୍ପିଟାଲ ଭିତର ଦେଇ ବାହାରକୁ ଆଣି ଆମ୍ବୁଲାନ୍ସରେ ନିଆଯାଉଛି। ତୁରନ୍ତ ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନିର୍ମାଣ କରିବାକୁ ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି ଦାବି କରିଛନ୍ତି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ କହିଲେ, ବ୍ୟବଚ୍ଛେଦ ଗୃହକୁ ଭଙ୍ଗାଯାଇ ସେଠାରେ ନୂତନ ଚିକିତ୍ସାଳୟ ନିର୍ମାଣ କରାଯିବ। ବ୍ୟବଚ୍ଛେଦ ଗୃହ ନୂତନ ଭାବେ ଅନ୍ୟତ୍ର ତିଆରି ହେବ ବୋଲି କହିଛନ୍ତି।

# ନନ୍ଦପୁର ବ୍ଲକ୍‌ରେ ୧୩୫୫ ଛାତ୍ରୀଛାତ୍ର ଡ୍ରପ୍‌ଆଉଟ୍

ନନ୍ଦପୁର/ପାଡୁଆ, ୨୮।୮ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବିଦ୍ୟାଳୟ ମୁହାଁ କରିବାକୁ ଏକାଧିକ ଯୋଜନା କରୁଛନ୍ତି। କିନ୍ତୁ କୋରାପୁଟ ଜିଲା ସମେତ ନନ୍ଦପୁର ବ୍ଲକ୍‌ରେ ଶିକ୍ଷା ବିଭାଗର ସମସ୍ତ ଯୋଜନା ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ଆକର୍ଷିତ କରିବାରେ ସଫଳ ହୋଇ ନ ଥିବା ଜଣାପଡ଼ିଛି। ବ୍ଲକ ଅଧୀନ ୨୩ ପଞ୍ଚାୟତରେ ମୋଟ ୧୩୫୫ ଓ ଜିଲାରେ ମୋଟ ୧୯୫୬୮ଜଣ ୭ରୁ ୧୮ବର୍ଷୀୟ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ସୂଚନା ମିଳିଛି। ଡ୍ରପଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଶିକ୍ଷାବିତ୍ ଏହାକୁ ଶିକ୍ଷା ବିଭାଗର ବିଫଳତା ବୋଲି କହୁଛନ୍ତି। ଲୋକଙ୍କ ଅଶିକ୍ଷିତତା, ଆର୍ଥିକ ସ୍ଥିତି, ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଓ ଦୂରତା ଯୋଗୁ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଥିବା କହିଛନ୍ତି। ଶିକ୍ଷା ବିଭାଗ, ପଞ୍ଚାୟତ ବ୍ଲକ୍ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

ସୂଚନା ମୁତାବକ ବ୍ଲକ ଅଧୀନ ୨୩ ପଞ୍ଚାୟତରେ ଶିକ୍ଷା ବିଭାଗ ପକ୍ଷରୁ କରାଯାଇ ଥିବା ସର୍ଭେରେ ଅତଣ୍ଡା ପଞ୍ଚାୟତରେ ୧୧୮, ବାଡେଲ ପଞ୍ଚାୟତରେ ୧୦୯, ବାଲଡ଼ା ୨୪, ଭେଜା ୧୪, ବିଲାପୁଟ ୭୯, ଚାଟୁଆ ୬୫, ଖିନବର୍ ୪୭, ଗୋଲୁର ୨୮, ହାତୀବାରି ୯୮, ନନ୍ଦକା ୧୫୩, ନନ୍ଦପୁର ୭୯, ଖୁର୍ଜି ୬୨, ମାଲିବେଲଗାଁ ୫୨, ଥୁବା ୬୨, ରାଇସିଂ ୭୨, କସନ୍ଦି ୫୧, ଖେମୁଣ୍ଡୁଗୁଡା ୨୯, ହିକିମପୁଟ ୬୮, ପାଡୁଆ ୩୯, କୁଲାବିର ୨୭, ପାନ୍ଥଲୁଙ୍ଗ ୩୯, କୁଲାରସିଂ ୨୬ ଓ ପରଜା ବଡପଡ଼ା ପଞ୍ଚାୟତରେ ୧୩ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ଜଣାପଡ଼ିଛି। ସେହିପରି ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଅଧୀନ ୨ ବ୍ଲକ୍ ସେମିଳିଗୁଡ଼ା ୪୯୦ ଓ ପଟ୍ଟାଙ୍ଗି ବ୍ଲକ୍‌ରେ ୧୨୭୯ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ସୂଚନା ମିଳିଛି। ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢୁଛି ବୋଲି ମତ ପ୍ରକାଶ ହୋଇଛି।

ଏ ସମ୍ପର୍କରେ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ସର୍ଭେ ରିପୋର୍ଟ ଆଧାରରେ ବର୍ତ୍ତମାନ ବ୍ଲକ୍ ଅଞ୍ଚଳରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଘର ଘର ବୁଲି ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ସଚେତନ କରୁଥିବା କହିଛନ୍ତି। ଆର୍‌ଟିଇ ନିୟମ ପ୍ରକାରେ ୬ରୁ ୧୪ ବର୍ଷର ପିଲାଙ୍କୁ ବୟସ ଅନୁପାତରେ ପୁନଃ ଏଲିମେଣ୍ଟାରି ବିଦ୍ୟାଳୟରେ ପଢ଼ାଇବା ବ୍ୟବସ୍ଥା କରାଯାଉଛି। ୧୫ରୁ ଉର୍ଦ୍ଧ୍ୱ ବର୍ଷୀୟ ପିଲାଙ୍କୁ ଏସ୍‌ଆଇଓଏସ୍‌ରେ ଜଏନ କରାଯାଇ ବିଭାଗ ପ୍ରସ୍ତୁତ ବ୍ରିଜ ପାଠ୍ୟକ୍ରମରେ ସାମିଲ କରିବାକୁ ଚେଷ୍ଟା କରାଯାଉଥିବା ସେ ସୂଚନା ଦେଇଛନ୍ତି।



ପାଠ ଛାଡି ବିଭିନ୍ନ କାମ କରୁଥିବା ଛାତ୍ରୀଛାତ୍ର।

# ଛତିଶଗଡ଼ରୁ ଆସିଥିବା ସାର ଟ୍ରାକ୍ଟରକୁ ଅଟକ ରଖିଲେ ଗ୍ରାମବାସୀ


■ ସାରକୁ ନେଇ ୨ ଗ୍ରାମର ଲୋକଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ

■ ପୋଲିସ ଉପସ୍ଥିତିରେ ଚାଷୀଙ୍କ ମଧ୍ୟରେ ବଣ୍ଟାଗଲା ସାର

ଉମରକୋଟ, ୨୮।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଚିକଲପଦର ଗ୍ରାମବାସୀ ଛତିଶଗଡ଼ରୁ ଆସୁଥିବା ସାର ଟ୍ରାକ୍ଟରକୁ ବୁଧବାର ରାତିରେ ଅଟକ ରଖିଥିଲେ। ଉକ୍ତ ସାରକୁ ଗୁରୁବାର କୃଷି ବିଭାଗ ଓ ପୋଲିସ ଉପସ୍ଥିତିରେ ଚାଷୀଙ୍କ ମଧ୍ୟରେ ବଣ୍ଟାଯାଇଛି। ସାର ନେଇ ଯାଉଥିବା ମାଲିକଙ୍କୁ ସରକାରୀ ରେଟ୍ ଅନୁସାରେ ଟଙ୍କା ଦେଇ ଚାଷୀ ସାର ନେଇଥିବା ଉମରକୋଟ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି।

ସୂଚନାନୁଯାୟୀ, ବୁଧବାର ରାତି ପ୍ରାୟ ୮ଟା ୩୦ରେ ୨ ଟ୍ରାକ୍ଟର ଭର୍ତ୍ତି ୟୁରିଆ ସାର ଚିକଲପଦର ଗ୍ରାମଦେଇ ଆସୁଥିଲା। ତେବେ ଗାଁରେ ଗଣେଶପୂଜା ଚାଲିଥିବାରୁ ସେଠାରେ ଉପସ୍ଥିତ କେତେଜଣ ଯୁବକ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ଅଟକ ରଖିବା ପାଇଁ ଚେଷ୍ଟା କରିଥିଲେ। ଗୋଟିଏ ଟ୍ରାକ୍ଟର ଖସିଯିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଟ୍ରାକ୍ଟରଟିକୁ ଗ୍ରାମବାସୀ ଅଟକ ରଖିବାରେ ସଫଳ ହୋଇଥିଲେ। ବୁର୍ଜା ଗ୍ରାମର କେତେଜଣ ଚାଷୀ ମିଶି ଛତିଶଗଡ଼ରୁ ସାର ଆଣିଛନ୍ତି ବୋଲି ଟ୍ରାକ୍ଟର ଡ୍ରାଇଭର କହିବା ସହ ଗ୍ରାମର ଯୁବକମାନଙ୍କୁ ୩୦ ହଜାର ଟଙ୍କା ନେଇ ଛାଡ଼ିଦେବା ପାଇଁ ନେହୁରା ହୋଇଥିଲେ। କିନ୍ତୁ ଏହାକୁ ଯୁବକମାନେ ନ ମାନି ସେହି ଟ୍ରାକ୍ଟରକୁ ଅଟକ ରଖି ରାତି ସାରା ଜଗି ରହିଥିଲେ। ମୋଟ ୧୦୦ ବସ୍ତା ୟୁରିଆ ସାର ଥିଲା। ଗୁରୁବାର ସକାଳେ ଗ୍ରାମବାସୀଙ୍କଠାରୁ ଖବର ପାଇଁ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, କୃଷି ବିଭାଗର କେତେଜଣ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁର୍ଜା ଗ୍ରାମର କେତେଜଣ ଚାଷୀ ମିଶି ଛତିଶଗଡ଼ରୁ ସାର ଆଣିଛନ୍ତି ବୋଲି ଡ୍ରାଇଭର କହିଥିଲେ। ତେବେ କିଛି ସମୟ ପରେ ସିର୍ଲିଗୁଡା, କୁସୁମଗୁଡ଼ା ଓ ବୁର୍ଜା ଗ୍ରାମର କେତେଜଣ ଚାଷୀ ପହଞ୍ଚି ସାର ଟ୍ରାକ୍ଟର ଅଟକକୁ ନେଇ ବିରୋଧ କରିବା ସହ ତୁରନ୍ତ ଛାଡ଼ିବାକୁ ଦାବି କରିଥିଲେ। ତେବେ ଚିକଲପଦର ଗ୍ରାମବାସୀ ସାର କୁଆଡୁ ଆସିଲା ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟ ଗାଁର ଚାଷୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହେଇଥିଲା। ଚିକଲପଦର ଗ୍ରାମବାସୀଙ୍କ ଦାବିରେ ପୋଲିସ ଉପସ୍ଥିତିରେ କୃଷି ବିଭାଗ କର୍ମଚାରୀ ପ୍ରତ୍ୟେକ ଚାଷୀଙ୍କୁ ସରକାରୀ ଦରରେ ସାର ବଣ୍ଟନ କରିଥିଲେ। ତେବେ କେତେଜଣ ଚାଷୀ ଅଭିଯୋଗ କରିଛନ୍ତି, ସାର ବସ୍ତା ଉପରେ ଓଡ଼ିଆ ଭାଷାରେ ଲେଖାଥିଲା। ସାର ଓଡ଼ିଶାର। ଉମରକୋଟ ନିକଟସ୍ଥ କୌଣସି ଡିଲର କଳାବଜାର କରୁଥିବା ଚାଷୀ ଅଭିଯୋଗ କରିଛନ୍ତି।



ଚିକଲପଦର ଗ୍ରାମବାସୀ ଅଟକ ରଖିଥିବା ସାର ଟ୍ରାକ୍ଟର।

# ଯୁବକଙ୍କୁ ହତ୍ୟା ପ୍ରତିବାଦରେ ଥାନା ଘେରାଉ

■ ପାର୍ବଣ ପୂର୍ବରୁ ସହରରେ ଉତ୍ତେଜନା

■ ଜଣେ ଗିରଫ, ୪ ଅଟକ

ରାୟଗଡ଼ା,୨୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ବୁଧବାର ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ସହରରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ପାର୍ବଣ ପୂର୍ବରୁ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ଗୁରୁବାର ଶତାଧିକ ଲୋକ ରାୟଗଡ଼ା ଥାନା ଘେରାଉ କରିବା ସହ ରାସ୍ତାରୋକୋ କରିଥିଲେ। ଦୀର୍ଘ ୩ ଘଣ୍ଟା ଥାନା ସମ୍ମୁଖରେ ରାସ୍ତା ଅବରୋଧ ଯୋଗୁ ରାୟଗଡ଼ା ସହରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଏହାପରେ ସ୍ଥାନୀୟ ତହସିଲ ଛକରେ ପୁନର୍ବାର ୧ ଘଣ୍ଟା ରାସ୍ତା ଅବରୋଧ କରିଥିଲେ ସାହି ବାସିନ୍ଦା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ଏପରିକି ମୃତଦେହ ବ୍ୟବଚ୍ଛେଦ ପାଇଁ ମଧ୍ୟ ପରିବାର ଲୋକେ ଅନୁମତି ଦେଇ ନ ଥିଲେ। ପୋଲିସ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା।



ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ସାହିବାସିନ୍ଦା ରାୟଗଡ଼ା ଥାନା ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି।

ଏହାପରେ ପରିବାର ଲୋକେ ମୃତଦେହ ଗ୍ରହଣ କରିଥିଲେ। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ମହେଶ ନାୟକ ନାମକ ଯୁବକଙ୍କୁ ଗିରଫ କରିଛି। ଏଥିସହ ଆଉ ୪ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

ସୂଚନାଯୋଗ୍ୟ, ରାୟଗଡ଼ା ସହରର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଛପଟ ପଡ଼ିଆରେ ବୁଧବାର ଅପରାହ୍ଣରେ ଏକ ହତ୍ୟାକାଣ୍ଡ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହିଳା ମହାବିଦ୍ୟାଳୟ ପଛପଟ ବସ୍ତିର ରୋହିତ ଥାପା (୨୭)ଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣକରି ହତ୍ୟା କରାଯାଇଥିଲା। ଏ ନେଇ ମୃତକଙ୍କ ପରିବାର ଲୋକେ ରାୟଗଡ଼ା ଥାନାରେ ଏତଲା ଦେବା ପରେ ପୋଲିସ କେତେକଙ୍କୁ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତେବେ ହତ୍ୟାକାଣ୍ଡର ୩୦ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଉତ୍ତେଜନା ଥମିନାହିଁ। ତେଣୁ ଉକ୍ତ ବସ୍ତିରେ ପୋଲିସ ମୁତୟନ ହୋଇଛନ୍ତି। ସମସ୍ତ ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି।

## ହାଇୱା ଧକ୍କାରେ ବୁଲେଟ୍ ଆରୋହୀ ମୃତ

**ସ୍ଥାନୀୟ ଲୋକଙ୍କ ଜାତୀୟ ରାଜପଥ ଅବରୋଧ**

ରାୟଗଡ଼ା,୨୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଥାନା ଅନ୍ତର୍ଗତ ଜପାଖାଲ ନିକଟରେ ଗୁରୁବାର ମଧ୍ୟାହ୍ନରେ ମେଟାଲ ବୋଝେଇ ହାଇୱା ସହ ଏକ ବୁଲେଟ ମୁହାଁମୁହିଁ ଧକ୍କାହେବାରୁ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ଜିଲା ଟିକିରି ଅଞ୍ଚଳର ବିଶ୍ୱାଳ ତାଣ୍ଡି (୩୦)। ଏହି ଦୁର୍ଘଟଣାରେ ବୁଲେଟ୍ ଚାଳକ ଗୁରୁତର ଆହତହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଛନ୍ତି। ତାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ୩୨୬ ନମ୍ବର ଜାତୀୟ ରାଜପଥ ଜପାଖାଲ ଗାଁ ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ରାଜପଥ ଅବସ୍ଥା ଖରାପ ଥିବା ଓ ବିପଦପୂର୍ଣ୍ଣ ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଗୁରୁବାର ମଧ୍ୟାହ୍ନ ସମୟରେ ବିଶ୍ୱାଳ ତାଣ୍ଡି ଓ ତାଙ୍କ ସମ୍ପର୍କୀୟ ଅକ୍ଷୟ ସିନିଲ ରାୟଗଡ଼ାରୁ ଟିକିରି ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବିଶ୍ୱାଳ ମୃତ୍ୟୁବରଣ କରିଥିବାବେଳେ ସ୍ଥାନୀୟ ଲୋକେ ଅକ୍ଷୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାୟଗଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ବିଶ୍ୱ ପର୍ଯ୍ୟାବରଣ ଦିବସରେ ଚାରାରୋପଣ

ଜେକେ ପୁର,୨୮।୮ (ରାଜେଶ ବିଶ୍ୱାଳ)

ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ଅମୃତାଦେବୀ ବଳିଦାନ ଦିବସକୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ରୂପେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଅମଲାଭଟା ଛକସ୍ଥିତ ଶ୍ରୀକ୍ଷେତ୍ର ଟାଉନଶିପ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର ସହ ନିକଟ ଶ୍ମଶାନ ଚାରିପାର୍ଶ୍ୱରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଔଷଧୀୟ ଏବଂ ଫଳଗଛର ଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସକ୍ଷମ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂରକ୍ଷକ ଡ. ବାଦଲ କୁମାର ତା, ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହକ ବିଦ୍ୟୁଲତା ହୁଇକା, ଆର୍‌ଏସ୍‌ଏସ୍ ରାୟଗଡ଼ା ନଗର କାର୍ଯ୍ୟବାହ ବିଦ୍ୟାଭୂଷଣ ପଣ୍ଡା, କୋଲନରା ଖଣ୍ଡ କାର୍ଯ୍ୟବାହ ରାଧାମୋହନ ଦୋରା, ଜିଲା ପର୍ଯ୍ୟାବରଣ ସଂଯୋଜକ ମନୋଜ ଗଉଡ଼ ଏବଂ ମୁଖ୍ୟବକ୍ତା ଭାବେ ବିଏମ୍‌ଏସ୍‌ର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗଦେଇ ଚାରାରୋପଣ କରିଥିଲେ। ଅମୃତା ଦେବୀ ବଳିଦାନ ଦିବସକୁ ପର୍ଯ୍ୟାବରଣ ଦିବସ ରୂପେ ପାଳନ କରିବା ଓ ପରିବେଶ ସଂକ୍ରାନ୍ତରେ ଜନସଚେତନା ସୃଷ୍ଟି କରିବା ବିଏମ୍‌ଏସ୍‌ର ଉଦ୍ଦେଶ୍ୟ ବୋଲି ମୁଖ୍ୟବକ୍ତା ଦାସ କହିଥିଲେ। ବିଏମ୍‌ଏସ୍‌ର କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଜିଲା ସମ୍ପାଦକ ଗଣେଶ କୁମାର ସାହୁ ଏବଂ ପର୍ଯ୍ୟାବରଣ ମଞ୍ଚର ଜିଲା ସଂଯୋଜକ ଦୁର୍ଗାମାଧବ ଘୋଷଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ପର୍ଯ୍ୟାବରଣ ଦିବସରେ ଚାରାରୋପଣ କରାଯାଉଛି।

## ଅଲେଖ ଧର୍ମାବଲମ୍ବୀ ଏକାଠି ପାଳିଲେ ନୂଆଁଖାଇ


ଅଲେଖ ଧର୍ମାବଲମ୍ବୀମାନେ ନବାନ୍ନ ସେବନ କରୁଛନ୍ତି ।

ଗୁଣପୁର,୨୮।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଘନାନ୍ତ୍ରୀ ପଞ୍ଚାୟତର ଅମ୍ବାବାଡ଼ି ଗାଁରେ ଅଲେଖ ଧର୍ମାବଲମ୍ବୀମାନେ ଗୁରୁବାର ଏକାଠି ନୂଆଁଖାଇ ପାଳିଛନ୍ତି। ଭାଦ୍ରବ ଶୁକ୍ଳ ପଞ୍ଚମୀରେ ନୂଆ ଖାଇବା ନେଇ ସମୟ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ଆଖପାଖର ବହୁ ଅଲେଖ ଧର୍ମାବଲମ୍ବୀ ସାମିଲ ହୋଇଥିଲେ। ଗତ ୫୪ ବର୍ଷ ଧରି ଏଠାରେ ଚାଲି ଆସୁଛି ନୂଆଁଖାଇ ପରମ୍ପରା। ବୁଧବାର ସନ୍ଧ୍ୟାରେ ଶୂନ୍ୟ ବ୍ରହ୍ମଙ୍କୁ ପଣା ଓ ନବାନ୍ନ ଅର୍ପଣ କରାଯାଇଥିଲା। ଏହା ପରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ବହୁ ଅଲେଖ ଧର୍ମାବଲମ୍ବୀ ଯୋଗଦେଇଥିଲେ। ପ୍ରଥମେ ଯୋରନ୍ଦାରେ ନବାନ୍ନ ଲାଗି କରାଯାଏ। ତା'ପରେ ଏଠାରେ ନବାନ୍ନ ଲାଗି କରାଯାଉଥିବା ଅଲେଖ ମହିମା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଅମ୍ବାବାଡ଼ି ଅଲେଖ ମହିମା ଟ୍ରଷ୍ଟର ସଭାପତି ଶେଷଦେବ ସେନାପତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

## ପାଗଳା କୁକୁର କାମୁଡ଼ାରେ ୫ ଆହତ

**କୁକୁରକୁ ପିଟି ମାରିଦେଲେ ଗ୍ରାମବାସୀ**

ପଦ୍ମପୁର,୨୮।୮(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲାର ପଦ୍ମପୁର ନିକଟସ୍ଥ ଲଛମନଗୁଡ଼ା ଗ୍ରାମରେ ପାଗଳା କୁକୁର କାମୁଡ଼ାରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ରୀନା ବିଡ଼ିକା, ନରହରି ଶବର,ମାଧୁରୀ ଦାଶ, ମୋହନ ଦାଶ, ନକିଆ ଶବର। ପାଗଳା କୁକୁର କାହାର ହାତ, ଆଉ କାହାର ଗୋଡ଼ ଆଦିକୁ କାମୁଡ଼ି ମାଂସ ବାହାର କରିଦେଇଛି। ଗ୍ରାମବାସୀ ସେମାନଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ସଂଘବଦ୍ଧ ଭାବେ ପାଗଳା କୁକୁରକୁ ପିଟିପିଟି ମାରି ଦେଇଥିବା ଜଣାପଡ଼ିଛି। ଲଛମନଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନ ୩ଟାରେ ଏକ ପାଗଳା କୁକୁର ଲୋକଙ୍କୁ କାମୁଡ଼ି ଦେଉଥିବାରୁ ଲୋକମାନେ ଭୟରେ ଦୌଡ଼ୁଥିବା ଦେଖାଯାଇଥିଲା। ତେବେ ମାଧୁରୀ ଦାଶ ଓ ନକିଆ ଶବରଙ୍କ ଘର ଭିତରେ କୁକୁର ପଶି ହାତ ଏବଂ ମୁଣ୍ଡକୁ କାମୁଡ଼ି ମାଂସ ବାହାର କରିଦେଇଛି। ଡାକ୍ତର ଚିନ୍ମୟ ସାମଲ ଆହତଙ୍କୁ ଚିକିତ୍ସାକରି ପଦ୍ମପୁର ଥାନାରେ ଏକ ଏମ୍‌ଏଲ୍‌ସି କେସ୍ ଦାୟର କରିଛନ୍ତି।


ଚିକିତ୍ସିତ ହେଉଥିବା ଆହତ ମହିଳା।

## ବ୍ରାହ୍ମଣ ସମାଜ ପକ୍ଷରୁ ସହାୟତା

ଗୁଡାରି,୨୮।୮
(ପ୍ରମୋଦ କୁମାର ପତି)

ଗୁଡାରି ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ନିଘାମନ ସାହିର ସ୍ୱର୍ଗତ ମାଝୀ ପାତ୍ରଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ୱର୍ଗତ ପାତ୍ର କର୍କଟ ରୋଗରେ ପୀଡିତ ଥିଲେ ଏବଂ କିଛି ଦିନ ପୂର୍ବେ ତାଙ୍କର ଦେହାନ୍ତ ହୋଇଥିଲା। ବ୍ରାହ୍ମଣ ସମାଜ ସଭାପତି ଓ ଅନ୍ୟ ସଦସ୍ୟମାନେ ଗୁରୁବାର ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କ ପତ୍ନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସର୍ବଦା ସମାଜ ତାଙ୍କ ପରିବାର ପଛରେ ଅଛନ୍ତି ବୋଲି ଆଶ୍ୱାସନା ଦେଇଥିଲେ।


ବ୍ରାହ୍ମଣ ସମାଜ କର୍ମକର୍ତ୍ତା ସହାୟତା ପ୍ରଦାନ କରୁଛନ୍ତି।

## ବସ୍ ଧକ୍କାରେ ଜଣେ ମୃତ

ଦାରିଙ୍ଗବାଡ଼ି, ବ୍ରାହ୍ମଣୀଗାଁ ୨୮।୮
(ଅରୁଣ ସାହୁ/ମନୋରଞ୍ଜନ ରଣା):

ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ରାହ୍ମଣୀଗାଁର ବନ୍ଦସା ମାଝୀ। ଗୁରୁତର ୨ ହେଲେ ଟା ଦୋକାନି ପେଟା ଓରଫ ପିତର ମାଝୀ ଏବଂ ବନ୍ଦାବୁଡି ମାଝୀ। ଗୁରୁତରଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ କହିଛି।

## ମାଲକାନଗିରି ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ

ବ୍ରହ୍ମପୁର,୨୮।୮(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ମାଲକାନଗିରି ଜିଲାର ଗ୍ରାମାଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିନବ ପଦକ୍ଷେପ ନିଆଯାଇଛି। ବାରମ୍ବାର ବିଦ୍ୟୁତ ସେବା ବିଚ୍ଛିନ୍ନ ହେବା ଭଳି ସମସ୍ୟା ଦୂର ହୋଇଛି। ଜିଲାର କେ ଗୁମା ସବ ଷ୍ଟେସନରେ ଏକକ ଟ୍ରାନ୍ସଫର୍ମର ଉପରେ ନିର୍ଭରତା ସମ୍ବନ୍ଧୀୟ ବିପଦକୁ ହ୍ରାସ କରିବା ପାଇଁ ଅତିରିକ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ବାଲିମେଳା ଓ ମାଥିଲିରେ ଟ୍ରାନ୍ସଫର୍ମର କ୍ଷମତାକୁ ୫ ଏମଭିଏକୁ ବୃଦ୍ଧି କରାଯାଇଛି। ଜିଲାରେ ୩୩ କେଭି ଲାଇନର ମଧ୍ୟ ସୁଦୃଢ଼ୀକରଣ କରାଯାଇଛି। ଖଇରପୁଟ ସ୍କୁଲକୁ ଏକ ନିର୍ଦ୍ଦିଷ୍ଟ ଲାଇନ ସହ ସଂଯୋଗ କରାଯାଇଛି। ଚିତ୍ରକୋଣ୍ଡା ଜଳ ଭଣ୍ଡାର ଓ ଆଖପାଖ ଅଂଚଳର ବିଦ୍ୟୁତ ସେବାକୁ ସୁଦୃଢ଼ କରାଯାଇଛି। ଜିଲାର ୧୧ କେଭି ଲାଇନର ବିସ୍ତାର କରାଯିବା ସହ କେ ଗୁମ୍ମା, ଚିତ୍ରକୋଣ୍ଡା, ପାଣ୍ଡିପାନି, ବଜରଙ୍ଗ କଲୋନୀ ଓ ବନ୍ଦୀଗୁଡା ଅଂଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। କୃଷି କ୍ଷେତ୍ର, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ ଆଦି କ୍ଷେତ୍ରରେ ଏହା ସହାୟକ ହୋଇଛି। ଜିଲାରେ ବାସ କରୁଥିବ କୋୟା, ଭୂମିଆ, ପରଜା, ବଣ୍ଡା ଓ ଦିଦାୟୀ ଜନ ଜାତିଙ୍କ ଦୈନନ୍ଦିନ ଜୀବନରେ ସହାୟକ ହୋଇପାରିଛି।

## ମା' ଦକ୍ଷିଣକାଳୀଙ୍କ ପୂଜା ପାଇଁ କମିଟି ଗଠିତ

ଗୁଣପୁର,୨୮।୮(ପ୍ରଦୀପ କୁମାର ପାଢୀ)

ଗୁଣପୁର ଆଇଟିଡିଏ ଅଫିସ ନିକଟରେ ମା' ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଗୁରୁବାର ପୂର୍ବାହ୍ନରେ ମଣ୍ଡପରେ ପୂଜା ପାଠ କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜାରେ କର୍ତ୍ତା ଭାବରେ ନରସିଂହ ଶତ୍‌ପଥୀ ରହିଥିବାବେଳେ ଗଞ୍ଜାମର ବରିଷ୍ଠ ପୁରୋହିତ ପ୍ରକାଶ ଚନ୍ଦ୍ର ଦାସ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପୂଜା ପରିଚାଳନା କରିବା ପାଇଁ ବୈଠକରେ ନୂତନ କମିଟି ଓ ସବ୍ କମିଟି ଗଠନ ହୋଇଥିଲା। ସଭାପତି ଭାବେ ରାଧା କୃଷ୍ଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ବାଲାଜୀ ପାଣିଗ୍ରାହୀ, ଉପ ସଭାପତି ଜନାର୍ଦ୍ଦନ ମହାପାତ୍ର, ସାଧାରଣ ସମ୍ପାଦକ ନରସିଂହ ଶତପଥୀ, ଯୁଗ୍ମ ସମ୍ପାଦକ ଭାବେ ବିଷ୍ଣୁ ପାଢ଼ୀ, କୋଷାଧ୍ୟକ୍ଷ ଭାବେ ବିରଞ୍ଚି ପାଣିଗ୍ରାହୀ ଓ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବରେ ସଂଗ୍ରାମ ସାହୁ, ଅନିରୁଦ୍ଧ ଚୌଧୁରୀ ଓ ଆଇନ ଉପଦେଷ୍ଟା ଭାବରେ ବିଷ୍ଣୁ ପାଢ଼ୀ ଓ ବିଶନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା । ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଓ ବରିଷ୍ଠ ପ୍ରଫେସର ଗଣେଶ୍ୱର ଶତପଥୀ, କୈଳାସ ଚନ୍ଦ୍ର ଦାସ ଓ ଗଜା ପାଲଙ୍କୁ ଉପଦେଷ୍ଟା କମିଟିରେ ଗ୍ରହଣ କରାଯାଇଥିଲା । ପୂଜା ପରିଚାଳନା ପାଇଁ ଅର୍ଥ ଆଦାୟ କମିଟି, ପୂଜା ମଣ୍ଡପ ପରିଚାଳନା କମିଟି, ସାଂସ୍କୃତିକ କମିଟି, ପ୍ରସାଦ ପରିଚାଳନା କମିଟି, ଅପେରା କମିଟି ଭଳି ବିଭିନ୍ନ ସବ୍ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ବରିଷ୍ଠ ପ୍ରଫେସର ଗଣେଶ୍ୱର ଶତପଥୀ ଓ ପୁରୋହିତ ପ୍ରକାଶ ଚନ୍ଦ୍ର ଦାସ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଏହା ସହ ଆସନ୍ତା ଅକ୍ଟୋବର ୨୦ରୁ ୭ ଦିନ ଧରି ଧୁମ୍‌ଧାମ୍‌ରେ ମା'ଙ୍କ ପୂଜା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ କମିଟି ସଦସ୍ୟ ବିମଳ ମିଶ୍ର, ଅଜିତ ପଣ୍ଡା, ମୁନା ପାଢ଼ୀ, ବାବୁଲି ଖାଡ଼ାଙ୍ଗା, ରିଙ୍କୁ ଦାସ, ଶ୍ରୀନିବାସ ସାହୁ, ସୁନା ବେହେରା, ବିଜୟ କୁମାର ସୁମାମୁଦି, କାଳିଆ ରଥ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।


ମା' ଦକ୍ଷିଣକାଳୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

## ଗ୍ରାମବାସୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲା ଉତ୍କଳ ଆଲୁମିନା

■ ସଜଳ ପ୍ରକଳ୍ପ ଦ୍ୱାରା ଦୂରହେଲା ଜଳକଷ୍ଟ

■ ଯାତାୟାତ ପାଇଁ ନିର୍ମାଣହେଲା ରାସ୍ତା

ଟିକିରି, ୨୮।୮(ପ୍ରଫୁଲ୍ଲ କୁମାର ବେହେରା)


ରାଉଲିଘାଟି ଗ୍ରାମବାସୀ।

ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ସିଏସ୍‌ଆର୍ ଜରିଆରେ ଗ୍ରାମାଞ୍ଚଳରେ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ ଜାରି ରହିଛି । ଉତ୍କଳ ଆଲୁମିନା ସିଏସ୍‌ଆର୍ ବିଭାଗ ତରଫରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ରାଉଲିଘାଟି ଗାଁରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଫଳରେ ଗ୍ରାମବାସୀଙ୍କ ଜୀବନଶୈଳୀରେ ସକାରାତ୍ମକ ଉନ୍ନତି ପରିଲକ୍ଷିତ ହୋଇଛି। ଦୀର୍ଘଦିନ ହେଲା ଉକ୍ତ ଗାଁରେ ରାସ୍ତା ନ ଥିବାରୁ ଗ୍ରାମବାସୀ ଦୈନିକ ପାହାଡ଼ ଜଙ୍ଗଲ ଦେଇ ପାଦଚଲା ରାସ୍ତାରେ ଯାତାୟାତ କରୁଥିଲେ । ଗାଁକୁ ରାସ୍ତା ସଂଯୋଗ ନ ଥିବାରୁ ରୋଗୀଙ୍କୁ ଚିକିତ୍ସାଳୟକୁ ନେବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଥିଲେ। ଉତ୍କଳ ଆଲୁମିନା ଖଣି ସିଏସ୍‌ଆର ତରଫରୁ ମୁଖ୍ୟ ରାସ୍ତାରୁ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ଗ୍ରାମକୁ ୨.୫ କି.ମି. ରାସ୍ତା ନିର୍ମାଣ କରାଯାଇଛି। ସେହିପରି ରାଉଲିଘାଟି ଗ୍ରାମରୁ ପଡୋଶୀ ଗାଁ ବରଜାଖାଲକୁ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ଲାଗିଥିଲା। ସିଏସ୍‌ଆର ପାଣ୍ଠିରୁ ୧.୭ କି.ମି. ରାସ୍ତା ଗାଁରୁ ସିଧାସଳଖ ସ୍ଥାନୀୟ ବରଜାଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରିଛି। ଗାଁର ୧୨ ଜଣ ଶିକ୍ଷାର୍ଥୀ ଦୈନିକ ସେହି ରାସ୍ତାରେ ସ୍କୁଲକୁ ଯାତାୟାତ କରିପାରୁଛନ୍ତି । ହିଣ୍ଡାଲ୍କୋ ଖଣି ବ୍ୟବସାୟ ମୁଖ୍ୟ କୈଳାଶ ପାଣ୍ଡେ କହିଛନ୍ତି, ଗ୍ରାମବାସୀ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟାରେ ସମ୍ମୁଖୀନ ହେଉଥିଲେ। ବିଭିନ୍ନ ସମୟରେ ଗ୍ରାମବାସୀ ଝରଣା ପାଣିକୁ ବ୍ୟବହାର କରି ବିଭିନ୍ନ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିଲେ। ଉତ୍କଳ ଆଲୁମିନା ସିଏସ୍‌ଆର ତରଫରୁ ଲୋକଙ୍କୁ ସୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗାଁରେ ଝରଣା ପାଣି ବିଶୋଧାନ ଲାଗି ଯାନ୍ତ୍ରିକ ଉପକରଣ ସ୍ଥାପନ କରାଯାଇଛି । ଫଳରେ ଲୋକଙ୍କ ଘର ନିକଟକୁ ସିଧାସଳଖ ପାଇପ୍ ଯୋଗେ ଟ୍ୟାପ ଦ୍ୱାରା ପାନୀୟ ଜଳ ସଂଯୋଗ କରାଯାଇଛି । ସେହିପରି ବର୍ଷାଦିନେ ପାଣି ଜମିରହି ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାବେଳେ ଏବେ ଡ୍ରେନ ନିର୍ମାଣ କରାଯାଇଛି । ଫଳରେ ବର୍ଷାଜଳ ନିଷ୍କାସିତ ହେବା ସହ ଗାଁରେ ସ୍ୱଚ୍ଛତା ବୃଦ୍ଧି ହୋଇଛି। ଆଗାମୀ ଦିନରେ ଅନୁରୂପ ଭାବେ ଗାଁର ପରିପାର୍ଶ୍ୱିକ ଉନ୍ନତି ସକାଶେ ଉତ୍କଳ ଅଲିମିନା ସକ୍ରିୟ ଭୂମିକା ନିର୍ବାହ କରୁଛି ବୋଲି ପାଣ୍ଡେ ମତବ୍ୟକ୍ତ କରିଛନ୍ତି । ଏ ନେଇ ରାଉଲିଘାଟି ଗ୍ରାମ ମୁଖ୍ୟ ମାଳିଆ ମାଝୀ କହିଛନ୍ତି, ଉତ୍କଳ ଆଲୁମିନା ସିଏସଆର ବିଭାଗ ଗ୍ରାମବାସୀଙ୍କ ଦୀର୍ଘଦିନର ଦୁଃଖ ଦୂର କରିଛି। ରାସ୍ତା, କଲଭର୍ଟ ନିର୍ମାଣ ଓ ପାନୀୟ ଜଳ ସମସ୍ୟା ଦୂରୀକରଣ ସଂକ୍ରାନ୍ତରେ ପଦକ୍ଷେପ ନେଇଥିବାରୁ ଗ୍ରାମରେ ସକାରାତ୍ମକ ପରିବର୍ତ୍ତନ ହୋଇଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୧ ବର୍ଷରେ ୨.୬୮ ଲକ୍ଷ କୋଟି ଜମା

**ଭୁବନେଶ୍ୱର,୨୮।୮**

କ୍ରମାଗତ ଭାବେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍ ଜେଡିୱାଇ)ର ଖାତା ସଂଖ୍ୟା ଏବଂ ଜମା ରାଶିରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଉଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୪ ଅଗଷ୍ଟ ୨୮ରେ ଆରମ୍ଭ ହୋଇଥିବା ଏହି ଯୋଜନାକୁ ନିକଟରେ ୧୧ବର୍ଷ ପୂର୍ତ୍ତି ହୋଇଛି। ଏହି ୧୧ ବର୍ଷ ମଧ୍ୟରେ ମୋଟ ୨.୬୮ ଲକ୍ଷ କୋଟି ଟଙ୍କା ଜମା ହୋଇଛି। ଏପରିକି ଏହି ଯୋଜନା ଅଧୀନରେ ୫୬ କୋଟିରୁ ଅଧିକ ଜନଧନ ଖାତା ଖୋଲାଯାଇଛି ଏବଂ ୩୮ କୋଟିରୁ ଅଧିକ ମାଗଣା ରୁପେ କାର୍ଡ ହିତାଧିକାରୀଙ୍କୁ ଜାରି କରାଯାଇଛି।

ସେହିଭଳି ଏହି ଯୋଜନା ଭାରତର ଆର୍ଥିକ ଦୃଶ୍ୟପଟରେ ଏକ ଯୁଗାନ୍ତକାରୀ ପ୍ରଭାବର ୧୧ ବର୍ଷ ପୂରଣ କରୁଛି। ବିଶ୍ୱର ସର୍ବବୃହତ୍ ଆର୍ଥିକ ଅନ୍ତର୍ଭୁକ୍ତୀକରଣ

### ୫୬ କୋଟିରୁ ଅଧିକ ଜନଧନ ଖାତା

ପଦକ୍ଷେପ ଭାବେ ପିଏମ୍ ଜେଡିୱାଇ ବହୁ ଲକ୍ଷ ବଞ୍ଚିତ ନାଗରିକଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧାକୁ ପୁନଃ ପରିଭାଷିତ କରିଚାଲିଛି। ଏ ନେଇ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଏହା ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଅଭିବୃଦ୍ଧି ଏବଂ ବିକାଶର ଏକ ପ୍ରମୁଖ ବାହକ ସାଜିଥିଲାବେଳେ ବ୍ୟାଙ୍କ ଖାତାଗୁଡ଼ିକର ସାର୍ବଜନୀନ ଉପଲବ୍ଧତା ଗରିବ ଏବଂ ବଞ୍ଚିତ ଲୋକମାନଙ୍କୁ ଆନୁଷ୍ଠାନିକ ଅର୍ଥବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଭାବେ ସାମିଲ ହେବାକୁ ଏବଂ ଏହାର ସୁଯୋଗରୁ ଲାଭ ପାଇବାକୁ ସକ୍ଷମ କରିଥାଏ।

ଅପରପକ୍ଷରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର




(ଡିବିଟି) ବ୍ୟବହାରକରି ବିଭିନ୍ନ ଯୋଜନା ଅଧୀନରେ ସହାୟତା ପ୍ରଦାନ କରିବା ସହ ଋଣ ସୁବିଧା ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା ଏବଂ ସଞ୍ଚୟ ଓ ନିବେଶ ବୃଦ୍ଧି କରିବା ପାଇଁ ପିଏମ୍ ଜେଡିୱାଇ ଏକ ପ୍ରମୁଖ ମାର୍ଗ ହୋଇଆସିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି। ବିଗତ ୧୧ ବର୍ଷ ମଧ୍ୟରେ ୫୬କୋଟିରୁ ଅଧିକ ଜନଧନ ଖାତା ଖୋଲାଯାଇଛି, ଯେଉଁଥିରେ ମୋଟ ୨.୬୮ଲକ୍ଷ କୋଟି ଟଙ୍କା ଜମା ହୋଇଛି। ଡିଜିଟାଲ କାରବାରକୁ ସହଜ କରିବା ଲାଗି ୩୮ କୋଟିରୁ ଅଧିକ ମାଗଣା ରୁପେ କାର୍ଡ ଜାରି କରାଯାଇଛି ବୋଲି ସୀତାରାମନ କହିଛନ୍ତି। ସେହିପରି ପିଏମ୍ ଜେଡିୱାଇ ଅଧୀନରେ ୬୭% ଖାତା ଗ୍ରାମୀଣ କିମ୍ବା ଅର୍ଦ୍ଧ-ସହରାଞ୍ଚଳରେ ଖୋଲାଯାଇଛି ଏବଂ ୫୬% ଖାତା ମହିଳାମାନଙ୍କ ନାମରେ ରହିଛି। ଦେଶର ଉପାନ୍ତ ଅଞ୍ଚଳରେ ରହୁଥିବା ଅବହେଳିତ ବ୍ୟକ୍ତିମାନଙ୍କୁ କିପରି ଆନୁଷ୍ଠାନିକ ଆର୍ଥିକ କ୍ଷେତ୍ର ମଧ୍ୟକୁ ଅଣାଯାଇଛି ତାହା ଏଥିରୁ ପ୍ରମାଣିତ ହୋଇଛି ବୋଲି ଅର୍ଥମନ୍ତ୍ରୀ ସୀତାରାମନ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏ ନେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ପିଏମ୍ ଜେଡିୱାଇ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ସବୁଠାରୁ ସଫଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ମଧ୍ୟରୁ ଅନ୍ୟତମ ହୋଇଥିଲାବେଳେ ଜନଧନ ଯୋଜନା ସମ୍ମାନ, ସଶକ୍ତୀକରଣ ଏବଂ ସୁଯୋଗ ଉପରେ ଆଧାରିତ ରହିଛି। ପ୍ରତ୍ୟେକ ପରିବାରର ଗୋଟିଏ ବ୍ୟାଙ୍କ ଖାତା ରହିବା ଉଚିତ ଏବଂ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କର ବୀମା ଓ ପେନ୍‌ସନ କଭରେଜ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ୨୦୨୧ ସ୍ୱାଧୀନତା ଦିବସ ଅଭିଭାଷଣରେ ଘୋଷଣା କରିଥିଲେ। ଦେଶବ୍ୟାପୀ ବିଭିନ୍ନ ସମ୍ପୂର୍ଣ୍ଣତା ଅଭିଯାନ ମାଧ୍ୟମରେ ଏ ଦିଗରେ ନିରନ୍ତର ପ୍ରୟାସ ସହ ଆମେ ବ୍ୟାଙ୍କ ଖାତା ଖୋଲିବାରେ ପ୍ରାୟତଃ ପୂର୍ଣ୍ଣତା ହାସଲ କରିପାରିଛୁ ଏବଂ ସାରା ଦେଶରେ ବୀମା ଓ ପେନସନ ସୁବିଧାରେ ନିରନ୍ତର ବୃଦ୍ଧି ଘଟିଛି। ଆମେ ଏକ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ କରିଛୁ। ଯେଉଁଠାରେ ଦେଶର ପ୍ରତ୍ୟେକ ୨.୭ଲକ୍ଷ ପଞ୍ଚାୟତରେ ଅତି କମରେ ଗୋଟିଏ ଶିବିର ଅନୁଷ୍ଠିତ ହେବ।

# ‘ଅନ୍‌ଲାଇନ ଜେନେରେଟିଭ୍ ଏଆଇ ହ୍ୟାକାଥନ୍’

**ଭୁବନେଶ୍ୱର,୨୮।୮**

ଦେଶର ପ୍ରମୁଖ ଆଇଟି କମ୍ପାନୀ ‘କଗ୍ନିଜାଣ୍ଟ’କୁ ନିକଟରେ ଆଉ ଏକ ସଫଳତା ଓ ମାନ୍ୟତା ମିଳିଛି। ଏପରିକି କମ୍ପାନୀ ବିଶ୍ୱର ସର୍ବବୃହତ୍ ଅନ୍‌ଲାଇନ ଜେନେରେଟିଭ୍ ଏଆଇ ହ୍ୟାକ୍‌ଥନ୍ ଆୟୋଜନକରି କଗ୍ନିଜାଣ୍ଟ ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ରେକର୍ଡ ସୃଷ୍ଟିକାରୀ ‘ଭାଇବ୍‌କୋଡିଂ’ କାର୍ଯ୍ୟକ୍ରମରେ ୪୦ ଦେଶର ୫୩,୧୯୯ ସହଯୋଗୀ ଅଂଶଗ୍ରହଣ କରିଥିଲାବେଳେ ୧୦ଦିନର ଅବଧିରେ ୩୦,୬୦୧ଟି କାର୍ଯ୍ୟକ୍ଷମ ଏଆଇ ପ୍ରୋଟୋଟାଇପ ସୃଷ୍ଟି କରିଥିଲେ। ଅପରପକ୍ଷରେ ନବୀନତାକୁ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ଏବଂ ଏଆଇ ଦକ୍ଷତାକୁ ତ୍ୱରାନ୍ୱିତ କରିବା ପାଇଁ ପରିକଳ୍ପିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟବସାୟିକ ବିଭାଗ ମାନବ ସମ୍ବଳ, ସେଲ୍ସ, ଇଞ୍ଜିନିୟରିଂ, ଫାଇନାନ୍ସ, ଆଇନ, ମାର୍କେଟିଂ ଏବଂ ଡେଲିଭରିର କର୍ମଚାରୀଙ୍କୁ ବାସ୍ତବ ବ୍ୟବହାରରେ ଜେନେରେଟିଭ୍ ଏଆଇ ଟୁଲ୍‌ଗୁଡ଼ିକ ସହ ପରୀକ୍ଷା ନିରୀକ୍ଷା କରିବାକୁ ଆମନ୍ତ୍ରଣ ଦିଆଯାଇଥିଲା।




ଏପରିକି ଦାଖଲ କରାଯାଇଥିବା ନବୀନତା ମଧ୍ୟରେ ଏକ ଏଚ୍‌ଆର୍ ୱେଲ୍‌ନେସ୍ କମ୍ପାନିଅନ୍ ଆପ୍ ଏବଂ ଏକ ମାର୍କେଟିଂ କମ୍ପ୍ଲାୟାନ୍ସ ଚେକର୍ ଭଳି ଆବିଷ୍କାର ଅନ୍ତର୍ଭୁକ୍ତ ଥିଲା। ସେହିଭଳି ଏହି ଉଦ୍ୟମ କେବଳ ଏକ ବିଶ୍ୱ ରେକର୍ଡ ସ୍ଥାପନ ବିଷୟ ନୁହେଁ; ଏହା ଏଆଇ ଅର୍ଥନୀତି ପାଇଁ ଗତି ସ୍ଥିର କରିବା ବିଷୟ ବୋଲି କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍. କହିଛନ୍ତି। ଭାଇବ୍ କୋଡିଂ ଏବଂ ଆମର ଗ୍ଲୋବାଲ୍ ଭାଇବ୍ କୋଡିଂ କମ୍ୟୁନିଟି ମାଧ୍ୟମରେ ଆମେ ବୃହତ୍ ପରିମାଣରେ ସୃଜନଶୀଳତାକୁ ମୁକ୍ତକରୁଛୁ ଏବଂ ଲୋକଙ୍କୁ ସମ୍ଭବ ଜିନିଷକୁ ପୁନକଳ୍ପନା କରିବାକୁ ସଶକ୍ତ କରୁଛୁ ବୋଲି ସେ କହିଛନ୍ତି।

ଏହି ଉଦ୍ୟମକୁ ଭବିଷ୍ୟତର ସଫ୍ଟୱେର ବିକାଶର ଏକ ଝଲକ ବୋଲି ପ୍ରଯୁକ୍ତି ଅଂଶୀଦାରମାନେ ପ୍ରଶଂସା କରିଛନ୍ତି।

# ରିଆସ୍ୟୁର ୩.୦ର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୮**

ଦେଶର ପ୍ରମୁଖ ବୀମା କମ୍ପାନୀ ତଥା ନିଭା ବୁପା ହେଲଥ ଇନସ୍ୟୁରାନ୍ସର ସଦ୍ୟତମ ଫ୍ଲାଗସିପ୍ ଉତ୍ପାଦ ‘ରିଆସ୍ୟୁର ୩.୦’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ନିଭା ବୁପାର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଡ. ଭବତୋଷ ମିଶ୍ର କହିଛନ୍ତି, ଆମେ ସର୍ବଦା ସୀମାକୁ ଚ୍ୟାଲେଞ୍ଜ କରିବା ଏବଂ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଗ୍ରାହକ-ପ୍ରଥମ ନବସୃଜନ ଆଣିବା ପାଇଁ ପ୍ରୟାସ କରିଆସିଛୁ। ପୁନଃ ଭରସା ୩.୦ ସହିତ ଆମେ ବୀମାକୃତ ରାଶି ଉପରେ ବୃହାନ୍ତ ସମାଧାନ ପ୍ରଦାନ କରି ରହିଆଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# କେନ୍‌ଷ୍ଟାରର ନୂତନ ଏୟାରକୁଲର ରେଞ୍ଜ

**ଭୁବନେଶ୍ୱର,୨୮।୮ (ଅଭୟ ଦାଶ)**

କେନ୍‌ଷ୍ଟାରର ବହୁ ପ୍ରତୀକ୍ଷିତ ତଥା ନୂତନ ଏୟାର କୁଲର ରେଞ୍ଜର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ହରିୟାଣାର ଗୁରୁଗ୍ରାମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଇଣ୍ଡିଆଜ ଫାଷ୍ଟ ଏନର୍ଜି ଏଫିସିଏଣ୍ଟ ୫-ଷ୍ଟାର ରେଟେଡ୍ ଏୟାର କୁଲର ରେଞ୍ଜର ଶୁଭାରମ୍ଭ ସହ ଏକ ୫ ବର୍ଷିଆ ୱାରେଣ୍ଟି ସମ୍ପର୍କରେ ଘୋଷଣା କରିଛି।

ଏୟାର କୁଲରର ଏହି ନୂତନ ସମ୍ଭାର ଶକ୍ତି-ସଞ୍ଚୟକାରିତାକୁ ଏକାଠି କରିବା ସହ ଆଧୁନିକତମ-ଜ୍ଞାନକୌଶଳ ତଥା ବିଦ୍ୟୁତ୍ ବିଲ୍‌ରେ ସଞ୍ଚୟ କରିବା ସହ ଏହା ମଧ୍ୟ ଉନ୍ନତମାନର ଶୀତଳୀକରଣ ଦକ୍ଷତାକୁ ସୁନିଶ୍ଚିତ କରିଥାଏ। ୫ଟି ଶକ୍ତି (ପାୱାର ଅଫ୍ ୫) ସହ ମିଶି ଏହି କୁଲର, ବିଏଲ୍‌ଡିସି ମାକ୍ସ ଟେକ୍ନୋଲୋଜି ସହ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଶକ୍ତିଶାଳୀ ବାୟୁ ପ୍ରଦାନକାରିତା ପାଇଁ ଏଥିରେ କ୍ୱାଡର ଫ୍ଲୋ ଟେକ୍ନୋଲୋଜି ସାମିଲ ରହିଛି।

ଏ ସମ୍ପର୍କରେ କେନ୍‌ଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ସମ୍ଭାରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ନୂତନ ଭାବେ ଉପସ୍ଥାପିତ ବିଇଇ ୫-ଷ୍ଟାର ରେଟେଡ୍ କେନ୍‌ଷ୍ଟାର କୁଲରସ ରେଞ୍ଜ ଆମର ଭାରତ ସରକାରଙ୍କ ସବୁଜ ଏବଂ ଆସନ୍ତାକାଲିର ଶକ୍ତି-ସଞ୍ଚୟ ପାଇଁ ରହିଥିବା ଦୂରଦୃଷ୍ଟିତାକୁ ପ୍ରମାଣ କରୁଛି। ଏପରିକି ଆମର ସହ୍ୟକାରିତା ଏବଂ ପ୍ରତିଧ୍ୱନିତ ପାଇଁ ରହିଥିବା ବଚନବଦ୍ଧତାର ଦୃଢ଼ତା ପାଇଁ ଏହା ଯଥାର୍ଥରେ ଏକ ପ୍ରମାଣପତ୍ର ବୋଲି କୁହାଯାଉଛି। ସେହିଭଳି କେନ୍‌ଷ୍ଟାରର ଜାତୀୟ ବିକ୍ରି ମୁଖ୍ୟ (ନ୍ୟାଶନାଲ ସେଲ୍‌ସ୍ ହେଡ୍) ସନ୍ତୋଷ ଭାମ୍‌ରେ କହିଥିଲେ, ଆମେ ଆମର ନୂତନ ଉତ୍ପାଦ ତଥା ପ୍ରଥମ ୫-ଷ୍ଟାର ରେଟେଡ୍ ଏୟାର କୁଲର ସମ୍ଭାରକୁ ଉପସ୍ଥାପନକରି ବେଶ୍ ଆନନ୍ଦିତ ଅଛୁ। ଏପରିକି ଏଭଳି ଏକ ମାନ୍ୟତା ସହିତ ୫ବର୍ଷର ୱାରେଣ୍ଟି ପ୍ରକୃତରେ କେନ୍‌ଷ୍ଟାରର ବଚନବଦ୍ଧତାକୁ ଜ୍ଞାନକୌଶଳର ନବୀକରଣତା ଦିଗରେ ପ୍ରଦାନ କରୁଛି।



ଅନାବରଣ ଅବସରରେ କେନ୍‌ଷ୍ଟାରର ସିଇଓ ସୁନୀଲ ଜୈନ ଏବଂ ଜାତୀୟ ବିକ୍ରି ମୁଖ୍ୟ ସନ୍ତୋଷ ଭାମ୍‌ରେ ଉପସ୍ଥିତ ଅଛନ୍ତି।

# ଟେକ୍ନୋଲୋଜି ଜରିଆରେ ଦକ୍ଷତା ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୨୮।୮**

ଏଚ୍‌ସିଏଲ୍‌ଟେକ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଫ୍ଲାଗ୍‌ଶିପ ପ୍ରୋଗ୍ରାମ ‘ଟେକ୍‌ବି’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଭୁବନେଶ୍ୱରରେ ଗ୍ରାଜୁଏଟମାନଙ୍କୁ ଏହାର ଟେକ୍‌ବି ର୍ଲି କ୍ୟାରିୟର ପ୍ରୋଗ୍ରାମ ପ୍ରଦାନ କରିବା ଏବଂ ଟେକ୍ନୋଲୋଜି ଶିଳ୍ପରେ କ୍ୟାରିୟର କରିବା ପାଇଁ କମ୍ପାନୀ ଆଶାୟୀମାନଙ୍କୁ ସୁଯୋଗ ଦେବାକୁ ଯୋଜନା ରଖିଛି। ଟେକ୍‌ବି ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଯାହାକୁ ହାଇସ୍କୁଲ ଗ୍ରାଜୁଏଟଙ୍କ ପାଇଁ ଡିଜାଇନ କରାଯାଇଛି। ଏଚ୍‌ସିଏଲ୍‌ଟେକ୍‌ର ବରିଷ୍ଠ ଉପାଧ୍ୟକ୍ଷ ସୁବାରମଣ ବି କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ଟେକ୍ନୋଲୋଜି ଜରିଆରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ସାଙ୍ଗକୁ ନିଯୁକ୍ତି ସୁଯୋଗ ଭଳି ସୁବିଧା ଶିକ୍ଷା ମାଧ୍ୟମରେ ପ୍ରଦାନ କରୁଛୁ। ଏପରିକି ଟେକ୍‌ବି ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମଠାରୁ ଅଧିକ ହୋଇଥିଲାବେଳେ ଏହା ଟେକ୍ନୋଲୋଜି କ୍ଷେତ୍ରରେ ସାର୍ଥକ କ୍ୟାରିୟର ଗଠନ କରିବା ପାଇଁ ଉଚ୍ଚାଭିଳାଷୀ ଯୁବପିଢ଼ିଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ବୋଲି କୁହାଯାଉଛି।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

One bounded commercial plot touching to NH (Nakhara to NIALI) 10KM from Nakhara 6500 sft@ 2500/ sft, 3sides road. 7809525452. D-76484

Resort/ Cottage at Puri @14.90Lakhs, Lunching offer@ 9.90 Lakhs(Only on 31st August), Contact- 8917622925. D-1780

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781



FOR RENT

Ashok Leyland mini truck with tiptop condition and all India/ Odisha permit available for rent purpose . Contact- 9668814120. D-1778

Two bedroom apartment for small family at Bomikhal, Bhubaneswar with two wheeler garage : 9238574993. D-1787

5-Story Building for Rent Approx 10,000sqft./- Palasuni, Bhubaneswar Spacious 1BHK & 2BHK units available. Ideal Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 7205010464. D-1762



Healthcare

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Full body massage experience, good looking therapist @999 (bhubaneswar) 8658088274. D-1791

## LOST

I, Trupti Ranjan Nayak has lost all 10th & 12th original Certificates of my daughter Priyanshi Nayak on 16th Aug. at Tankapani Road, Bhubaneswar, if any one found please call 9178049690. D-1786

Our client states that Kailash Chandra Agrawal, son of Balmukund Agrawal is the absolute owner of the property being Mouza- Boringpadar, P.S.- Kesinga, Dist.- Kalahandi, Odisha, Sale deed vide doc No.- 2832 of 2008 in Favour of Kailash Chandra Agrawal. Area- 0.43 decimals, he having purchased the same from Milap Chandra Jain, by a Sale Deed dated 15.10. 2008 registered as 2832 at the office of Bhawanipatna. The original of the said document being Original Regd. Sale deed vide doc No.- 2832 of 2008 in Favour of Kailash Chandra Agrawal registered at Bhawanipatna & Original ROR Khaitan Patta No.- 356/610 in Favour of Kailash Chandra Agrawal, were lost by our client (Axis Bank Ltd), while in their custody. The said property is in possession of Kailash Chandra Agrawal and is absolutely free from any encumbrance whatsoever. If any person has any claim or interest over the said property, he/she is requested to forward their claims along with the relevant documents to us within 15 days of this public notice. If we do not receive any claim from any person within 15 days, it will be strictly presumed that this property is absolutely free from any claim or encumbrance, and no one has any claim over this property. Adv. Surya Narayan Mohapatra, Deheripali, Budharaja, Sambalpur, PIN Code- 768004, Mob- 9437175734. D-76934

## AFFIDAVIT

By virtue of an affidavit no-4849 sworn before The EXECUTIVE MAGISTRATE, Baripada dated- 08/08/2025 I,Janata Manjari Patra , At- Tikpada, P.O.- Mahulia,P.S.- Rasgobindpur , Dist.- Mayurbhanj declare that I have changed my minor son's name from Rahit Kumar Singh (Old Name) to Rohit Singh (New Name). Henceforth, he will be known as Rohit Singh for all purposes. D-1788

I, Bibhudhananda Tripathy, S/o- Netra Nanda Tripathy, resident of C/619, Koelnagar, P.O.- Rourkela, Dist.- Sundargarh- 769014 Odisha, declare by this affidavit No.- 9178, dated- 28.08.2025, that now onwards I shall be known as Bibudhananda Tripathy for all future purposes. D-1789

By virtue of an affidavit sworn before Executive Magistrate, Cuttack vide No.- 4577, dtd- 15.10.2024, I Annapurna Padhi, W/o.- Pratap Chandra Tripathy, At- Andilo, P.O./P.S.- Balianta, Dist.- Khurda, declared as my actual name is Annapurna Padhi as per the my Aadhaar Card. But in the Birth & Educational Certificate of my son namely Chiranjeeb Tripathy my surname was wrongly mentioned as "Tripathy" instead of "Padhi". Henceforth I shall be known as Annapurna Padhi in the Birth & Educational Certificate of my son namely Chiranjeeb Tripathy for all purposes. D-1790

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସନ୍ଧ୍ୟାରାଣୀ ଘଡ଼ାଇ**
(21.08.1952 - 19.08.2025)
ମା' ଚାହୁଁ ଚାହୁଁ ଏଗାର ଦିନ ହେଇଗଲା। ତୁମର ସେ ହସ ହସ ମୁହଁ ସବୁବେଳେ ମନେ ପଡୁଛି। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୭୮୪

**ପ୍ରଥମ ଶ୍ରାଦ୍ଧବାର୍ଷିକି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ ରବିନ୍ଦ୍ର କୁମାର ମହାପାତ୍ର**
ଭୁବନେଶ୍ୱର
ଆବିର୍ଭାବ : ୨୭.୦୯.୧୯୪୮
ତିରୋଧାନ : ୨୯.୦୮.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି : ବନ୍ଧୁ ଏବଂ ଆତ୍ମୀୟସ୍ୱଜନ
ଧ-୧୭୮୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି"



**✓ ସୁନୀତି ସାମଲ**
ଆଇ ଆର୍ ସି ଭିଲେଜ, ଭୁବନେଶ୍ୱର
ଆବିର୍ଭାବ : ୦୧.୦୭.୧୯୪୧
ତିରୋଧାନ : ୧୯.୦୮.୨୦୨୫
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ଅମାୟୀକ ବ୍ୟକ୍ତିତ୍ୱ ଏବଂ ଆଶୀର୍ବାଦ ଆମମାନଙ୍କ ପାଇଁ ଚିର ପ୍ରେରଣାଦାୟୀ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ- ୧୭୮୩

**୧୨ତମ ଶ୍ରାଦ୍ଧବାର୍ଷିକୀ**



**✓ସନ୍ଧ୍ୟାରାଣୀ ସେଠୀ**
ମାର୍କଣ୍ଡେଶ୍ୱର ସାହି, ମଙ୍ଗଳାଘାଟ ପୁରୀ ଟାଉନ୍
ଆବିର୍ଭାବ: ୨୦।୦୨।୬୪
ତିରୋଧାନ: ୧୧।୦୯।୨୦୧୩
ଚାହୁଁ ଚାହୁଁ ୧୨ବର୍ଷ ବିତିଗଲା । ତୁମର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇଛି। ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୧୭୬୯


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



**୨୦୩୬ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ହେବା ପାଇଁ ୨୦୨୪ ଅକ୍ଟୋବର ୧ରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ (ଆଇଓସି) ନିକଟରେ 'ବିଡ୍' ଦାଖଲ କରିଛି। ଗୁଜରାଟର ଅହମ୍ମଦାବାଦ ହୋଷ୍ଟ ସିଟି ଭାବେ ମନୋନୀତ ହୋଇଥିବାବେଳେ ମୁମ୍ବାଇ, ଗୋଆ, ଭୋପାଳ, ପୁଣେ ଏପରି କି ଭୁବନେଶ୍ୱରକୁ ସହଆୟୋଜକ ସହର ଭାବେ ଚୟନ କରାଯିବାର ପ୍ରସ୍ତାବ ରହିଛି...**

# ୨୦୩୬ ଅଲିମ୍ପିକ୍ କ୍ରୀଡ଼ା ଓ ଭାରତ



ଅଶୋକ ମହାନ୍ତି

୨୦୩୬ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ହେବା ପାଇଁ ୨୦୨୪ ଅକ୍ଟୋବର ୧ରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ (ଆଇଓସି) ନିକଟରେ 'ବିଡ୍' ଦାଖଲ କରିଛି। ରିଲାଏନ୍ସ ଫାଉଣ୍ଡେଶନ ଅଧ୍ୟକ୍ଷା ନିତା ଅମ୍ବାନିଙ୍କ ପ୍ରଚେଷ୍ଟା ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସମର୍ଥନରେ ଗୁଜରାଟର ଅହମ୍ମଦାବାଦ ସହର ହୋଷ୍ଟ ସିଟି ଭାବେ ମନୋନୀତ ହୋଇଥିବାବେଳେ ଅନ୍ୟାନ୍ୟ ସହର ଯଥା ମୁମ୍ବାଇ, ଗୋଆ, ଭୋପାଳ, ପୁଣେ ଏପରିକି ଭୁବନେଶ୍ୱରକୁ ମଧ୍ୟ ସହ ଆୟୋଜକ ସହର ଭାବେ ଚୟନ କରିବାର ପ୍ରସ୍ତାବ ରହିଛି।

| କ୍ରୀଡ଼ା ଇଭେଣ୍ଟ | ବିଶ୍ୱ ମାନ୍ୟତାରେ ଭାରତ/ ଅନୁବନ୍ଧିତ ଦେଶ ସଂଖ୍ୟା |
|---|---|
| ଫୁଟ୍‌ବଲ (ପୁରୁଷ) | ୧୨୭/୨୧୦ |
| ଫୁଟ୍‌ବଲ (ମହିଳା) | ୬୦/୧୮୯ |
| ଭଲିବଲ (ପୁରୁଷ) | ୫୨/୭୬ |
| ଭଲିବଲ (ମହିଳା) | ୫୬/୬୯ |
| ବାସ୍କେଟବଲ (ପୁରୁଷ) | ୭୬/୧୬୦ |
| ବାସ୍କେଟବଲ (ମହିଳା) | ୭୯/୧୬୦ |
| ହକି(ପୁରୁଷ) | ୭/୯୬ |
| ହକି(ମହିଳା) | ୯/୮୦ |
| ବ୍ୟାଡ୍‌ମିଣ୍ଟନ (ପୁରୁଷ) | ୫/୧୨୬ |
| ଟେନିସ (ପୁରୁଷ) | ୩୬/୧୫୯ |
| ଟେନିସ(ମହିଳା) | ୨୯/୧୪୨ |

ବିଶ୍ୱର ଏହି ସର୍ବୋଚ୍ଚ ବହୁ ଶୃଙ୍ଖଳା ବିଶିଷ୍ଟ କ୍ରୀଡ଼ା ସମାରୋହ ବ୍ୟୟବହୁଳ କାର୍ଯ୍ୟକ୍ରମ ଭାବେ ପରିଚିତ। ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରାୟ ୬୪ ହଜାର କୋଟି ଟଙ୍କାର ଆନୁମାନିକ ଖର୍ଚ୍ଚ ଆକଳନ କରାଯାଇଛି। ଯେଉଁଥିରେ କି ୩୦ ପ୍ରତିଶତ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତୀକରଣ, ୬୦ ପ୍ରତିଶତ ନୂତନ ଭିତ୍ତିଭୂମି ପ୍ରସ୍ତୁତି ଏବଂ ୧୦ ପ୍ରତିଶତ ଅସ୍ଥାୟୀ ନିର୍ମାଣର ପ୍ରସ୍ତାବ ରହିଛି।

ପ୍ରତି ଚାରିବର୍ଷରେ ହେଉଥିବା ଏହି ମର୍ଯ୍ୟାଦାଜନକ କ୍ରୀଡ଼ା ସମାରୋହର ସଫଳ ଆୟୋଜନ ଆୟୋଜକ ରାଷ୍ଟ୍ରର ସମ୍ମାନ ସହିତ ଜଡ଼ିତ ଥିବାରୁ ରାଷ୍ଟ୍ରଗୁଡ଼ିକ ପର୍ଯ୍ୟାପ୍ତ ଆର୍ଥିକ ଓ ମାନବ ସମ୍ବଳ ନିୟୋଜିତ କରିଥାନ୍ତି। ଏକାଧିକ ରାଷ୍ଟ୍ର ଏପରି ବ୍ୟୟବହୁଳ କ୍ରୀଡ଼ା କାର୍ଯ୍ୟକ୍ରମରେ କଳ୍ପନାତୀତ ଅର୍ଥ ବିନିଯୋଗ ଦ୍ୱାରା ଦେଶର ଅର୍ଥନୀତି ଉପରେ ପଡୁଥିବା ଅତିରିକ୍ତ ବୋଝକୁ ପୁନରୁଦ୍ଧାର କରିବା ପାଇଁ ଅନେକ ବର୍ଷ ନେଇଥାନ୍ତି। ଏହା ସତ୍ତ୍ୱେ ଏହି ସମ୍ମାନଜନକ କ୍ରୀଡ଼ା ସମାରୋହ ଆୟୋଜନ କରିବା ପାଇଁ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରବଳ ଆଗ୍ରହ ଏବଂ ପ୍ରତିଯୋଗିତା ପରିଲକ୍ଷିତ ହୋଇଥାଏ।

ଦ୍ରୁତଗତିରେ ବୃଦ୍ଧି ପାଉଥିବା ଭାରତୀୟ ଅର୍ଥନୀତି ଏପରି ଏକ ସମ୍ମାନଜନକ କ୍ରୀଡ଼ା ସମାରୋହ ଆୟୋଜନ କରିବା ପାଇଁ ନିଶ୍ଚିତ ଭାବେ ସକ୍ଷମ ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଏଠାରେ ଯେଉଁ ପ୍ରଶ୍ନଟି ମନକୁ ଆନ୍ଦୋଳିତ କରୁଛି ତାହା ହେଲା ଆୟୋଜକ ଦେଶ ଭାବେ ଆମ ଦେଶର କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନ ବିଶ୍ୱସ୍ତରୀୟ ହୋଇ ସେମାନେ ପଦକ ତାଲିକାରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିବେ କି? ୨୦୩୬ ଅଲିମ୍ପିକ୍ ପାଇଁ ଭାରତ 'ବିଡ୍' ଦାଖଲ କଲା ପରେ ବିଭିନ୍ନ ଫୋରମ୍‌ରେ ଆମ ଦେଶର କ୍ରୀଡ଼ାମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଭାରତ ଆୟୋଜକ ଦେଶ ଭାବେ ୨୦୩୬ ଅଲିମ୍ପିକ୍‌ରେ ପ୍ରଥମ ୧୦ ନଂ. ସ୍ଥାନରେ ରହିବା ପାଇଁ ଉଦ୍ୟମ କରିବ। ଏପରି ଭବିଷ୍ୟବାଣୀ ନିଶ୍ଚିତ ଭାବେ ଅତ୍ୟନ୍ତ ଉତ୍ସାହ ପ୍ରଦାନକାରୀ ମନେହୁଏ।

ଗତ କିଛି ବର୍ଷ ଧରି କେନ୍ଦ୍ର ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିଛନ୍ତି। ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥାମାନଙ୍କର ସହଭାଗିତାର ଏକାଧିକ 'ଉଚ୍ଚ ଗୁଣବତ୍ତା କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର' ପ୍ରତିଷ୍ଠା, ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମିର ସଂରଚନା, 'ଖେଲୋ ଇଣ୍ଡିଆ ଗେମ୍ସ' କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆୟୋଜନ, ଏଲିଟ୍ ଆଥ୍‌ଲେଟ୍ସମାନଙ୍କ ପାଇଁ ବିଦେଶରେ ଶ୍ରେଷ୍ଠ କୋଚ୍‌ମାନଙ୍କ ଦ୍ୱାରା ତାଲିମ ବ୍ୟବସ୍ଥା ପ୍ରଭୃତି ଆମ କ୍ରୀଡ଼ାବିତ୍‌ଙ୍କର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି।

୧୮୯୬ରୁ ଆରମ୍ଭ ହୋଇଥିବା ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ଇତିହାସକୁ ଅବଲୋକନ କଲେ ଜଣାଯାଏ ଭାରତର କ୍ରୀଡ଼ାବିତ୍‌ମାନେ ୨୦୨୪ ପ୍ୟାରିସ୍ କ୍ରୀଡ଼ା ପର୍ଯ୍ୟନ୍ତ ସମୁଦାୟ ୪୧ଟି ପଦକ (୧୦ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୨୧ କାଂସ୍ୟ) ଜିତିବାରେ ସକ୍ଷମ ହୋଇଛନ୍ତି (୧୦ଟି ସ୍ୱର୍ଣ୍ଣ ମଧ୍ୟରୁ ୮ଟି ଦଳଗତ କ୍ରୀଡ଼ା ହକି ଏବଂ ୨ଟି ବ୍ୟକ୍ତିଗତ କ୍ରୀଡ଼ା ଜାଭେଲିନ୍ ଥ୍ରୋ ଏବଂ ରାଇଫଲ୍ ସୁଟିଂ)। ଭାରତର ର୍‍ୟାଙ୍କ୍ ୬୦ତମ ସ୍ଥାନରେ ରହିଛି। ବିଗତ ୩୦ଟି ଅଲିମ୍ପିକ୍ସ ପଦକ ତାଲିକାରେ ୧୩ଥର ଆୟୋଜକ ଦେଶ ପ୍ରଥମ ସ୍ଥାନରେ ରହିଥିବାବେଳେ ୧୩ଥର ପ୍ରଥମ ୧୦ସ୍ଥାନ ଏବଂ ୪ଥର ପ୍ରଥମ ୧୫ ସ୍ଥାନରେ ରହିଛି। ଆମ ଦେଶ ଭାରତ ଏ ପର୍ଯ୍ୟନ୍ତ ୨୬ଟି ଅଲିମ୍ପିକ୍ କ୍ରୀଡ଼ାରେ ଭାଗନେଇ କେବଳ ଟୋକିଓ ୨୦୨୦/୨୧ କ୍ରୀଡ଼ାରେ ୪୮ତମ ସ୍ଥାନରେ ରହିଥିବାବେଳେ ଅନ୍ୟ ସମସ୍ତ କ୍ରୀଡ଼ାରେ ପ୍ରଥମ ୫୦ ସ୍ଥାନ ମଧ୍ୟରେ ରହିବାରେ ସକ୍ଷମ ହୋଇପାରି ନାହିଁ।

ଆୟୋଜକ ଦେଶଭାବେ ଆମ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ଅତ୍ୟନ୍ତ ଉଚ୍ଚକୋଟୀର ହେବା ଆବଶ୍ୟକ। ଯେପରି କି ପଦକ ତାଲିକାରେ ଅନ୍ତତଃ ପ୍ରଥମ ୨୦ ସ୍ଥାନରେ ରହିପାରିବେ, ନଚେତ୍ କ୍ରୀଡ଼ା ମାନଚିତ୍ରରେ ଆମେ ଉପଯୁକ୍ତ ସମ୍ମାନ ପାଇବାରୁ ବଞ୍ଚିତ ହେବା। ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ ଆଉ ମାତ୍ର ୧୧ ବର୍ଷର ପ୍ରସ୍ତୁତି ସମୟ ମଧ୍ୟରେ ଆମ କ୍ରୀଡ଼ାବିତ୍‌ମାନେ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବାରେ ସଫଳ ହୋଇ ପାରିବେକି ?

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ଲୋକପ୍ରିୟ ଅଲିମ୍ପିକ୍ କ୍ରୀଡ଼ା ଶୃଙ୍ଖଳାଗୁଡ଼ିକରେ ବର୍ତ୍ତମାନ ଆମ ଦେଶର ସ୍ଥାନ (ର୍‍ୟାଙ୍କ୍) ଉତ୍ସାହଜନକ ସ୍ଥିତିରେ ନାହିଁ। ସନ୍ତରଣ ଏବଂ ଜିମ୍ନାଷ୍ଟିକ୍ସ ଭଳି ଲୋକପ୍ରିୟ ଅଲିମ୍ପିକ୍ କ୍ରୀଡ଼ାରେ ଭାରତକୁ କୌଣସି ର୍‍ୟାଙ୍କ୍ ପ୍ରଦାନ କରାଯାଇନାହିଁ। ଅଲିମ୍ପିକ୍ କ୍ରୀଡ଼ାରେ ଯେଉଁ ୩ଟି କ୍ରୀଡ଼ା ଶୃଙ୍ଖଳାରେ ସର୍ବାଧିକ ପଦକ ଜିତିବାର ସୁଯୋଗ ଥାଏ ତନ୍ମଧ୍ୟରୁ ଆଥ୍‌ଲେଟିକ୍ସରେ ୪୮, ସନ୍ତରଣରେ ୩୭ ଏବଂ ଜିମ୍ନାଷ୍ଟିକ୍ସରେ ୧୪ ସ୍ୱର୍ଣ୍ଣ ପଦକ ଅନ୍ତର୍ଭୁକ୍ତ। ୧୨୮ ବର୍ଷର ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ଜଣେ ମାତ୍ର ଭାରତୀୟ ଆଥ୍‌ଲେଟ ନୀରଜ ଚୋପ୍ରା ଟୋକିଓ ୨୦୨୦ ଏବଂ ପ୍ୟାରିସ ୨୦୨୪ରେ ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନିଆରା ରେକର୍ଡ ପ୍ରତିଷ୍ଠାକରି ଦେଶପାଇଁ ଗୌରବ ଆଣିଛନ୍ତି। ପଦକ ତାଲିକାରେ ଶୀର୍ଷ ୧୦ କିମ୍ବା ୨୦ ସ୍ଥାନରେ ରହିବାକୁ ହେଲେ ଏହି ସୀମିତ ସଫଳତା ଯଥେଷ୍ଟ ନୁହେଁ। ତେଣୁ ଆମ କ୍ରୀଡ଼ାବିତ୍‌ମାନେ ସନ୍ତରଣ, ଜିମ୍ନାଷ୍ଟିକ୍ସ ପରି ଇଭେଣ୍ଟଗୁଡ଼ିକ ପାଇଁ ଧ୍ୟାନଦେବା ଆବଶ୍ୟକ। କାରଣ ଏଥିରେ ଏକାଧିକ ପଦକ ପ୍ରାପ୍ତ ହେବାର ସୁଯୋଗ ଥାଏ।

ବର୍ତ୍ତମାନ ଆମର ଲକ୍ଷ୍ୟ ୨୦୩୬ ଅଲିମ୍ପିକ୍ସ। ଆମକୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିବା ଆବଶ୍ୟକ। ଭାରତ ଏକ ବିକାଶଶୀଳ କ୍ରୀଡ଼ା ଶକ୍ତିରୁ ପୂର୍ଣ୍ଣ ବିକଶିତ କ୍ରୀଡ଼ାଶକ୍ତିଭାବେ ରୂପାନ୍ତରିତ ହେବାଲାଗି କେନ୍ଦ୍ର ସରକାର, ସବୁ ରାଜ୍ୟ ସରକାର, ଜାତୀୟ ଓ ରାଜ୍ୟ ସଂଘ, ପ୍ରତିଷ୍ଠିତ କର୍ପୋରେଟ ସଂସ୍ଥା, କ୍ରୀଡ଼ାବିତ୍‌ଙ୍କ ନିଷ୍ଠା ଓ ପରିଶ୍ରମ ଏବଂ ସର୍ବୋପରି ଦେଶର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ସହଯୋଗ ଏବଂ ସଂକଳ୍ପ ଏକାନ୍ତ ଜରୁରୀ। ୨୦୩୬ ଅଲିମ୍ପିକ୍ସ ପଦକ ତାଲିକାରେ ଭାରତ ପ୍ରଥମ ୧୦ ସ୍ଥାନରେ ରହିବା ଅତ୍ୟନ୍ତ କଷ୍ଟକର ହେଲେ ମଧ୍ୟ ଲକ୍ଷ୍ୟ ହାସଲ ଅସମ୍ଭବ ନୁହେଁ।



## ସନ୍ତରଣରେ ବଢୁଛି ଓଡ଼ିଶାର ଆଶା

କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହାଇ ପରଫର୍ମାନ୍ସ ସେଣ୍ଟର ଏବଂ ଅନ୍ୟ କେତେକ ସ୍ଥାନରେ ସବ୍ ସେଣ୍ଟର ଉପଲବ୍ଧ ହେବା ପରଠାରୁ ଏକାଧିକ କ୍ରୀଡ଼ାରେ ରାଜ୍ୟ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷ କରି ସନ୍ତରଣରେ ଓଡ଼ିଶା ପ୍ରତିଯୋଗୀମାନେ ନିକଟ ଅତୀତରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ଆଶା ବଢ଼ାଇଛନ୍ତି। ଜାତୀୟ ମହିଳା ସନ୍ତରଣରେ ପ୍ରତ୍ୟାଶା ରାୟଙ୍କଠାରୁ ଆରମ୍ଭ କରି ସୃଷ୍ଟି ଉପାଧ୍ୟାୟ, ମନ୍ନତା ମିଶ୍ର, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଆଦି ଅନେକ ସନ୍ତରଣକାରୀମାନେ ଓଡ଼ିଶାର ଉପସ୍ଥିତିକୁ କ୍ରମାଗତଭାବେ ଜାହିର କରି ଆସୁଥିବାବେଳେ ପୁରୁଷ ସନ୍ତରଣରେ ଏବେ ଇତିହାସ ସୃଷ୍ଟି କରିଛନ୍ତି ସାଇ ସ୍ୱରୂପ ସ୍ୱାଇଁ।

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସୁଇମିଂ ସେନ୍‌ସେଶନ ସାଇ ସ୍ୱରୂପ ଅହମଦାବାଦ୍‌ର ନାରାୟଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଗଷ୍ଟ ପ୍ରଥମ ସପ୍ତାହରେ ଅନୁଷ୍ଠିତ ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ୩ଟି ପଦକ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମେ ସେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଓଡ଼ିଶା ସନ୍ତରଣ ଦୁନିଆରେ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅର୍ଥାତ୍ ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଓଡ଼ିଶା ପାଇଁ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। ପରେ ସେ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। କେବଳ ସେତିକି ନୁହେଁ ସେ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ଅର୍ଥାତ୍ ଏହି ଜାତୀୟ ପ୍ରତିଯୋଗିତାରେ ସେ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଗର୍ବିତ କରି ସାରିଥିବା ପ୍ରତ୍ୟାଶା ଚଳିତ ବର୍ଷ ଉତ୍ତରାଖଣ୍ଡର ହଲଦ୍ୱାନିଠାରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡ଼ାର ୪x୧୦୦ ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାଛଡ଼ା କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୪x୧୦୦ ମିଡ୍‌ଲେ ରିଲେରେ ରୌପ୍ୟ ଏବଂ ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୧୬ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏହି ସନ୍ତରଣ ତାରକା। ଇତିମଧ୍ୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାଖାପାଖି ୫୦ ପଦକ ଜିତି ସାରିଲେଣି। ସେହିପରି ୨୦୨୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ସୃଷ୍ଟି ୨୦୨୫ରେ ଚମକପ୍ରଦ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛନ୍ତି। ସେ ୩୮ତମ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ଭୁବନେଶ୍ୱରରେ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ସୃଷ୍ଟି ଜାତୀୟ ସ୍ତରରେ ପାଖାପାଖି ଦୁଇ ଡଜନ ପଦକ ଜିତି ସାରିଛନ୍ତି। ମନ୍ନତା ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ମଧ୍ୟ ଜାତୀୟ କ୍ରୀଡ଼ା ଓ ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଚମକ ଦେଖାଇ ପଦକ ଜିତିଛନ୍ତି। ଏହା ବ୍ୟତୀତ ଅଗଷ୍ଟ ପ୍ରାରମ୍ଭରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ପ୍ରତିଭା ପ୍ରଦର୍ଶନ କରିଛନ୍ତି ଓଡ଼ିଶାର ସଂହିତା ଘୋଷ।

–ତପନ କୁମାର ସ୍ୱାଇଁ



ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ।



ପଦକ ସହ ସାଇ ସ୍ୱରୂପ ସ୍ୱାଇଁ।

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

(ଭାଗ–୧)

ଆଜି ଜାତୀୟ କ୍ରୀଡ଼ା ଦିବସ। ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ପବିତ୍ର ଜନ୍ମତିଥି। ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ମନର ନିଭୃତ କୋଣରେ ଲୁଚିରହିଥାଏ ଗୋଟିଏ ମହତ୍ତ୍ୱାକାଂକ୍ଷା ଯେ କିଭଳି ସେ ନିଜ ଦେଶକୁ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିବେ ଓ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ପଦକ ହାସଲ କରିବେ। ସେହି କ୍ରମରେ ପ୍ରତ୍ୟେକ ଦେଶ ମଧ୍ୟ ପ୍ରଚେଷ୍ଟା କରିଥାନ୍ତି ଯେ ଯୋଜନାବଦ୍ଧ ପଦକ୍ଷେପ ନେଇ କିଭଳି ଅଲିମ୍ପିକ୍ କ୍ରୀଡ଼ାରେ ନିଜ ଦେଶର ପରାକାଷ୍ଠା ପ୍ରଦର୍ଶନ କରିବେ। ଏହି ଦୃଷ୍ଟିରୁ ବିଚାର କଲେ ଆମେମାନେ ଜାଣିପାରିବା ଯେ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାରେ ଆମମାନଙ୍କର ପ୍ରିୟ ଜନ୍ମଭୂମି ଭାରତର ପ୍ରଦର୍ଶନ ସେମିତି ଉତ୍ସାହ ଜନକ ନୁହେଁ। ଗୋଟିଏ ଛୋଟିଆ ପରିସଂଖ୍ୟାନ ଦେଲେ ତାହା ସ୍ପଷ୍ଟ ହୋଇଯିବ। ୧୮୯୬ରେ ଗ୍ରୀସ୍‌ର ଏଥେନ୍ସ ସହରରେ ଅନୁଷ୍ଠିତ ହେଲା ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା। କିନ୍ତୁ ପ୍ରଥମ ଥର ପାଇଁ ୧୯୦୦ ମସିହାର ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ନର୍ମାନ ପ୍ରିଚାର୍ଡ ପ୍ରତିନିଧିତ୍ୱ କରି ଆଥ୍‌ଲେଟିକ୍ସରେ ଦୁଇଗୋଟି ରୌପ୍ୟ ପଦକ ହାସଲ କଲେ। ଏହିଭଳି ଭାରତ ଏସୀୟ ମହାଦେଶର ପ୍ରଥମ ଦେଶ ଭାବେ ଅଲିମ୍ପିକ କ୍ରୀଡ଼ାରେ ପଦକ ହାସଲ କଲା। କିନ୍ତୁ ବିଧିବଦ୍ଧ ଭାବେ ୧୯୨୦ ମସିହାର ଆଣ୍ଟୱର୍ପ ଅଲିମ୍ପିକ୍ କ୍ରୀଡ଼ାକୁ ଭାରତ ତା'ର ଜାତୀୟ ଦଳ ପ୍ରେରଣ କଲା, ଯେଉଁଥିରେ ତିନିଜଣ ଆଥ୍‌ଲେଟ ଓ ଦୁଇଜଣ କୁସ୍ତିଯୋଦ୍ଧା ତଥା ଦୁଇଜଣ ଅଫିସିଆଲ୍ ଏପରି ମୋଟ ସାତଜଣ ଅଂଶଗ୍ରହଣ କରିଥିଲେ।

ଏହି ପରିପ୍ରେକ୍ଷୀରେ, ଯେଉଁ ପ୍ରସିଦ୍ଧ ଖେଳାଳି ବିଗତ ଦିନରେ ଭାରତୀୟ ହକିର କର୍ଣ୍ଣଧାର ଥିଲେ ତାଙ୍କର ସ୍ମୃତିଚାରଣ କରିବା ଆମର ଆଜିର ଦିନରେ ପରମ କର୍ତ୍ତବ୍ୟ। ଏହି କ୍ରମରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ନାମ ପ୍ରଥମେ ମନକୁ ଆସେ....

### ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ

ବର୍ତ୍ତମାନର ପ୍ରୟାଗରାଜ ତଥା ତତ୍କାଳୀନ ଆଲ୍ଲାହାବାଦରେ ଗୋଟିଏ ରାଜସ୍ଥାନୀ ରାଜପୁତ୍ ପରିବାରରେ ୧୯୦୫ ଅଗଷ୍ଟ ୨୯ ତାରିଖରେ ଜନ୍ମ ନେଇଥିଲେ ଧ୍ୟାନଚାନ୍ଦ। ପିତା ସୋମେଶ୍ୱର ଦତ୍ତ ସିଂ ଭାରତୀୟ ସୈନ୍ୟବାହିନୀରେ ସୁବେଦାର ଭାବେ କାର୍ଯ୍ୟରତ ଥିଲେ। ମାତାଙ୍କ ନାମ ଥିଲା ଶାରଦା ସିଂହ। ହାଇସ୍କୁଲ ଶିକ୍ଷା ସମାପ୍ତି ପରେ ପରିବାରର ପ୍ରଥାକୁ ସମ୍ମାନ ଦେଇ ୧୯୨୨ରେ ସେ ପ୍ରଥମ ବ୍ରାହ୍ମଣ ରେଜିମେଣ୍ଟରେ ଜଣେ ସିପାହି ଭାବେ ଭର୍ତ୍ତି ହେଲେ। ପିଲାଟି ଦିନରୁ ଯେହେତୁ ତାଙ୍କର କୁସ୍ତି ପ୍ରତି ଆଗ୍ରହ ଥିଲା ତେଣୁ ସେ ନିୟମିତ ଶରୀରଚର୍ଯ୍ୟା ଓ ବ୍ୟାୟାମ ପ୍ରତି ଧ୍ୟାନ ଦେଉଥିଲେ। ସୈନ୍ୟବାହିନୀରେ ଯୋଗଦେବା ନିମନ୍ତେ ଏହା ତାଙ୍କୁ ସାହାଯ୍ୟ କଲା। ଇତିମଧ୍ୟରେ ପିତାଙ୍କର ବଦଳି ହେବା ହେତୁ ତାଙ୍କ ପରିବାର ଝାନ୍‌ସୀ ସହରକୁ ଚାଲିଗଲେ। ପିଲାଦିନେ ତାଙ୍କ ନାମ ଥିଲା ଧ୍ୟାନ ସିଂ। ମାତ୍ର ୧୬ ବର୍ଷ ବୟସରେ ସୈନ୍ୟବାହିନୀରେ ସେ ଯୋଗଦେଇ ଥିବାରୁ ତାଙ୍କ ରେଜିମେଣ୍ଟରେ ସମସ୍ତେ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ସେତେବେଳକୁ ବ୍ରିଟିଶ ରେଜିମେଣ୍ଟର ସୈନ୍ୟମାନେ ଭାରତରେ ହକି ଖେଳକୁ ପ୍ରଚଳନ କରାଇ ସାରିଥାନ୍ତି ଓ ଏହା ଲୋକପ୍ରିୟତା ହାସଲ କରି ଚାଲିଥାଏ। ପ୍ରଥମ ବ୍ରାହ୍ମଣ ରେଜିମେଣ୍ଟରେ ସୁବେଦାର ମେଜର ଭାବେ ସେତେବେଳେ କାର୍ଯ୍ୟରତ ଥିବା ହକି ଖେଳାଳି ଓ ପ୍ରଶିକ୍ଷକ ଭୋଲେତିୱାରୀଙ୍କର ଦୃଷ୍ଟି ପଡ଼ିଲା ଧ୍ୟାନ ସିଂଙ୍କ ଉପରେ। ମଣି–କାଞ୍ଚନ ଯୋଗ ସଦୃଶ ସେ ତାଙ୍କଠାରେ ଜଣେ ଭଲ ଖେଳାଳିର ଲକ୍ଷଣ ଦେଖିପାରି ତାଙ୍କୁ ହକି ଖେଳିବାକୁ ରାଜି କରାଇଲେ। ଧ୍ୟାନ ସିଂ ଖେଳରେ ଏପରି ମନୋନିବେଶ କରିଗଲେ ଯେ ସମୟ ପାଇବା ମାତ୍ରେ ହକି ବଲ୍ ଓ ଷ୍ଟିକ୍ ଧରି ଅଭ୍ୟାସ କରିଚାଲିଲେ। ଏପରିକି ଚନ୍ଦ୍ରପକ୍ଷ ରାତିରେ ଖୋଲାପଡ଼ିଆରେ ଏକୁଟିଆ ଖେଳିବାକୁ ମଧ୍ୟ ପଛାଇଲେ ନାହିଁ। ଏହା ଦେଖି ସେନା ଅଧିକାରୀମାନେ ଆଦରରେ ତାଙ୍କୁ 'ଚାନ୍ଦ' ବୋଲି ଡାକିବାକୁ ଆରମ୍ଭ କଲେ। ଧ୍ୟାନ ସିଂରୁ ସେ ପାଲଟି ଗଲେ ଧ୍ୟାନଚାନ୍ଦ। ୧୯୨୬ ପର୍ଯ୍ୟନ୍ତ ସେ ନିଜ ରେଜିମେଣ୍ଟ ପାଇଁ ଆର୍ମି ଟୁର୍ନାମେଣ୍ଟଗୁଡ଼ିକରେ ହକି ଖେଳି ନିଜକୁ ଜଣେ ଦୁର୍ଦ୍ଧର୍ଷ ଫର୍‌ୱାର୍ଡ ଭାବେ ପ୍ରତିଷ୍ଠିତ କରିସାରିଥିଲେ। ତା'ପରେ ୧୯୨୬ରେ ଜାତୀୟ ଦଳରେ ସ୍ଥାନ ପାଇ ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହେଲେ। ଏହି ଗସ୍ତ ସମୟରେ ତାଙ୍କର କ୍ରୀଡ଼ା ଦକ୍ଷତା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା ଓ ମାତ୍ର ୨୩ ବର୍ଷ ବୟସରେ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କଲେ ହକିଖେଳରେ। ଏହି ଅଲିମ୍ପିକ୍ସରେ ଭାରତ ହକିରେ ତା'ର ସମସ୍ତ ମ୍ୟାଚ୍‌ରେ ବିଜୟ ଲାଭ କରି ଫାଇନାଲ୍‌ରେ ନେଦରଲାଣ୍ଡ୍ସକୁ ୩–୦ ଗୋଲ୍‌ରେ ହରାଇବା ସହ ସ୍ୱର୍ଣ୍ଣପଦକ ହାସଲ କଲା। ସେମାନେ ମୋଟ ୨୯ ଗୋଲ୍ ଦେଇଥିବାବେଳେ ଗୋଟିଏ ମଧ୍ୟ ଗୋଲବରଣ କରି ନ ଥିଲେ। ଏହି ୨୯ରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୧୪ଟି ଗୋଲ୍, ଯାହାକି ତାଙ୍କର ଅପୂର୍ବ କ୍ରୀଡ଼ା ନୈପୁଣ୍ୟର ପ୍ରମାଣ ଦିଏ। ଏହାପରେ ୧୯୩୨ର ଲସ୍ ଏଞ୍ଜେଲ୍ସ ଓ ୧୯୩୬ର ବର୍ଲିନ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ହକିଦଳ ସ୍ୱର୍ଣ୍ଣପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଏହି ୩ ଅଲିମ୍ପିକ୍ସରେ ଭାରତ ମୋଟ ୧୦୨ ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଥିଲା, ଯାହାକି ଏକ ବିରଳ ଉପଲବ୍ଧି। ଏହି ୧୦୨ ଗୋଲରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୩୭ଟି ଗୋଲ। ଏହାପରେ ବିଶ୍ୱଯୁଦ୍ଧ ସଂଘଟିତ ହେବାରୁ ଦୀର୍ଘ ବ୍ୟବଧାନରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ୧୯୪୮ରେ ଲଣ୍ଡନରେ ଅନୁଷ୍ଠିତ ହେଲା। ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୨୬ରୁ ୧୯୪୯ ମଧ୍ୟରେ ଧ୍ୟାନଚାନ୍ଦ ୧୮୫ଟି ହକି ମ୍ୟାଚ୍‌ରେ (ଅନ୍ତର୍ଜାତୀୟ) ମୋଟ ୫୭୦ ଗୋଲ ସ୍କୋର କରିଥିଲେ। ସେହିଭଳି ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ତାଙ୍କର ଗୋଲ ସଂଖ୍ୟା ଥିଲା ୧୦୦୦ରୁ ଅଧିକ, ଯାହାକି ଏକ ଈର୍ଷଣୀୟ ରେକର୍ଡ। ୧୯୩୫ରେ ଆଡିଲେଡ୍‌ଠାରେ ତାଙ୍କ ଖେଳ ଦେଖିବା ପରେ କିମ୍ବଦନ୍ତୀ କ୍ରିକେଟର ସାର ଡୋନାଲ୍ଡ ବ୍ରାଡ୍‌ମ୍ୟାନ୍ ତାଙ୍କୁ ବଧେଇ ଜଣାଇ କହିଥିଲେ ଯେ ତୁମେ କ୍ରିକେଟ୍‌ରେ ରନ୍ କଲାପରି ଗୋଲ୍ ଦେଉଛ। ୧୯୪୭ ପର୍ଯ୍ୟନ୍ତ ତାଙ୍କର ଏହି ଖେଳ ଜୀବନ ନିଜର ଦ୍ୟୁତିରେ ବିଶ୍ୱକୁ ଅଭିଭୂତ କରି ରଖିଥିଲା। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ଗୋଲ୍ ଦେବାର ଶୈଳୀରେ ଅଭିଭୂତ ହୋଇ ଲୋକମାନେ ତାଙ୍କୁ ହକିର ଯାଦୁକର ଆଖ୍ୟା ଦେଇଥିଲେ। ୧୯୩୬ ବର୍ଲିନ୍ ଅଲିମ୍ପିକ୍‌ର ହକି ଫାଇନାଲରେ ତାଙ୍କର କ୍ରୀଡ଼ା ଦକ୍ଷତାରେ ତତ୍କାଳୀନ ଜର୍ମାନୀର ଏକଚ୍ଛତ୍ର ଶାସକ ଆଡୋଲ୍ଫ ହିଟଲର ତାଙ୍କ ସହିତ କରମର୍ଦ୍ଦନ କରି ତାଙ୍କୁ ଜର୍ମାନ ସେନାର ଉଚ୍ଚ ପଦ (ଜେନେରାଲ) ଗ୍ରହଣ କରିବାକୁ ନିମନ୍ତ୍ରଣ ଦେଇଥିଲେ ଓ ଜର୍ମାନୀର ନାଗରିକତ୍ୱ ପ୍ରଦାନ ପାଇଁ ପ୍ରସ୍ତାବ ରଖିଥିଲେ। କିନ୍ତୁ ଦେଶ ଭକ୍ତ ଧ୍ୟାନଚାନ୍ଦ ବିନମ୍ରତାର ସହ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ।

୧୯୫୬ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ। ତାଙ୍କ ପରେ ଦ୍ୱିତୀୟ ହକି ଖେଳାଳିଭାବେ ସିନିୟର ଦଳର ପୂର୍ବତନ ଗୋଲକିପର ପି.ଆର୍. ଶ୍ରୀଜେଶ ୨୦୨୫ରେ ପଦ୍ମଭୂଷଣ ଉପାଧି ଲାଭ କରିଛନ୍ତି। ହକି ପ୍ରତି ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନ ପାଇଁ ଭାରତ ସରକାର ୧୯୯୪ ମସିହାରେ ତାଙ୍କ ଜନ୍ମ ଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ୧୯୮୦ରେ ତାଙ୍କ ନାମରେ ଭାରତ ସରକାର ସ୍ମାରକୀ ଡାକ ଟିକେଟ୍ ପ୍ରଚଳନ କରିଛନ୍ତି। ସେହିପରି ୨୦୦୨ରେ ଦିଲ୍ଲୀର ନ୍ୟାଶନାଲ ଷ୍ଟାଡିୟମକୁ ତାଙ୍କ ନାମରେ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ ନାମରେ ନାମିତ କରାଯାଇଛି। ଏଠାରେ ମଧ୍ୟ ତାଙ୍କର ଏକ ପ୍ରତିମୂର୍ତ୍ତି (୮ ଫୁଟ ଉଚ୍ଚର ଅଷ୍ଟଧାତୁ ନିର୍ମିତ) ସ୍ଥାପିତ ହୋଇଛି। ଦେଶର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା (ଡାଇଭିଂରେ) କ୍ୟାପଟେନ୍ ବଜରଙ୍ଗୀ ପ୍ରସାଦ ଥରେ କହିଥିଲେ ଯେ "ଧ୍ୟାନଚାନ୍ଦଙ୍କୁ ହକିର ଯାଦୁକର ଅପେକ୍ଷା ହକିର ବୈଜ୍ଞାନିକ ଭାବେ ସମ୍ବୋଧନ କରିବାକୁ ମୁଁ ଅଧିକ ପସନ୍ଦ କରିବି।" ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନକୁ ତାଙ୍କ ନାମରେ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ଭାବେ ୨୦୨୧ରୁ ପ୍ରଦାନ କରାଯାଉଛି। ତାଙ୍କ ରଚିତ ପୁସ୍ତକ 'ଦି ଗୋଲ୍' ତାଙ୍କ ଜୀବନର ଏକ ମାର୍ମିକ ଅଭିବ୍ୟକ୍ତି। ୧୯୭୯ ଡିସେମ୍ବର ୩ ତାରିଖ ଦିନ ଏହି କିମ୍ବଦନ୍ତୀ ପୁରୁଷ ପରମପିତାଙ୍କ ନିକଟକୁ ଚାଲିଗଲେ ରୋଗ ଶଯ୍ୟାରୁ। କିନ୍ତୁ କ୍ରୀଡ଼ା ଜଗତର ଜାଜ୍ୱଲ୍ୟମାନ ତାରକା ଭାବେ ସେ ବିଶ୍ୱ ଆକାଶରେ ଏବେ ବି ଚିର ଭାସ୍ୱର। ଏହି ମହାନ୍ ଖେଳାଳିଙ୍କ ଅମ୍ଳାନ ସ୍ମୃତିପ୍ରତି ଏହି ପ୍ରତିବେଦକ ଅଗଣିତ ଗୁଣମୁଗ୍ଧ ଦେଶବାସୀଙ୍କ ସହ ଭକ୍ତିଅର୍ଘ୍ୟ ଅର୍ପଣ କରୁଛି ଆଜିର ପବିତ୍ର ଦିବସରେ।

**(ପରବର୍ତ୍ତୀ ଭାଗ ଆସନ୍ତା କ୍ରୀଡ଼ା ଜଗତ ପୃଷ୍ଠାରେ)**

**ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୨୬ରୁ ୧୯୪୯ ମଧ୍ୟରେ ହକିର ଯାଦୁକର ମେଜର ଧ୍ୟାନଚାନ୍ଦ ୧୮୫ଟି ହକି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୋଟ ୫୭୦ ଗୋଲ ଦେଇଥିଲେ। ସେହିଭଳି ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ତାଙ୍କର ଗୋଲ ସଂଖ୍ୟା ଥିଲା ୧୦୦୦ରୁ ଅଧିକ, ଯାହାକି ଏକ ରେକର୍ଡ। ଅଗଷ୍ଟ ୨୯ ଧ୍ୟାନଚାନ୍ଦଙ୍କ ଜନ୍ମତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି..**



ମେଜର ଧ୍ୟାନଚାନ୍ଦ

ଧରିତ୍ରୀ 51 Years

ଧରିତ୍ରୀ
DHARITRI



# ତୃତୀୟ ରାଉଣ୍ଡରେ ଅଲକାରାଜ, ସାବାଲେଙ୍କା

**ୟୁଏସ୍ ଓପନ୍**

**ନ୍ୟୁୟର୍କ,୨୮।୮**

ପୁରୁଷ ସିଙ୍ଗଲ୍ସରେ ୨୦୨୨ ସଂସ୍କରଣର ଚାମ୍ପିୟନ କାର୍ଲୋସ ଅଲକାରାଜ ଓ ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ବର୍ଷର ଚତୁର୍ଥ ତଥା ଅନ୍ତିମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଇଞ୍ଜୁରି କାରଣରୁ ପଞ୍ଚମ ସିଡ୍ ଜ୍ୟାକ ଡ୍ରାପର ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଥିବା ବେଳେ ହୋଲଗର ରୁନ ପରାଜୟ ସହ ବିଦାୟ ନେଇଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଅଲକାରାଜ ୬-୧, ୬-୦, ୬-୩ ସେଟ୍‌ରେ ମାଟିଆ ବେଲୁସିଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଷଷ୍ଠ ସିଡ୍ ବେନ ଶେଲଟନ ୬-୪, ୬-୨, ୬-୪ ସେଟ୍‌ରେ ପାବ୍ଲୋ କାରେନୋ ବୁସ୍ତାଙ୍କୁ, ଉଗୋ ବ୍ଲାନଚେଟ ୬-୭ (୨/୭), ୭-୬ (୭/୫), ୩-୬, ୬-୪, ୭-୬ (୧୦/୭) ସେଟ୍‌ରେ ୧୬ତମ ସିଡ୍ ଜାକୁବ ମେନସିକଙ୍କୁ, ୧୭ତମ ସିଡ୍ ଫ୍ରାନ୍ସେସ ଟିଆଫୋ ୬-୪, ୭-୫, ୬-୭(୮/୧୦), ୭-୫ ସେଟ୍‌ରେ ମାର୍ଟିନ ଡାମ ଜୁନିୟରଙ୍କୁ, ୩୨ତମ ସିଡ୍ ଲୁସିଆନୋ ଡାର୍ଡେରି ୬-୦, ୭-୬ (୭/୩), ୨-୬, ୬-୪ ସେଟ୍‌ରେ ଏଲିଅଟ ସ୍ୱିଜିରିଙ୍କୁ ଓ ଆଡ୍ରିଆନ ମାନାରିନୋ ୬-୪, ୬-୭(୫/୭), ୬-୩, ୬-୩ ସେଟ୍‌ରେ ଜୋର୍ଡାନ ଥମ୍ପସନଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ରୁନ ୬-୭(୫/୭), ୬-୨, ୩-୬, ୬-୪, ୫-୭ ସେଟ୍‌ରେ ଜାନ-ଲେନାର୍ଡ ଷ୍ଟ୍ରୁଫଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା ୭-୬(୭/୪), ୬-୨ ସିଧାସଳଖ ସେଟ୍‌ରେ ପୋଲିନା କୁଦେରମେଟୋଭାଙ୍କୁ, ଚତୁର୍ଥ ସିଡ୍ ଜେସିକା ପେଗୁଲା ୬-୧, ୬-୩ ସେଟ୍‌ରେ ଆନା ବ୍ଲିଙ୍କୋଭାଙ୍କୁ, ପଞ୍ଚମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ଆନାସ୍ତାସିଆ ପୋଟାପୋଭାଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୩, ୬-୩ ସେଟ୍‌ରେ ଇଭା ଜୋଭିକ୍‌ଙ୍କୁ, ନବମ ସିଡ୍ ଏଲେନା ରିବାକିନା ୬-୩, ୭-୬ (୯/୭) ସେଟ୍‌ରେ ଟେରେଜା ଭାଲେଣ୍ଟୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୧୭ତମ ସିଡ୍ ଲ୍ୟୁଡମିଲା ସାମସୋନୋଭା ୬-୪, ୩-୬, ୨-୬ ସେଟ୍‌ରେ ପ୍ରିସ୍କିଲା ହନଙ୍କଠାରୁ, ୨୫ତମ ସିଡ୍ ଜେଲେନା ଓସ୍ତାପେଙ୍କୋ ୫-୭, ୧-୬ ସେଟ୍‌ରେ ଟେଲର ଟାଉନସେଣ୍ଡଙ୍କଠାରୁ ଓ ୩୨ତମ ସିଡ୍ ମ୍ୟାକକାର୍ଟନି କେଜଲର ୬-୭(୭/୯), ୨-୬ ସେଟ୍‌ରେ ମର୍କେଟା ଭଣ୍ଡ୍ରୋସୋଭାଙ୍କଠାରୁ ପରାଜୟ ସହ ବିଦାୟ ନେଇଛନ୍ତି।



ମ୍ୟାଚ୍ ଜିତିବା ପରେ କାର୍ଲୋସ ଅଲ୍‌କାରାଜ।

# ଗ୍ରାଣ୍ଡ୍ ଚେସ୍ ଫିନାଲେ ପାଇଁ ପ୍ରଜ୍ଞାନନ୍ଦଙ୍କୁ ଯୋଗ୍ୟତା

**ସେଣ୍ଟ ଲୋଇସ, ୨୮।୮ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଶିଙ୍କ ଫିଲ୍ଡ କପ୍ ଚେସ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଛନ୍ତି। ଏଥିସହିତ ସେ ଗ୍ରାଣ୍ଡ ଚେସ୍ ଟୁର୍ ଫିନାଲେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୱେସ୍‌ଲି ସୋ' ନାଟକୀୟ ଥ୍ରି-ୱେ ପ୍ଲେଅଫ୍ ବିଜୟ ସହ ଟାଇଟଲ ବିଜୟୀ ହୋଇଛନ୍ତି। ୱେସ୍‌ଲି ୯ମ ଓ ଫାଇନାଲ ରାଉଣ୍ଡରେ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦୁସାତ୍ତୋଭଙ୍କୁ ପରାସ୍ତ କରିବା ଦ୍ୱାରା ୫.୫ ପଏଣ୍ଟ ଅର୍ଜନ କରି ତାଙ୍କ ଦେଶର ଫାବିଆନୋ କାରୁଆନା ଏବଂ ପ୍ରଜ୍ଞାନନ୍ଦଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଥିଲେ। ଫଳରେ ତାଙ୍କୁ ପ୍ଲେଅଫର ସାମ୍ନା କରିବାକୁ ପଡ଼ିଥିଲା। ଏଥିରେ ସେ ସମ୍ଭାବ୍ୟ ୨ ପଏଣ୍ଟରୁ ୧.୫ ପଏଣ୍ଟ ଅର୍ଜନ କରିଥିଲେ। ପ୍ରଜ୍ଞାନନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ଲେଭନ ଆରୋନିଆନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ କାରୁଆନାଙ୍କୁ ଏକ ଟାଇବ୍ରେକ୍‌ରେ ପରାସ୍ତ କରି ୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ କାରୁଆନା ଟାଇବ୍ରେକର ପରେ ୱେସ୍‌ଲିଙ୍କ ସହ ତାଙ୍କ ଗେମ୍ ଡ୍ର ରଖି ତୃତୀୟ ହୋଇଥିଲେ। ଗ୍ରାଣ୍ଡ ଚେସ୍ ଟୁର୍‌ରେ ସର୍ବାଧିକ ପଏଣ୍ଟ ସ୍କୋର କରି ଫ୍ରାନ୍ସର ମିକ୍ସିମ ଭାଚିର ଲାଗ୍ରେଭ୍ , ଲେଭନ ଆରୋନିଆନ, କାରୁଆନା ଓ ପ୍ରଜ୍ଞାନନ୍ଦଙ୍କ ସହ ଗ୍ରାଣ୍ଡଚେସ୍ ଟୁରଖ ଫଇନାଲେ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ପୁରସ୍କୃତ ହେବେ ବିଜୟ, ଅନିମେଶ, ରାଖାଲ

**ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ)**

ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ହେଁ ଚୟନକର୍ତ୍ତାଙ୍କ ସୁପାରିସ ଅନୁସାରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହେବେ। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବେ। ସେହିପରି ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଜୁଡୋ) ଶ୍ରେଷ୍ଠ କୋଚ୍, କ୍ରୀଡ଼ା ଖବରଦାତା ବିମଳ କୁମାର ରାଉଳ, ଉଦୀୟମାନ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁରସ୍କୃତ ହେବେ। ଡାକ୍ତର ସୁଦୀପ ଶତପଥୀ ବୈଷୟିକ କ୍ରୀଡ଼ା ଅଧିକାରୀ ପୁରସ୍କାର ପାଇବାକୁ ଥିବାବେଳେ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ପ୍ରକାଶଯୋଗ୍ୟ ଯେ, ଟ୍ରଫି ଓ ମାନପତ୍ର ସହ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ଟଙ୍କା ଏବଂ ଅବଶିଷ୍ଟ ସମସ୍ତ ପୁରସ୍କାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇ ଆସୁଛି।

# ବିଶ୍ୱର ୨ନମ୍ବର ଖେଳାଳିଙ୍କୁ ହରାଇଲେ ସିନ୍ଧୁ

**ପ୍ୟାରିସ, ୨୮।୮ (ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ପ୍ରି-କ୍ୱାର୍ଟରଫାଇନାଲରେ ସେ ଚାଇନାର ୱାଙ୍ଗ ଝି ୟିଙ୍କୁ ୨୧-୧୯, ୨୧-୧୫ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ୧୫ତମ ର୍‍ୟାଙ୍କିଂପ୍ରାପ୍ତ ସିନ୍ଧୁ ୨୦୧୯ରେ ବାସେଲଠାରେ ବିଶ୍ୱ ଟାଇଟଲ ହାସଲ କରିଥିଲେ। ଗୁରୁବାର ମ୍ୟାଚ ଜିତିବା ଦ୍ୱାରା ଚାଇନିଜ ଖେଳାଳିଙ୍କ ବିପକ୍ଷରେ ତାଙ୍କର ବିଜୟ-ପରାଜୟ ରେକର୍ଡ ୩-୨ ସ୍ଥିତିକୁ ଚାଲି ଆସିଛି। ୩୦ ବର୍ଷୀୟା ଏହି ଭାରତୀୟ ବର୍ତ୍ତମାନ ବିଶ୍ୱର ନମ୍ବର ୯ ଖେଳାଳି ଇଣ୍ଡୋନେସିଆର ପୁତ୍ରି କୁସୁମା ୱାର୍ଦାନୀଙ୍କୁ ଭେଟିବେ। ସିନ୍ଧୁ ଆଉ ଗୋଟିଏ ବିଜୟ ହାସଲ କରିପାରିଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ପଦକ ସଂଖ୍ୟା ୬କୁ ବୃଦ୍ଧି ପାଇବ। ଇଭେଣ୍ଟର ସର୍ବାଧିକ ପଦକ ଜିତିବାରେ ରହିଥିବା ରେକର୍ଡର ସେ ସମକକ୍ଷ ହୋଇପାରିବେ। ଅନ୍ୟ ଏକ ବିପର୍ଯ୍ୟୟ ଭାରତର ଧ୍ରୁବ କାପିଲା ଓ ତନିଶା କ୍ରାଷ୍ଟୋ ବିଶ୍ୱର ୫ ନମ୍ବର ଯୋଡ଼ି ହଂକଂର ଟାଙ୍ଗ ଚୁନ୍ ମାନ୍‌ଙ୍କୁ ୧୯-୨୧, ୨୧-୧୨, ୨୧-୧୫ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

# ଦୁଲୀପ ଟ୍ରଫି: ନର୍ଥ ଜୋନ୍ ୩୦୮/୬

**ବେଙ୍ଗାଲୁରୁ,୨୮।୮**

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ ଏ'ରେ ଗୁରୁବାରଠାରୁ ଦୁଲୀପ ଟ୍ରଫି ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ନର୍ଥ ଓ ଇଷ୍ଟ ଜୋନ ପରସ୍ପରକୁ ଭେଟିଛନ୍ତି। ଇଷ୍ଟ ଜୋନ ଅଧିନାୟକ ରିୟାନ ପରାଗ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଇଷ୍ଟ ଜୋନ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେଇଂ ଇଲେଭେନ ସ୍ଥାନ ଦିଆଯାଇନାହିଁ। ପ୍ରଥମ ବ୍ୟାଟିଂ କରିଥିବା ନର୍ଥ ଜୋନ ପ୍ରଥମ ଦିନ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୦୮ ରନ କରିଛି। ଦଳ ପାଇଁ ଆୟୁଷ ବଦୋନୀ ସର୍ବାଧିକ ୬୩, ନିଶାନ୍ତ ସିନ୍ଧୁ ୪୭, ଯଶ ଧୁଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ଓ ଶୁଭମ ଖଜୁରିଆ ୨୬ ରନ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କହ୍ନେୟା ୱାଧାୱାନ ୪୨ ଓ ମୟଙ୍କ ଡାଗର ୨୮ ରନ କରି ଅପରାଜିତ ରହିଛନ୍ତି। ଇଷ୍ଟ ଜୋନ ପାଇଁ ମନିଶି ୩ ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି, ସୁରଜ ସିନ୍ଧୁ ଜୈସ୍ୱାଲ ଓ ମୁଖତାର ହୁସେନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

## ମାଲେୱାରଙ୍କ ୧୯୮*; ସେଣ୍ଟ୍ରାଲ ଜୋନ୍ ୪୩୨/୨

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ ବି'ରେ ଖେଳାଯାଉଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସେଣ୍ଟ୍ରାଲ ଜୋନ୍ ଓ ନର୍ଥ ଇଷ୍ଟ ଜୋନ୍ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ସେଣ୍ଟ୍ରାଲ ଜୋନ୍ ପ୍ରଥମ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୪୩୨ ରନ୍ କରିଛି। ଦଳ ପାଇଁ ଅଧିନାୟକ ରଜତ ପଟିଦାର ୧୨୫ (୨୧ ଚୌକା ଓ ୩ ଛକା) ରନ ଶତକୀୟ ପାଳି ଖେଳି ଆଉଟ୍ ହୋଇଥିବା ବେଳେ ଆର୍ଯ୍ୟନ ଜୁୟାଲ ୬୦ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଦାନିଶ ମାଲେୱାର ୩୫ ଚୌକା ଓ ୧ ଛକା ସହିତ ୧୯୮ ଓ ଯଶ ରାଠୋଡ ୩୨ ରନ କରି ଅପରାଜିତ ରହିଛନ୍ତି। ନର୍ଥ ଇଷ୍ଟ ଜୋନ୍ ପାଇଁ ଆକାଶ ଚୌଧାରୀ ଓ ଫେଇରୋଇଜାମ ଜତିନ ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।



ବିହାରର ରାଜଗିରିଠାରେ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ପୂର୍ବରୁ ଗୁରୁବାର ଟ୍ରଫି ସହ ମିଳିତ ଫଟୋ ସେସନରେ ଭାରତ ଅଧିନାୟକ ହରମନପ୍ରୀତ ସିଂ ଏବଂ ଅନ୍ୟ ଦଳଗୁଡ଼ିକର ଅଧିନାୟକମାନେ।

# ଓଡିଏମ୍ ଗ୍ଲୋବାଲ-କିସ୍ ଫାଇନାଲ

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ**

**ଭୁବନେଶ୍ୱର,୨୮।୮(ଅନାଦି କର)**

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶୁକ୍ରବାର ହେବାକୁ ଥିବା ଫାଇନାଲରେ ଓଡିଏମ୍ ଗ୍ଲୋବାଲ ଓ କିସ୍ ପରସ୍ପରକୁ ଭେଟିବେ।

ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ୨-୦ ଗୋଲରେ ଡିଏଭି ପୋଖରିପୁଟକୁ ହରାଇଛି। ବିଜୟୀ ଦଳ ପାଇଁ ଆୟୁଷ ଗୋପେ ଓ ଲକି ମିରିନା ଗୋଟିଏ ଲେଖାଏ ଗୋଲ କରିଥିଲେ। ଅତିଥି ଭାବେ ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଅଧିନାୟକ ନିପୁନ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆୟୁଷ ଗୋପେଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ କିସ୍ ୪-୦ ଗୋଲରେ ବିକାଶ ରେସିଡେନସିଆଲ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ବଚନ ପୃଷ୍ଟି ଦୁଇଟି ଗୋଲ କରିଥିବା ବେଳେ ସମିର ବୋଇଦା ଓ ମାହ୍ଲୁ ମାର୍ଡି ଗୋଟିଏ ଲେଖାଏଁ ସ୍କୋର କରିଥିଲେ। ଭୁବନେଶ୍ୱର ଫୁଟବଲ ଏକାଡେମୀ କ୍ଲବ ସଭାପତି ତାପସ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବଚନ ପୃଷ୍ଟିଙ୍କୁ ପୁରସ୍କୃତ କରିଥିଲେ।



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

# ସଙ୍ଗୀତ ମାଧ୍ୟମରେ ବଶିଷ୍ଠଙ୍କ ସମର୍ଥନ

**ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଦାବି**

**ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ)**

ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଦାବି ଉପସ୍ଥାପନ କରିଛି। ଜାତୀୟ କ୍ରୀଡ଼ା ଦିବସ ପାଳନ ପୂର୍ବରୁ ଏକ ଭିଡିଓ ଜାରିକରି ସଙ୍ଗୀତ ମାଧ୍ୟମରେ ନିଜର ସମର୍ଥନ ଜଣାଇଛନ୍ତି କେରଳ କାଲିକଟସ୍ଥିତ ମାଲାବାର ଖ୍ରୀଷ୍ଟିଆନ କଲେଜର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଠ। ସେ ଉଭୟ ଇଂଲିଶ ଓ ହିନ୍ଦୀରେ ସଙ୍ଗୀତ ସଂଯୋଜନା କରିଛନ୍ତି। ବଶିଷ୍ଠଙ୍କ ଗୀତକୁ ସ୍ୱର ଦେଇଛନ୍ତି ତାଙ୍କ ପୂର୍ବତନ ଛାତ୍ର ସାଇ ଗିରିଧର। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୩୬ ଅଲିମ୍ପିକ୍ସକୁ ନେଇ ସେ ଏକ ପୋଷ୍ଟର ମଧ୍ୟ କରିଛନ୍ତି।




ପ୍ରଫେସର ବଶିଷ୍ଠ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

# କିଟ୍‌ର ୭ ଛାତ୍ରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ):** ଜାପାନର ଟୋକିଓରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ୭ ଛାତ୍ରୀଛାତ୍ର ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ପାରୁଲ ଚୌଧାରୀ (୩୦୦୦ ମିଟର ଷ୍ଟିପଲ ଚେଜ୍), ପ୍ରିୟଙ୍କା ଗୋସ୍ୱାମୀ (୩୫ କିଲୋମିଟର ଚାଲି), ଅଙ୍କିତା (୩୦୦୦ ମିଟର ଷ୍ଟିପଲ ଚେଜ୍), ଅନିମେଶ କୁଜୁର (୨୦୦ ମିଟର ରେସ୍), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲ ଜମ୍ପ) ଓ ଆକାଶଦୀପ ସିଂ (୨୦ କିଲୋମିଟର ଚାଲି)। ଏହି ସମସ୍ତ ଆଥଲେଟ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଆଥ୍‌ଲେଟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡିସେମ୍ବରରୁ ହୋଇପାରେ ଆଇଏସ୍ଏଲ୍

**ସୁପ୍ରିମକୋର୍ଟରେ ଦାଖଲ ହେଲା ସର୍ବସମ୍ମତି ସମାଧାନ**

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ଭାରତୀୟ ଫୁଟବଲରେ ଦେଖାଦେଇଥିବା ସମସ୍ୟା ଏବେ ସମାଧାନ ଦିଗରେ ମୁହାଁଇଛି। ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଗୁରୁବାର ସୁପ୍ରିମକୋର୍ଟରେ ସର୍ବସମ୍ମତି ସମାଧାନର ଏକ ପ୍ରସ୍ତାବ ଦାଖଲ କରିଛନ୍ତି। ଏଥିରେ ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଆୟୋଜନ ଲାଗି ଆର୍ଥିକ ସହଯୋଗୀ ଚୟନ ପାଇଁ ଏକ ପାରଦର୍ଶୀ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ଦୁଇ ପକ୍ଷ ସହମତି ପ୍ରକାଶ କରିଛନ୍ତି। ମୁଖ୍ୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନରେ ପହଞ୍ଚିଛନ୍ତି। ସାଧାରଣ ସ୍ୱାର୍ଥ ଓ ଭାରତରେ ଫୁଟ୍‌ବଲ କ୍ରୀଡ଼ାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଭୟ ପକ୍ଷ ସହମତିପୂର୍ଣ୍ଣ ସମାଧାନରେ ପହଞ୍ଚିଥିବା କହିଛନ୍ତି। ଫିଫା ଓ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଏଆଇଏଫ୍‌ଏଫ୍‌କୁ ଅନ୍ତର୍ଜାତୀୟ ବାସନ୍ଦ ଧମକ ଦିଆଯିବାର ଦିନକ ପରେ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ସହମତି ପ୍ରକାଶ କରିଛନ୍ତି।

'ଆଇଏସ୍ଏଲ୍ ଆୟୋଜନ ଲାଗି ଆବଶ୍ୟକ ଥିବା ଆର୍ଥିକ ସହଯୋଗୀ ଚୟନ କରିବା ପାଇଁ ଏଆଇଏଫ୍‌ଏଫ୍ ଏକ ମୁକ୍ତ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ପାରଦର୍ଶୀ ଟେଣ୍ଡର ପ୍ରକ୍ରିୟା କରିବାକୁ ରାଜି ହୋଇଛି। ଏହି ପ୍ରକ୍ରିୟା ଜାତୀୟ କ୍ରୀଡ଼ା ନୀତି ୨୦୧୧, ଜାତୀୟ କ୍ରୀଡ଼ା ଶାସନ ୨୦୨୫, ଏଆଇଏଫ୍‌ଏଫ୍ ସମ୍ବିଧାନ ଓ ଫିଫା ଏବଂ ଏଏଫ୍‌ସି ନିୟମ ଅନୁଯାୟୀ ହେବ। ଏହି ଟେଣ୍ଡର ପ୍ରକ୍ରିୟାକୁ ସ୍ୱତନ୍ତ୍ର ପେସାଦାର ସଂସ୍ଥା ଦ୍ୱାରା କରାଯାଇପାରେ। ଏହି ପ୍ରକ୍ରିୟା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଶେଷ ହେବ। ଯାହା ଫଳରେ କ୍ଲବ୍ସ, ପ୍ରସାରଣକାରୀ ସଂସ୍ଥା, ସ୍ପନସର୍ସ ଓ ଅନ୍ୟ ଅଂଶୀଦାରଙ୍କୁ ସ୍ପଷ୍ଟ ଚିତ୍ର ମିଳିପାରିବ। ଏଏଫ୍‌ସିର ଅନୁମତି ମିଳିଲା ପରେ ନୂଆ ଲିଗ୍ ଡିସେମ୍ବରରୁ ଆରମ୍ଭ ହୋଇପାରିବ' ବୋଲି ଦାଖଲ ହୋଇଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।



**ଏଆଇଏଫ୍‌ଏଫ୍‌କୁ ଏନ୍‌ଓସି ଦେବ ଏଫ୍‌ଏସ୍‌ଡିଏଲ୍**

ଏଫ୍‌ଏସ୍‌ଡିଏଲ୍ ବର୍ତ୍ତମାନ ଏଆଇଏଫ୍‌ଏଫ୍‌ର ଆର୍ଥିକ ସହଯୋଗୀ। ୨୦୧୦ରେ ଉଭୟଙ୍କ ମଧ୍ୟରେ ୧୫ ବର୍ଷ ଲାଗି ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ସାଇନ୍ କରାଯାଇଥିଲା। ଏହି ଏମ୍‌ଆର୍‌ଏ ଅଧୀନରେ ଏଫ୍‌ଏସ୍‌ଡିଏଲ୍ ଆଇଏସ୍‌ଏଲ୍ ଆୟୋଜନ କରୁଥିଲା। ଡିସେମ୍ବର ୮ ତାରିଖରେ ଚୁକ୍ତିର ଅବଧି ଶେଷ ହେବାକୁ ଥିବାରୁ ଏଫ୍‌ଏସ୍‌ଡିଏଲ୍ ଜୁନ ୧୧ ତାରିଖରେ ଆଇଏସ୍‌ଏଲ୍‌କୁ ସ୍ଥଗିତ ଘୋଷଣା କରିଥିଲା। ପୂର୍ବରୁ ସ୍ୱାକ୍ଷର ହୋଇଥିବା ଚୁକ୍ତିରେ ରଖାଯାଇଥିବା ପ୍ରଥମେ ମୂଲଚାଲ କରିବା ଓ ମେଳ କରିବାର ଅଧିକାରକୁ ହଟାଇବା ଲାଗି ଏଫ୍‌ଏସ୍‌ଡିଏଲ୍ ରାଜି ହୋଇଛି। ଏହା ଏଆଇଏଫ୍‌ଏଫ୍‌କୁ ଏକ ମୁକ୍ତ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ଆୟୋଜନ କରିବା ପାଇଁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରିବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ